
ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା
ଆହ୍ୱାନ
ମାତୃ ବନ୍ଦନା
ମା ତୁମେ ଆସିବ ବୋଲି
ଖବର ଆସିଛି
ଡିଜିଟାଲ ଇଣ୍ଡିଆ
ଖାସ ତୁମରି ପାଇଁ
ସ୍ପନ୍ଦନ, ଜୀବନ
ଦଶରାର ଦଶା
ଅହେତୁକ ଭୟ
ଶୁଭ ଅଶୁଭ ମୁହୂର୍ତ୍ତ
ଏକ ପ୍ରହେଳିକା
ଅକ୍ଟୋବର ୨୦୧୫ ସଂସ୍କରଣ
ଆମ ପକ୍ଷୀ ଜଗତ



ଦଶମ ବର୍ଷ, ଦଶମ ସଂଖ୍ୟା
ଅକ୍ଟୋବର, ୨୦୧୫



# ଆହ୍ୱାନ

ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି,ଏମ୍.ସି.ଏଚ୍, ପି.ଜି.ଡ଼ି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ : ୯୦୪୦୦୯୮୫୪୬୩ ଇ-ମେଲ୍ : aahwaan@gmail.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର  ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।



ଦଶମ ବର୍ଷ, ଦଶମ ସଂଖ୍ୟା
ଅକ୍ଟୋବର, ୨୦୧୫

www.aahwaan.com
ଆହ୍ୱାନ - ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

# ସମ୍ପାଦକୀୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ




## ଡିଜିଟାଲ୍ ଇଣ୍ଡିଆ ବନାମ ଗ୍ରାମୀଣ ଭାରତ

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବାପରଠାରୁ ଚଳିତ ବର୍ଷ ପର୍ଯ୍ୟନ୍ତ ଆମ ଦେଶକୁ ଅନେକ ରାଜନେତା ଓ ରାଜନୈତିକ ଦଳ ରାଜୁତି କରି ଆସିଛନ୍ତି । କହିବା ଅନାବଶ୍ୟକ, ଯେଉଁମାନେ ଦେଶକୁ ସୁନ୍ଦର ରୂପେ ଚଳାଇବା କଥା ସେମାନେ ଦେଶକୁ ନିଜର ସମ୍ପତ୍ତି ଭାବି ଲୁଟିଛନ୍ତି । ଏହା କେବଳ କହିବା ପାଇଁ ମୁଁ କହୁନାହିଁ, ଏଠି ଏମିତି ନେତା ଅଛନ୍ତି, ଯେଉଁମାନେ ସାମାନ୍ୟ କୃଷିକ୍ଷେତ୍ରରୁ ଯାଇ ରାଜନୀତି କରିବାପରେ ପାଞ୍ଚ କିମ୍ବା ଦଶ ବର୍ଷରେ କୋଟି କୋଟି ସମ୍ପତ୍ତିର ଅଧିକାରୀ ହୋଇପାରିଛନ୍ତି । ଶିକ୍ଷୟିତ୍ରୀ ଭାବେ ଜୀବନ ବିତାଉଥିବା ମହିଳା ଜଣେ ରାଜନୀତି କରିବାପରେ ନିଜ ସମ୍ପତ୍ତି ଅନେକ ଶହକୋଟି ବୋଲି ଦେଖାଇ ପାରୁଛନ୍ତି ଅଥଚ ତାଙ୍କ ବିରୋଧରେ ଆସୁଥିବା ଆୟ ବହିର୍ଭୂତ ସମ୍ପତ୍ତିର ସମସ୍ତ ଅଭିଯୋଗ ମିଥ୍ୟା ବୋଲି ପ୍ରମାଣିତ ହୋଇଯାଉଛି । କାରଣ ଏଠି ସାଧାରଣ ଜନତା ନିହାତି ସାଧାରଣ ହୋଇ ରହିଯାଇଛନ୍ତି ଆଉ ଯେଉଁମାନେ ଏହି ଜନତାଙ୍କ ଭଲମନ୍ଦ ବୁଝିବେ ବୋଲି ଭାବି ଭୋଟ୍ ପାଇଥିଲେ ସେମାନେ ଅସାଧାରଣ ଜୀବନ ବିତାଉଛନ୍ତି ।

ଦେଶର ଧନୀକ ଶ୍ରେଣୀ ସବୁପ୍ରକାର ସୁଖ ସୁବିଧା ପାଉଥିବା ବେଳେ ଗରୀବ ମାନଙ୍କୁ ଗରୀବ ହୋଇ ରହିବାକୁ ଦିଆଗଲା । ସ୍ୱାଧୀନତା ପରବର୍ତ୍ତୀ ଅନେକ





ଦଶନ୍ଧିରେ କେବଳ ଗୋଟିଏ ପ୍ରଚାର ଶୁଣି ଆସିଲୁ, 'ଗରିବୀ ହଟାଓ', ହେଲେ ସତୁରି ବର୍ଷପରେ ମଧ୍ୟ ଗରିବ ଆଉ ଗରିବ ଏହି ଦେଶରୁ ଗଲେ ନାହିଁ । ପ୍ରତ୍ୟେକ ଥର ସାଧାରଣ ନିର୍ବାଚନ ସମୟରେ ରାଜନୈତିକ ଦଳମାନେ ନୂଆ ନୂଆ ସମୀକରଣମାନ ଦେଖାଇଲେ, ଅବାସ୍ତବ ଲାଗୁଥିଲେ ସୁଦ୍ଧା ସେମାନଙ୍କ ସୁନେଲୀ ସ୍ୱପ୍ନରେ ଆମେ ସମସ୍ତେ ବାରମ୍ବାର ମସଗୁଲ ହୋଇ ରହିଲେ ଏବଂ ସବୁଥର ଭକୁଆ ହେଲେ । ନିଜେ କିଛି କରିବାର ସ୍ୱପ୍ନ ଦେଖିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନଥିଲା, ତେଣୁ ଯେଉଁମାନେ ପାରିଲେ ନିଜେ ନିଜକୁ ଧନୀକ ଶ୍ରେଣୀରେ ସାମିଲ କରିବାକୁ ଲାଗିଲେ, ଆଉ କିଛି ଲୋକ କେବଳ ସମାଲୋଚନାକୁ ପାଥେୟକରି ଜୀବନ ବିତାଇଲେ । ଆହୁରି ଅନେକ ଥିଲେ, ଯେଉଁମାନେ ଆମେରିକା ଆଦି ପାଶ୍ଚାତ୍ୟ ଦେଶଗୁଡ଼ିକୁ ଯାଇ ରହିଲେ ଯେ ଫେରିବାର ନାଁ ନେଲେନି । ଧୀରେ ଧୀରେ ରାଜନୀତିକୁ ଅପରାଧୀମାନଙ୍କ ସ୍ୱର୍ଗ କରିଦିଆଗଲା । ଭଲ ଲୋକମାନେ ଆଉ ସାହାସ କଲେନାହିଁ, ଏହି ରାଜନୀତିଜ୍ଞମାନଙ୍କୁ ସାମନା କରିବାକୁ । ତେଣୁ ଆଖିକାନ ବନ୍ଦ କରିଦେଇ ରହିଲେ । ଦୀର୍ଘ ଛଅ ଦଶନ୍ଧିପରେ ଭାରତରେ ପୁଣିଥରେ ଭାରତୀୟ ଜନତା ପାର୍ଟି, ଶ୍ରୀ ନରେନ୍ଦ୍ର ଦାମୋଦରଦାସ ମୋଦୀଙ୍କ ନେତୃତ୍ୱରେ ବହୁମତ ପାଇ ଆସିଲା ପରେ କାହିଁକି କେଜାଣି ମନରେ ଗୋଟିଏ ଦୃଢ଼ ଆସ୍ଥା ଆସିଲା ଯେ, ବର୍ତ୍ତମାନ ସବୁ ଠିକ୍ ହୋଇଯିବ । ଆଧୁନିକତାର ମନ୍ତ୍ରରେ ଭାରତର ପ୍ରଗତିକୁ ମୁଖ୍ୟ କରି ମୋଦୀ ଶାସନ ଭାର ଗ୍ରହଣ କରିବାପରେ ଜନମାନସରେ କିଛି ପରିମାଣର ଆଶ୍ୱାସନା ଜାଗ୍ରତ କରିପାରିଲେ ଯେ ଦେଶ ଉନ୍ନତ କରିପାରିବ । ମଙ୍ଗଳ ଗ୍ରହକୁ ଯାନ ପ୍ରେରଣ କରି ସେ ବିଶ୍ୱକୁ ଜଣାଇଦେଲେ ଯେ ଆମ ଦେଶର ବୈଜ୍ଞାନିକମାନେ କୌଣସି ଗୁଣରେ ଅନ୍ୟ ଦେଶମାନଙ୍କ ଠାରୁ କମ ନୁହନ୍ତି । ବିଶ୍ୱର ଅନେକ ଦେଶ ଭ୍ରମଣ କରି ସେମାନଙ୍କ ବନ୍ଧୁତ୍ୱକୁ ଆଦରର ସହ ଆକର୍ଷିତ କରିବାରେ ମୋଦୀ ହୁଏତ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିବେ ।

ଚଳିତ ମାସରେ ମୋଦୀ ପୁଣିଥରେ ଆମେରିକାର ଗସ୍ତରେ ଅଛନ୍ତି ଏବଂ ଏହି ସମୟରେ ସେ ବିଶ୍ୱର ସିଲିକନ୍ ଭ୍ୟାଲି ଭାବରେ ପରିଚିତ ଅଞ୍ଚଳରେ ନିଜର ପତିଆରା ଜାହିର କରିବାକୁ ଉଦ୍ୟମ କରିଛନ୍ତି । ବିଶ୍ୱର ଶ୍ରେଷ୍ଠ କମ୍ପାନୀମାନେ ମଧ୍ୟ ଖୋଲା ହୃଦୟରେ ମୋଦୀଙ୍କ ସ୍ୱାଗତ ଜଣାଇଛନ୍ତି । ଏହା ମୋଦୀଙ୍କ ଡିଜିଟାଲ୍ ଇଣ୍ଡିଆର ଅଂଶ ବିଶେଷ । ହେଲେ କିଛି ରାଜନୈତିକ ଦଳ ମୋଦୀଙ୍କ ଏହି କାର୍ଯ୍ୟକ୍ରମ ଅନାବଶ୍ୟକ ବୋଲି ଦାବୀ କରୁଛନ୍ତି । କିଛି ଲୋକ କହୁଛନ୍ତି ଯେତେବେଳେ ଦେଶର ସର୍ବସାଧାରଣ ଦୈନିକ ଡାଲିଚାଉଳ ପାଇଁ ଅସ୍ତବ୍ୟସ୍ତ ହେଉଛି, ଯେତେବେଳେ ଚାଷୀମାନେ ଅଭାବ ଅନଟନରେ ପଡ଼ି ଆତ୍ମହତ୍ୟା କରୁଛନ୍ତି ସେହି ସମୟରେ ମୋଦୀ ଦେଶର ଆଭ୍ୟନ୍ତରୀଣ ଅସୁବିଧାକୁ ଦୂର ନ କରି ବିଦେଶରେ ଯାଇ ଡିଜିଟାଲ୍ ଇଣ୍ଡିଆର ପ୍ରଚାର କରିବା କେତେଦୂର ଯୁକ୍ତିଯୁକ୍ତ ? ଯେଉଁମାନେ ଏହି ସବୁ କଥା କହୁଛନ୍ତି ସେମାନଙ୍କ ମତକୁ ନିଶ୍ଚୟ ପ୍ରାଧାନ୍ୟ ଦେବା ଉଚିତ, କାରଣ ଭାରତ ଏକ କୃଷିପ୍ରଧାନ ଦେଶ ଏବଂ ଏଠାରେ ଚାଷୀ ଓ କୃଷିକୁ ପ୍ରାଧାନ୍ୟ ଦେବା ପ୍ରତ୍ୟେକ ପ୍ରଧାନମନ୍ତ୍ରୀଙ୍କ

କର୍ତ୍ତବ୍ୟ । ହେଲେ ଯେଉଁମାନେ ଏହ ଅଭଯୋଗ ଆଣୁଛନ୍ତ ସେମାନେ ବଗତ ଷାଠିଏ ବର୍ଷ ଧର କଣ କରୁଥିଲେ ? ଯେତେବେଳେ କଂଗ୍ରେସର ପ୍ରଧାନମନ୍ତ୍ରୀମାନେ କେବଳ କୁହାମୁଣ୍ଡା କପିଳା ହୋଇ ଆମେ ଗରୀବ ଦୂର କରବୁ କହ କହ ନଜେ କୋଟିପତ ହୋଇଗଲେ, ହେଲେ କଛ ପରସ୍ଥିତରେ ପରବର୍ତ୍ତନ ଆଣିପାରଲେ ନାହିଁ, ସେତେବେଳେ ସେମାନଙ୍କୁ କାହିଁକ କେହ କଛ କହୁନଥିଲେ । ହୁଏତ କହଥିବେ ମଧ, କନ୍ତ କେବଳ ସୋସିଆଲ୍ ନେଟୱାର୍କିଂ ସାଇଟ୍ ଯୋଗୁଁ ଆଜ ଆମେ ଏମାନଙ୍କ ସ୍ୱର ଶୁଣିବାକୁ ପାଇଛୁ, ଯାହା ହୁଏତ ବଗତ ଅନେକ ବର୍ଷରେ ହେଉନଥିଲା, କମ୍ବା ସେହ ସମୟରେ ସୋସିଆଲ୍ ନେଟୱାର୍କିଂ ସାଇଟ୍ ଥିଲେ ହୁଏତ ସେତେବେଳେ ବ ଏମିତ ଅଭଯୋଗ ମାନ ଆସିଥାନ୍ତା । ଏଥିରେ ଗୋଟିଏ କଥା କନ୍ତ ସ୍ପଷ୍ଟ ହୋଇଯାଇଛ, ଡିଜଟାଲ୍ ଆନ୍ଦୋଳନ ଯୋଗୁଁ ଆଜ ଆମ କଥା ସମସ୍ତେ ଶୁଣିପାରୁଛନ୍ତ । ଯଦ ଏମିତ ଆମେ ସବୁ ବଷୟରେ ଅଭଯୋଗ କରପାରବା ତା ହେଲେ କେହ ନା କେହ ତ ନଶ୍ଚୟ ଶୁଣିବ ?

ଗାଁରେ ଯଦ ଇଣ୍ଟରନେଟ୍ ସୁବଧା ରହବ, ହୁଏତ ଆଜ ନହେଲେ କାଲ ଚାଷୀମାନେ ଏହାର ସୁବଧା ଉଠାଇପାରବେ । ନୂଆ ନୂଆ ଜ୍ଞାନକୌଶଳ ସେମାନଙ୍କ ହାତପାହାନ୍ତାରେ ପହଞ୍ଚିପାରବ । ବଭନ୍ନ ସୂଚନା କ୍ଷୀପ୍ର ଗତରେ ସେମାନଙ୍କୁ ଉପଲବ୍ଧ କରାଇ ଦଆଯାଇ ପାରବ ।

## ନେଡ଼ିଗୁଡ଼ କହୁଣୀକୁ ବହଲାଣି

ସମ୍ଭ୍ରାନ୍ତ ପରବାରରେ ଜନ୍ମିତ ଜନୈକ ବ୍ୟକ୍ତିଙ୍କର ଅଗଣିତ ପତ୍ନୀ ଓ ସନ୍ତାନ ଥିଲେ । ଖାଇବା ପିଇବାରେ କୌଣସି ଅସୁବଧା ନଥିଲା । ବାପାଦାଦା ଅମଳରୁ ଥିବା ସମ୍ପତ୍ତିରେ ସେ ସୁଖରେ ଚଳୁଥିଲେ, ହେଲେ ସବୁଦନ ସମାନ ଯାଏନ । ଦନ ଏମିତ ଆସିଲା ଥିଲା ସମ୍ପତ୍ତି ସରବାକୁ ବସିଲା । ସେତେବେଳେ ଘର ଚଳାଇବା କଷ୍ଟ ହେଉଥିଲା । ତଥାପି ସମସ୍ତ ସନ୍ତାନଙ୍କୁ ଶିକ୍ଷା ଦେବାରେ ସେ କେବେ ଊଣା କରନଥିଲା । ହେଲେ କେଇଜଣ ସନ୍ତାନ ଭଲ ପଢୁଥିଲେ ମଧ କଛ ସନ୍ତାନ ଶିକ୍ଷାଗ୍ରହଣରୁ ବରତ ରହଲେ । ଦେଖୁ ଦେଖୁ ସନ୍ତାନମାନେ ବଡ଼ ହେଲେ, ଘର ଚଳାଇବା ଭର କଷ୍ଟ ହେଉଥିଲା । ବାପାଙ୍କ ନର୍ଦ୍ଦେଶରେ ଯେଉଁ ପୁଅମାନେ ଚାକରୀ ବ୍ୟବସାୟ କରୁଥିଲେ କଛ କଛ ଟଙ୍କା ପ୍ରତମାସରେ ଘରକୁ ଦେଉଥିଲେ ଯାହା ଦ୍ୱାରା ଘର ଚାଲୁଥିଲା । କର୍ମଠ ପୁଅମାନଙ୍କ ଦୟାରେ ଘର ଚାଲୁଥିଲା ଆଉ ଯେଉଁମାନେ କଛ ପଢ଼ିଲେ ନାହିଁ କମ୍ବା ଚାକରୀ ବ୍ୟବସାୟ କରଲେ ନାହିଁ, ସେମାନଙ୍କ ଖର୍ଚ୍ଚ ଘରଖର୍ଚ୍ଚରୁ ବାହାର କର ଦଆଯାଉଥିଲା ।

ଧୀରେ ଧୀରେ ପୁଅମାନଙ୍କ ବବାହ କରଦଆଗଲା । ବବାହ ପରେ ନଜ ପରବାର ପ୍ରତପୋଷଣ ପାଇଁ ପୁଅମାନେ ନଜ ଆୟରୁ କଛ ଅଂଶ ଲୁଚେଇ ରଖିବାକୁ ବାଧହେଲେ । ଘରକୁ ଦେଉଥିବା ଟଙ୍କା ମଧ ନଅଣ୍ଟ ହେବାକୁ ଲାଗିଲା । ବେକାର ଥିବା ସନ୍ତାନମାନଙ୍କୁ ଖାଇବାକୁ ଦେବାମଧ ଅସମ୍ଭବ ହେବାକୁ ଲାଗିଲା । ଏହ ସମୟରେ ସେମାନଙ୍କ ପରବାର ବ ବଢ଼ିବାକୁ ଲାଗିଥିଲା ।

ବେକାରଥିବା ପୁଅମାନଙ୍କୁ ଖାଇବାକୁ ଦେବା ପାଇଁ ଅର୍ଥାଭାବ ଦେଖାଦେଲା । ପୁଣି ସେମାନଙ୍କ ପିଲାଙ୍କୁ ପାଠ ପଢ଼ାଇବା, ସେମାନଙ୍କ ଦେହପା ପାଇଁ ଖର୍ଚ୍ଚ ସବୁ କିଛି କର୍ମଠ ପୁଅଙ୍କ ଉପରେ ପଡ଼ିଲା । ଯାହା ଫଳରେ ସେମାନେ ବିରୋଧ କରିଲେ । ବାପା ଯେତେ କହିଲେ ସୁଦ୍ଧା କର୍ମଠ ପୁଅମାନେ ଆଉ ଅର୍ଥଦେବାକୁ ରାଜି ହେଲେନି । ଶେଷରେ ବାପା ଫତୁଆ ଜାରି କରି କହିଲା, ତୁମେମାନେ ଦେବାକୁ ହିଁ ପଡ଼ିବ । ଅନ୍ୟୋପାୟ ନ ପାଇ କର୍ମଠ ପୁଅମାନେ ନିଜ ନିଜ ରାସ୍ତା ବାଛିନେଇ ଦୂରକୁ ଚାଲିଗଲେ ।

ବର୍ତ୍ତମାନ ଭାରତରେ ସଂରକ୍ଷଣର ଅବସ୍ଥା ଠିକ୍ ଏହିପରି ହୋଇଗଲାଣି । ଯେଉଁମାନେ କାମ କରୁଛନ୍ତି ସେମାନଙ୍କ ଆୟରୁ କିଛି ଅଂଶ ନେଇ ବେକାର ମାନଙ୍କୁ ପ୍ରତିପୋଷଣ କରାଯାଉଛି । ଦେଶର ସମ୍ପତ୍ତି ବୋଲି ଯାହା ଅଛି ତାହା ବି ନଅଣ୍ଟ ହେଲାଣି । ତଥାପି ସରକାରଙ୍କ ନିଦ ଭାଙ୍ଗୁନାହିଁ । ମାଗଣାରେ ଖାଇବାକୁ ନ ଦେଇ ବରଂ ସେମାନଙ୍କୁ ଶିକ୍ଷା ଓ କର୍ମନିଯୁକ୍ତି ଦେଇ ପାରିଲେ ସେମାନଙ୍କ ଉନ୍ନତି ହୋଇପାରନ୍ତା । ଅବଶ୍ୟ ସେଇଥିପାଇଁ ପାଖାପାଖି ସତୁରି ବର୍ଷ ହେଲା ସଂରକ୍ଷଣ ଦେବା ପରେ ଏବେ ଉପଲବ୍ଧି ହେଉଛି ଯେ ଖାଲିରେ ବସି ଖାଇବା ଲୋକ ହାତଗୋଡ଼ ଚଳେଇବାକୁ ଚାହୁଁନାହାନ୍ତି, ଆଉ ମାଗଣାରେ ସବୁ ଜିନିଷ ପାଇବା ପାଇଁ ନିଜକୁ ବେକାର ଓ ଅସହାୟ ବୋଲି ଦାବୀ କରୁଛନ୍ତି । ଦିନ ଆସିବ, ସଂରକ୍ଷଣର ଦୁଷ୍ପ୍ରଭାବ ସମସ୍ତେ ଉପଲବ୍ଧି କରିବେ । ଯେତେବେଳେ ଯୋଗ୍ୟ ସନ୍ତାନମାନେ ଘର ଛାଡ଼ିଦେଇ ବିଦେଶରେ ଯାଇ ରହିବେ ।

ଯୋଗ୍ୟତାକୁ ଅସମ୍ମାନ ଯେଉଁଠି, ସେଇଠି ଉନ୍ନତି କେମିତି ହେବ !!!ଆମ ଦେଶ ଅନୁନ୍ନତ କାହିଁକି ?

ଅନେକ ବର୍ଷତଳେ ସୁଶାନ୍ତ ନିଜ ଗାଁରେ ଯେତେବେଳେ ସ୍କୁଲରେ ପଢୁଥିଲା, ସେତେବେଳେ ଗାଁରେ ଛୁଆଁଅଛୁଆଁ ଭାବ ପ୍ରବଳ ଥିଲା । ସୁଶାନ୍ତର ଜେଜେମା ଲୋକଙ୍କୁ ଦୂରଦୂର ମାରମାର କରିବାରେ ସିଦ୍ଧହସ୍ତା ଥିଲେ । ସମସ୍ତେ ତାଙ୍କୁ ଡରୁଥିଲେ । ବିଦେଶରେ ଚାକିରୀ କରି ଅନେକ ବର୍ଷପରେ ନିଜ ଗାଁକୁ ଫେରିଥିବା ସୁଶାନ୍ତ ଗାଁର ଅବସ୍ଥା ଦେଖି ଚମକି ପଡ଼ିଥିଲା । ଯେଉଁ ଲୋକମାନଙ୍କୁ ଅଛୁଆଁ ବୋଲି କୁହାଯାଉଥିଲା, ସେମାନଙ୍କ ବସ୍ତିରେ ସୁଉଚ୍ଚ ଅଟ୍ଟାଳିକାମାନ ଗଢ଼ି ଉଠିଥିଲା । ଦେଶରେ ଉନ୍ନତି ନିଶ୍ଚୟ ହେଉଛି ବୋଲି ତା ମନରେ ଧାରଣା ଆସିଥିଲା । ଗାଁର ଜନୈକ ବ୍ୟକ୍ତି ସରକାରୀ ସଚିବ ସ୍ତରରେ ଚାକିରୀ କରୁଥିଲେ, ଏବଂ ତାଙ୍କର ଦୁଇପୁଅ ମଧ୍ୟ ସରକାରୀ ଚାକିରୀ ପାଇଥିଲେ । ସେହିପରି ବସ୍ତିର ପ୍ରାୟ ଅଧିକାଂଶ ଲୋକ ଚାକିରୀ କରୁଥିଲେ । ସମାଜରେ ସମାନତା ଆସିଯାଇଥିଲା ଦେଖି ସେ ଖୁସି ହେଉଥିଲା ।

ଗାଁ ମଣ୍ଡପ ଉପରେ ସନ୍ଧ୍ୟାରେ ବସିଥିବା ଚର୍ଚ୍ଚାରେ ସେ ସମ୍ମାନିତ ଅତିଥି ଥିଲା । ଗାଁ ଭିତରର ଦୃଶ୍ୟ କିନ୍ତୁ ବଦଳି ଯାଇଥିଲା । ଅନେକ ଯୁବକ ବେକାର ଥିଲେ । ବ୍ରାହ୍ମଣ କରଣ ଘର ପିଲାମାନେ ବେକାର ବସିଥିଲେ । ଏହା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲା । ସାମାନ୍ୟ ହସିଦେଇ ରଘୁ ଗୋସେଇଁ କହିଲେ, ମାସକୁ ଲକ୍ଷେ ଟଙ୍କା ରୋଜଗାର କରୁଥିବା ଲୋକର ପିଲା ଯେତେ ଗଧ ବା ମୂର୍ଖ ହେଲେ ମଧ୍ୟ ସଂରକ୍ଷଣ ପାଉଛନ୍ତି, ଆଉ ଆମ ଘର ପିଲେ ଭଲ ପଢ଼ାପଢ଼ି

କରିବା ସତ୍ତ୍ୱେ ଉଚ୍ଚ ଶିକ୍ଷା ପାଉନାହାନ୍ତି କି ଚାକିରୀ ପାଉନାହାନ୍ତି । ଭଲ ସମାନତା ଆସିଛି ସମାଜରେ !!! କହିଲେ କଥାଟା ଖରାପ ଲାଗିପାରେ, କିନ୍ତୁ ବାପ ଆଜିକାଲିର ଯୁଗରେ ଯିଏ ଅଛୁଆଁଙ୍କ ଘରେ ଜନ୍ମ ହେଇଛି ତା ପରି ଭାଗ୍ୟ କାହାର ନାହିଁ !!! ମାଗଣାରେ ଘର, ଭତ୍ତା, ଚାଉଳ, ଶିକ୍ଷା, ଚାକିରୀ, ମୋବାଇଲ୍, ଟିଭି, ବିଜୁଳି... ଆଉ କେତେ କଣ । ଆମ କଥା କିଏ ପଚାରେ ? ଆମେ ସବୁ କାଳେ ସ୍ୱଚ୍ଛଳ ବର୍ଗ, ଘରେ ପଛେ ଆମର ଚୁଲି ନ ଜଳୁ ଖାଲି ଜନ୍ମରୁ ବ୍ରାହ୍ମଣ କରଣ ହୋଇଛୁ ବୋଲି ଆଜି ଏହି ଦିନ ଦେଖିବାକୁ ପଡୁଛି । ଧିକ୍ ଏ ସ୍ୱାଧୀନତା !!! ଧିକ୍ ଆମ ଶାସନ ବ୍ୟବସ୍ଥା !!! ଅଯୋଗ୍ୟ, ଅକାଳକୁଷ୍ମାଣ୍ଡମାନଙ୍କୁ ସବୁପ୍ରକାର ସୁବିଧା ସୁଯୋଗ ଦେଇ ଦେଇ ସତୁରି ବର୍ଷ ବିତଗଲାଣି, ତଥାପି ସେମାନଙ୍କ ଉନ୍ନତି ହେଉନି ? ସଂରକ୍ଷଣ ଦାଉରେ ଅନେକ ଯୋଗ୍ୟ ଛାତ୍ର ବେକାର ବସୁଥିଲା ବେଳେ ଅଯୋଗ୍ୟ ମାନଙ୍କୁ ଶିକ୍ଷା ଆଉ ଚାକିରୀ ଛାଏଁ ଛାଏଁ ମିଳିଯାଉଛି । ତୁ ହିଁ କହ ବାପ, ସମାଜ ଉନ୍ନତି କରୁଛି ନା ଅବନତି କରୁଛି ? ମୁଁ ତ ଭଗବାନଙ୍କୁ ପ୍ରାର୍ଥନା କରୁଛି, ହେ ପ୍ରଭୁ ଆର ଜନମରେ ମୋତେ ଅଛୁଆଁ ଘରେ ଜନମ ଦିଏ ।

ମୁହଁରେ ରାଗକୁ ଲୁଚେଇବାକୁ ଅସମର୍ଥ ବଳିଆ କହୁଥିଲା, ଏଠି କିଏ ଯୋଗ୍ୟତାକୁ ପଚାରୁଛି ଭାଇନା ? ସବୁ ତ ଜାତିକୁ ଧରି ଚାଲିଛନ୍ତି । ମୁଁ ଅମୁକ ଜାତି ମୁଁ ସମୁକ ଜାତି । ଆମ ଘରେ ସବୁ ଧନୀ ହେଲେ ବି ଆମେ ସଂରକ୍ଷଣ ପାଇବାକୁ ହକଦାର୍ । ଆଉ ଅବସ୍ଥା ଏମିତି ହେଲାଣି ଯେ ଏବେ ସମସ୍ତେ ସଂରକ୍ଷଣ ମାଗିଲେଣି । କାହିଁକି ନ ମାଗିବେ କହୁନ ? ଆମ ପରି ଅନ୍ତତଃ ଦରିଦ୍ର ତ ହେବେନି ? ଆମ ପିଲେ କଣ ଦୋଷ କରିଥିଲେ ? ସ୍କୁଲରେ ପଢ଼ିଲା ବେଳେ ଆମେ ଲାଗିପାରି ସେମାନଙ୍କୁ ସବୁଠୁ ଭଲ ଶିକ୍ଷା ଦେଲୁ, ହେଲେ ହେଲା କଣ ? ମେଡ଼ିକାଲ୍, ଇଞ୍ଜିନିୟରିଂ ପଢ଼ିବାକୁ ସେମାନେ ଅଗ୍ରାଧିକାର୍ ପାଇଲେ । ଚାକିରୀରେ ବି ସେମାନେ ? ଆମେ ତ ନିଜକୁ ଦଳିତ ଭଳି ମନେ କରିଲୁଣି । ଏଇ ଦେଶର କିଛି ଭବିଷ୍ୟତ ନାହିଁ । ମାଙ୍କଡ଼ ହାତେ ଶାଳଗ୍ରାମ... ନ୍ୟାୟରେ ସବୁ ଚାଲିଛି । ଛି... । ତୁ ବାପ ଭାଗ୍ୟ କରିଛୁ ବିଦେଶ ପଳେଇଛୁ ।

ସଭିରେ ଅସ୍ୱାଭାବିକ ଭାବରେ ନିରବତା ଖେଳି ଯାଇଥିଲା । ସୁଶାନ୍ତ ମୁଣ୍ଡରେ ହାତ ଦେଇ ଭାବୁଥିଲା, ଆମେରିକାରେ ଘରଦ୍ୱାର କିଣି ରହିବା ହିଁ ବର୍ତ୍ତମାନ ସବୁଠାରୁ ଶ୍ରେଷ୍ଠ ଉପାୟ । ଅନ୍ତତଃ ସେଇ ଦେଶରେ ଯୋଗ୍ୟତାର ସମ୍ମାନ ଅଛି । ସଂରକ୍ଷଣ ପାଇଁ ନିଜକୁ କେହି ନ୍ୟୁନ ବୋଲି ଦେଖାଇ ହେଉନାହାନ୍ତି । ଆମେରିକା ହେଉ ବା ଲଣ୍ଡନ ଅବା ଅଷ୍ଟ୍ରେଲିଆ.. ସେ ସବୁ ଦେଶ କାହିଁକି ଉନ୍ନତ, ତାହା ଆଉ ବୁଝିବାକୁ ସମୟ ଲାଗିନଥିଲା ।

ଆଶା କରୁଛି ଚଳିତ ମାସର ଶାରଦୀୟ ପରିବେଶରେ ଉପସ୍ଥାପିତ ଏହି ବିଶେଷ ପାର୍ବଣ ସଂସ୍କରଣ ଆପଣ ମାନଙ୍କୁ ଭଲ ଲାଗିବ । ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା





# ଚଳିତ ସଂସ୍କରଣରେ...


| | | | |
|---|---|---|---|
| ସମ୍ପାଦକୀୟ | ୪ | ଦଶରା'ର ଦଶା | ୩୭ |
| ମା ତୁମେ ଆସିବ ବୋଲି | ୧୧ | *ରଶ୍ମୀରଞ୍ଜନ ଦାଶ* | |
| *ପ୍ରତିଭା ପ୍ରିୟଦର୍ଶିନୀ* | | ଅଶାନ୍ତି | ୩୯ |
| ଖବର ଆସିଛି | ୧୨ | *ହିତେଶ୍ ମହାପାତ୍ର* | |
| *ରଶ୍ମୀରଞ୍ଜନ ଦାଶ* | | ଏମିତି ଝିଅକୁ ପାଉଛି ଭଲ | ୪୦ |
| ଅନ୍ତରଙ୍ଗ ବନ୍ଧୁତା | ୧୪ | *ଶିଶିର କୁମାର ସାମଲ* | |
| *ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ* | | ଜୀବନ | ୪୧ |
| ମାତୃ ବନ୍ଦନା | ୧୫ | *ହିମାଂଶୁ ଶେଖର ବାରିକ* | |
| *ଉପାସନା ଦାଶ* | | ଜଣକ ଅପେକ୍ଷାରେ | ୪୩ |
| ମା ଆସିବେ | ୧୬ | *ଶୁଭ୍ରାଂଶୁ କୁମାର ବର୍ଣ୍ଣାଳି* | |
| *ଅମିତାଭ ସାହୁ* | | ବାବା ସାରଥୀ | ୪୪ |
| ଆମ ପକ୍ଷୀଜଗତ | ୧୮ | *ଲକ୍ଷ୍ମୀକାନ୍ତ ନାୟକ* | |
| *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | | ବୃଦ୍ଧାଶ୍ରମ | ୪୫ |
| ଶୁଭ ଅଶୁଭ ମୁହୂର୍ତ୍ତ, ଏକ ପ୍ରହେଳିକା | ୩୧ | *ପ୍ରଶାନ୍ତ କୁମାର ନାଥ* | |
| *ବାଲ୍ମୀକି ନାୟକ* | | ସ୍ପନ୍ଦନ | ୪୭ |
| ଡିଜିଟାଲ୍ ଇଣ୍ଡିଆ | ୩୫ | *ଜୟନ୍ତୀ ବେହେରା* | |
| *ଡା ସୌମ୍ୟରଞ୍ଜନ ମିଶ୍ର* | | | |


**http://www.facebook.com/odiaparibar**





ଜୟ ଜଗନ୍ନାଥ ୪୯
ଅନୁପମ ବେହେରା

ଗଙ୍ଗ ଶିଉଳୀ ୫୦
କମଳକାନ୍ତ ସୁବୁଦ୍ଧି

ରଜାଝିଅ ୫୧
ସୁଶାନ୍ତ କୁମାର ନନ୍ଦ

ସତ୍ୟତା ୫୨
ନକୁଞ୍ଜ କଶୋର ସେଠୀ

ଖାସ୍ ତୁମର ପାଇଁ ୫୩
ଡା ରଜେନ୍ଦ୍ର କୁମାର ବେହେରା

ଗାଁଟି ମୋର ଲାଞ୍ଜିଗଡ଼ ୫୫
କ୍ଷେତ୍ରବାସୀ ଜେନା

ହଜଯାଉଛ ଶାସ୍ତ୍ର ଓ ସଂସ୍କୃତ ୫୭
ସୁଷମା ତ୍ରପାଠୀ

ସବୁଜ ବୈକୁଣ୍ଠନାଥଙ୍କ ସ୍ୱପ୍ନ ୬୧
ବଦ୍ୟାଧର ପଣ୍ଡା

ଧ୍ରୁବସ୍ୱାମିନୀରେ ଚରତ୍ରଚତ୍ରଣ ୬୪
ରଞ୍ଜିତା ପାତ୍ର

ବାଡ଼ିପଟେ କେଳକଦମ୍ବ ଓ ମୁଁ ୬୭
ଭଗିରଥୀ ବେହେରା

ସ୍ପୃଶ୍ୟାସ୍ପୃଶ୍ୟ ୬୯
ପ୍ରଶାନ୍ତ କୁମାର ଭୂୟାଁ

ଆହା ବଚରା !!! ୭୧
ଅରବନ୍ଦ ଆଚାର୍ଯ୍ୟ

ଅହେତୁକ ଭୟ ୭୪
ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ

କପୋତୀ ୮୨
ଅନୁପମ ବେହେରା

ଏଇ ଶରତରେ ୮୩
ଜଗନ୍ନାଥ ସାହୁ

# ଶାରଦୀୟ ଅଭିନନ୍ଦନ

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ ଆସନ୍ତା ମାସ (ନଭେମ୍ବର) ଦଶ ତାରଖରେ ପ୍ରକାଶିତ ହେବ, ନଜ ଲେଖା ପତ୍ରିକାରେ ପ୍ରକାଶିତ କରବା ଇଚ୍ଛୁକ ଲେଖକଲେଖିକା ନଜ ଲିଖିତ କୃତକୁ ଆମ ନକଟକୁ ଇମେଲ୍‌ଦ୍ୱାରା ପଠାଇ ପାରବେ କମ୍ବା ଚଠିଦ୍ୱାରା ପଠାଇ ପାରବେ । ଅଧିକ ସୂଚନା ପାଇଁ ପତ୍ରିକାର ଶେଷ ପୃଷ୍ଠାକୁ ପଢ଼ନ୍ତୁ ।

http://www.facebook.com/groups/aahwaan



ଏହ ଇ-ପତ୍ରିକା ଆହ୍ୱାନ ଓଡ଼ିଆ ପରବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଦଶମ ବର୍ଷ, ଦଶମ ସଂଖ୍ୟା
ଅକ୍ଟୋବର, ୨୦୧୫
www.aahwaan.com
ଆହ୍ୱାନ - ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହତ୍ୟ ଇ-ପତ୍ରକା



# ମା ତୁମେ ଆସିବ ବୋଲ



ପ୍ରତଭା ପ୍ରିୟଦର୍ଶିନୀ



ପ୍ରତଭା ପ୍ରିୟଦର୍ଶିନୀ

ଶ୍ରାବଣରେ ଧୋଇଧାଇ ନଜକୁ
ଭେଦୁଅ ଖରରେ ଶୁଖି
ଧରଣୀ ଗୃହିଁଛି ଆଖିରେ ଅଞ୍ଜନ ମାଖି
ମା ତୁମେ ଆସିବ ବୋଲ ।
ଉଚ୍ଛୁଳା ନଦୀର ମଟାଳ ପାଣିରେ
ଉର୍ବର ପଠାର ପିଠିରେ ବୁଦାବୁଦା
କାଶତଣ୍ଡୀ ଖିଲଖିଲ ହସିଲଣି
ମା ତୁମେ ଆସିବ ବୋଲ ।
ଝଡାପତ୍ର ସ୍ଥାନେ ସବୁଜ ପଲ୍ଲବ
ବୃନ୍ତଧାରେ କଳକାର ଆଗମନ
ମନ୍ଦାର ବ ଫୁଟିବାକୁ ମନ କରଲଣି
ମା ତୁମେ ଆସିବ ବୋଲ ।
ଆକାଶ ନୀଳମା,ଭାସନ୍ତ ବାଦଲ,
ଡେଣାଝଡା ପକ୍ଷୀ ଓ ଚକ୍ ମିକ୍ ରତ
ପାର୍ବଣର ପ୍ରସ୍ତୁତରେ ହଜଲେଣି
ମା ତୁମେ ଆସିବ ବୋଲ ।
ପୀଠ ଠାରୁ ପୁରପଲ୍ଲୀ
ମଣ୍ଡପରୁ ଭବନ,ଝୁମ୍ପୁଡି
ଚତୁର୍ଦିଗେ ସ୍ୱାଗତ ର ଝୁଣାଗନ୍ଧ ପୁରଲଣି
ମା ତୁମେ ଆସିବ ବୋଲ ।

କଟକ

# ଖବର ଆସିଛ ... ! ! !




ରଶ୍ମୀ ରଞ୍ଜନ ଦାଶ




ଖବର ଆସିଛ...ଆଜ ଖବର ଆସିଛ...
କୈଳାସ ପୁରୁ ମର୍ତ୍ତ୍ୟମଣ୍ଡଳେ ଖବର ଆସିଛ....
ମହାବଜ୍ଞାନୀ ନାରଦମୁନୀ ସେ ବ୍ରହ୍ମା ନନ୍ଦନ
ଖୋଜଣ ଆଣିଛନ୍ତ ଖବର କର ବ୍ରହ୍ମାଣ୍ଡ ଭ୍ରମଣ...
ସତେ ଖବର ଆସିଛ... କଛ ସୂଚଇ ଦେଉଛ..
ସୁଖର ଦନ ଆସୁଛ ଆଉ ଦୁଃଖ ଯାଉଛ...........୧

ନାରଦ ମୁନୀ ଆଗମ ଜାଣି ଏ ଧର୍ ପୁଲକତ
କେଉଁ ଖବ୍ର ଶୁଣିବା ପାଇଁ ନାଚ ଉଠଇ ଜଗତ
ସେତ ଖବର୍ ଆଣିଛନ୍ତ ...ଆଜ ଶୁଣିବେ ସକଳ ଜାତ
ମନେଖେଳବ ଆନନ୍ଦ ଢେଉ..ହୃଦ ଗାଇବ ଗୀତ.......୨

ଏତେ ଆବେଗ ଆଉ ଏ ଧର୍ ପାରୁନ ଜମା ସହ
ଉଚ୍ଛୁର ଆଉ କରନ ଜମା ନାରଦ ଦଅ କହ
ହସିଣ ତହୁଁ କହନ୍ତ ଗୀର ନାରଦ ମୁନବର
ଧନ୍ୟ ଧନ୍ୟ ହେ ଧରଣୀ ରଣୀ ଶୁଣ ଏ ଖବର......
ମାଆ ଆସୁଛନ୍ତ...କେତେ ହସୁଛନ୍ତ
ଜଗତଜନ ଆନନ୍ଦଦାୟୀ ପାର୍ବଣ କର ସାଥୀ.......୩

ବ୍ରହ୍ମାଣ୍ଡରଣୀ ମାଆ ଠାକୁରଣୀ ଶିବଙ୍କ ଘରଣୀ
ଜଗତ ଦୁଃଖ ନପାରେ ସହ କୈଳାସ ନନ୍ଦିନୀ





ଛୁଆର ଦୁଃଖ ଲାଘବ ହେବ ସୁଖ ଆସିବ ଫେର
ଆସିଛ ମାଆ ହୋଇବ ସାହା ମହଷାସୁର ମାର
ମାଆ ଛୁଆର ମିଳନ ଆଜ ଦେଖିବ ଏ ବ୍ରହ୍ମାଣ୍ଡ
ସକଳ କ୍ଳେଶ ହୋଇବ ଦୂର ପୁରବ ଆଶା ଭାଣ୍ଡ.....୪

ଏକଥା ଶୁଣି ଜଗତପ୍ରାଣୀ ହୋଇଲେ ପୁଲକତ
ଜଡ଼ବ ପୁଣି ଚେତନ ହୋଇ ଗାଇଲା ମାଆ ଗୀତ
କାଶତଣ୍ଡୀ ତା" ସୁନ୍ଦର ଦେହ ଲୁଗ୍ୱଇ ରଖିଥିଲା
ମାଆ ଆଗମ ଖବର୍ ଜାଣି ମେଲାଇ ସତେ ଦେଲା..
ଆକାଶ ହେଲା ସୁନୀଳ ପୁଣି ଘେନ ଧଳା ମେଘର  ତୋରଣ
ନାହିଁ ବରଷା ନାହିଁଟି ଖରା ହେବ ମାଆ ଆଗମନ......୫

ଅଧମ ମୁହିଁ ମଣିଷ ଜାତ ସ୍ୱାର୍ଥରେ ବନ୍ଧା ଆଖି
ଅହଙ୍କାରରେ ହୋଇଣ ମତ୍ତ ତୋତେ ନପାରେ ଦେଖି
କରୁଣାମୟୀ ମାଆଲେ ମୋର ଖୋଲବୁ ମୋ ନୟନ
ସ୍ନେହ ଅଞ୍ଜନ ଲଗାଇ ଦୃଷ୍ଟି ସୁଧାର ଦେବୁ ଜାଣ
ଦେବୁ ପଛକେ ସକଳ ଦୁଃଖ ନରକ କୁମ୍ଭିପାକ
ଅନ୍ତର ପାଶୁ କରବୁ ନାହିଁ ନଦେବୁ ନାହିଁ ସୁଖ
ତୋହ ପଣତ ଛାଇରେ ରହ କରବ ପ୍ରାୟଶ୍ଚିତ
ସେଇତ ମୋର ଶୋଡ଼ସ ପୂଜା ଘେନବୁ ଆହେ ମାତ...୬



ଦଶମ ବର୍ଷ, ଦଶମ ସଂଖ୍ୟା
ଅକ୍ଟୋବର, ୨୦୧୫



# ଅନ୍ତରଙ୍ଗ ବନ୍ଧୁତା



ଡା ସନ୍ଧ୍ୟାରଣୀ ପାଣିଗ୍ରାହୀ



ଭଗବାନ ତୁମ ସହ ମୋର ଅନ୍ତରଙ୍ଗ ବନ୍ଧୁତା

ତୁମ ସହ ଆଲାପ କରବାକୁ ଏକାନ୍ତ ବବଶତା

କୁହ ଏ ଦୁନଆ ସତରେ ତୁମେ ବନାଇଛ

ଏ ସବୁ ତୁମ ସୃଷ୍ଟିର ଅପରହାର୍ଯ୍ୟ ନଗୃଉଛ

ଏ ମଣିଷ ଗୁଡାକ ତୁମ ସହ ସନ୍ଧି କରଛନ୍ତ

ଉତ୍ପାତ ଏ ମହୀରେ ଏମିତ ହେଉଛନ୍ତ

ଏ ଗୁଡାକୁ ପୁଣି ମର୍କତ କର ଦେଖ ବ୍ରହ୍ମ ଦାରୁ

ଡିଆଁ ଡେଇଁ କର ଗ୍ଳଯାଆନ୍ତ ଉତ୍ତର ମହାମେରୁ

ଭୋକଲ୍ ପେଟରେ ଫଳମୂଳ ଖାଇ

ସକାଳୁ ଉଠି ନତ୍ୟକର୍ମ ସାର ଅଫିସ୍ ଯାଇ

କଛ ଲୋଡାନାହ ସତେ ଏ ସୁବର୍ଣ୍ଣ ସୁଯୋଗ

ବାବା ହୋଇ ତୁମକୁ ବଦନାମ କରବା ଦୁର୍ଯ୍ୟୋଗ

କେତେ ଆଉ ସମ୍ଭାଳବ ଏ କଳଙ୍କ ଦୁଷ୍ଟାତ୍ମାର

ତୁମ ଲୀଳା ତୁମ ଖେଳ ଏ ସଭିଙ୍କ ଅହଙ୍କାର

ତୁମ ଏ ସୁନ୍ଦର ସୃଷ୍ଟି ରଚନାର ମହନୀୟ ଭାବ

କେତେ ଆଉ ଲୁଗୃଇବ କୋହରେ ଲୁହ ଝରଇବ

ବରଷ୍ଠ ସ୍ତ୍ରୀ ଓ ପ୍ରସୂତୀ ରେଗ ବଶେଷଜ୍ଞା
ଡକ୍ଟରସ୍ ଲେନ୍, ବ୍ରହ୍ମପୁର

# ମାତୃବନ୍ଦନା



ଉପାସନା ଦାଶ



ଶତୃ ନାଶିନୀ ଭବଭୟ ହାରଣୀ
କର ଆଜ ପୁଣି ଏକ ମହଷାସୁରର ଦମନ,
ଆଜ ଏହ ଧରାପୃଷ୍ଠେ ହୁଅ ତୁମେ ଅବତୀର୍ଣ୍ଣ
କର ଉଦ୍ଧାର ଆଜ ନାରୀର ହଜଥିବା ସେଇ ସମ୍ମାନ ।
ଦଶଶିର ଧାରୀ ଆସୁରକ ଶକ୍ତି
ଆଜବ ବୁଲୁଛି ରାସ୍ତାରେ ହୋଇ ଉଲଗ୍ନ,
ଅମାନବତା ମାତ୍ସର୍ଯ୍ୟ ଗର୍ବ ଅହଙ୍କାରେ
ହୋଇ ଉଠିଛି ଉନ୍ମତ୍ତ ତା'ର ମନ ।
ସ୍ୱାର୍ଥ ଅନ୍ୟାୟ ଲୋଭ କାମ ମୋହ
କ୍ରୋଧ ଡରାଉଛି ଆଜ ପ୍ରତ ପରାଣ,
ଦୂର କର ତୁମ ଖଡ୍ଗରେ ଆଜ ଘୋଟିଥିବା
ଏଇ ଅମା ଅନ୍ଧାର ଆଣି ଆଲୋକର ଜ୍ଞାନ ।
ଏହ ଯେ ପ୍ରାର୍ଥନା, ଆମର କାମନା
ବଜୟୀ କର ଆମକୁ
ଶକ୍ତି ଦଅ କର କମଳେ
ଦୀପ୍ତି ଦଅ ନୟନ ଯୁଗଳେ ।
ହେଉ ଆମେ ତୁମ ଆଭାରେ ଉଜ୍ଜ୍ୱଳ
ବୁଣି ଦେଉ ଶାନ୍ତ ଓ ପ୍ରୀତର ବାରତା
ପୁଣି ଏ ସାରା ଭୂମଣ୍ଡଳେ ।


ବେଦାନ୍ତ ଲମିଟେଡ଼, ଲାଞ୍ଜିଗଡ଼
କଳାହାଣ୍ଡି, ଓଡ଼ିଶା



# ମା ଆସିବେ...



ଅମିତାଭ ସାହୁ



ମା ଆସିବେ ବୋଲି, ଚାଲିଛି ସଜବାଜ
ପୁରପଲ୍ଲୀଠୁ ସହର ଦୋକାନ ବଜାର
ସବୁଠି ରଙ୍ଗ ବେରଙ୍ଗର ବେଶ...
ଦେଖିବ ଆସ, ଆଦିବାସୀ କିଶୋରୀର
ନିଷ୍ପାପ ଓଠ ତଳେ ଖିଲି ଖିଲି ହସ,
କାଶତଣ୍ଡୀର ପୁଲକରେ ରଙ୍ଗ ଭରିଛି ଆକାଶ
ଚଉଦିଗେ, ପବିତ୍ରତାର ମହମହ ବାସ ।

ମା ଆସିବେ
ମେଢ଼ ମଣ୍ଡପରେ ବସିବେ ସତ;
ପୂଜାପାଠ ହେବ ଭେଳିକି
ଜମିବ ମେଲୋଡ଼ି ନାଚ,
ମଦର ନିଶାରେ ମତୁଆଲି ହେବେ ଜନତା
ମାରପିଟ୍ କଳହ ଅଶାନ୍ତି ନିଶ୍ଚିତ ।

ଶୁଣିଛି, ତୁମେ ମହିଷାମର୍ଦ୍ଦିନୀ
ଶକ୍ତି ପ୍ରଦାୟିନୀ
ତୁମେ ସିନା ସଂହାରିଥିଲ
ଗୋଟିଏ ମହିଷାସୁର
ହେଲେ ଆଜି ଏଠି

କୁଢ଼ କୁଢ଼ ମହଷାସୁର
ଆଖି ସାମନାରେ ଭ୍ରଷ୍ଟାଗ୍ଣର
ବଭ୍ରାଟ ଓ ବସ୍ଫୋରଣ
ବଢ଼ି ଗ୍ଲଲଛ ପାପଭାର,
ତଥାପି ତୁମେ ନୀରବଦ୍ରଷ୍ଟା
କାହିଁକ ଏ ମନାନ୍ତର ?

ପୋଛ ନଅ ମା’ ଏ ଧରାରୁ
ଯେତେସବୁ କଳଙ୍କ
ଅନ୍ୟାୟ, ଅନୀତ ଅତ୍ୟାଗ୍ଣର ।

ବଡ଼ସାହ, କଳମ୍ବ, ପୋଲସରା,
ଗଞ୍ଜାମ, ଓଡ଼ିଶା, ୭୬୧୧୦୫
ମୋବାଇଲ୍ - ୯୭୭୮୫୬୬୯୮୫ / ୯୮୬୧୦୦୩୮୮୬

# ଆମ ପକ୍ଷୀଜଗତ



ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ



ଓଡ଼ିଶାରେ ପ୍ରାୟ ୫୪୦ ପ୍ରକାରର ପକ୍ଷୀ ଥିବା କଥା ବଶ୍ୱ ପ୍ରାଣୀ ସଂଗଠନ ସୂତ୍ରରୁ ପ୍ରକାଶ । ଏହ ସବୁ ପକ୍ଷୀ ରାଜ୍ୟର ବଭିନ୍ନ ଅଞ୍ଚଳରେ ଦେଖାଯାଇଥାନ୍ତି । ଏହ ସବୁ ପକ୍ଷୀ ବ୍ୟତୀତ ଅନେକ ପକ୍ଷୀ ଶୀତଋତୁରେ ଚଲକା ଏବଂ ଅନ୍ୟ ହ୍ରଦମାନଙ୍କରେ ଆସି ଜମା ହୁଅନ୍ତି । ରାଜ୍ୟର ପକ୍ଷୀମାନଙ୍କ ମଧ୍ୟରୁ ଅଧିକାଂଶ ପକ୍ଷୀ ଜଙ୍ଗଲ ଭଳ ଅଞ୍ଚଳମାନଙ୍କରେ ଦେଖାଯାଉଥିବା ବେଳେ କେତେକ ପକ୍ଷୀ ସାଧାରଣତଃ ଆମ ଆଖପାଖରେ ଦେଖାଦେଇଥାନ୍ତି । ସେହଭଳ ଅନେକ ପକ୍ଷୀମାନଙ୍କ ମଧ୍ୟରୁ କଛି ପକ୍ଷୀ ବଷୟରେ ଏଠାରେ ଉଲ୍ଲେଖ କରୁଛି । ଆମେ ସମସ୍ତେ ପ୍ରତଦନ ଅନେକ ପକ୍ଷୀ ଦେଖୁଛେ, କନ୍ତୁ କେବେ ନରଖେଇ ଦେଖିବା କଥା ଚନ୍ତା କରନଥିବା, ହେଲେ ଆଶା କରୁଛି ଏହ ଲେଖାଟି ପଢ଼ିବାପରେ ଆପଣମାନେ ନଶ୍ଚୟ ନଜ ଆଖପାଖରେ ଦେଖାଯାଉଥିବା ପକ୍ଷୀମାନଙ୍କୁ ଦେଖିବାକୁ ଚେଷ୍ଟା କରିବେ । ଏହ ପକ୍ଷୀମାନେ ପ୍ରତ୍ୟକ୍ଷ ଓ ପରୋକ୍ଷଭାବରେ ଆମ ପରବେଶ ସନ୍ତୁଳନରେ ସହାୟତା କରନ୍ତି । ଏମାନଙ୍କ ସୁରକ୍ଷାର ଦାୟିତ୍ୱ ଆମେ ନେବା ଉଚତ ।

## ୧. ଭଦଭଦଳଆ (Indian Roller)

ଇଣ୍ଡିଆନ୍ ରୋଲର୍ ବା ଭଦଭଦଳଆ ବା ଭରଦ୍ୱାଜ ପକ୍ଷୀ କୁ ଅନେକ ସ୍ଥାନରେ ନୀଳକଣ୍ଠ ପକ୍ଷୀବୋଲ ମଧ୍ୟ କୁହାଯାଏ । ଏହା ଓଡ଼ିଶାର ରାଜ୍ୟପକ୍ଷୀର ମର୍ଯ୍ୟାଦା ପାଇଛି । ଭାରତର ଅନେକ ରାଜ୍ୟ ଏହ ପକ୍ଷୀକୁ ସମାନ ସମ୍ମାନ ଦେଇଛନ୍ତି । ବଷୁବବୃତ୍ତାଞ୍ଚଳ ଅନ୍ତର୍ଭୁକ୍ତ ଏସିଆ ମହାଦେଶର ସମସ୍ତ ଦେଶରେ ଏହ ପକ୍ଷୀ ଦେଖିବାକୁ

ମିଳେ । ସେମାନେ ପ୍ରାୟ ସବୁସ୍ଥାନରେ ସବୁ ସମୟରେ ଦେଖିବାକୁ ମିଳନ୍ତି । ରାସ୍ତାପାର୍ଶ୍ୱରେ ଥିବା ଗଛଲତା, ବିଦ୍ୟୁତ ତାର, ଗଛଡ଼ାଳ ଇତ୍ୟାଦି ଉପରେ ସେମାନେ ବସିଥିବାର ଦେଖାଯାଏ । ଭାରତର ସମସ୍ତ ରାଜ୍ୟରେ ଏହି ପକ୍ଷୀ ଦେଖାଯାଆନ୍ତି ।



ଭଦଭଦଳିଆ ଏକ ସୁନ୍ଦର ପକ୍ଷୀ ଯାହା ୨୬-୨୭ ସେମି ପର୍ଯ୍ୟନ୍ତ ବଢ଼ିଥାଏ । ଏହାର ଛାତି ଧୂସର ରଙ୍ଗର ହୋଇଥାଏ । ଶରୀର ନୀଳରଙ୍ଗର ହୁଏ । ହାଲକାରୁ ଗାଢ଼ନୀଳ ରଙ୍ଗରେ ଏହାର ଶରୀର ସୁନ୍ଦର ଦେଖାଯାଏ । ଲାଞ୍ଜ ଆକାଶିଆ ନୀଳ ରଙ୍ଗର ଥାଏ । ଲାଞ୍ଜର ମଧ୍ୟଭାଗରେ ହାଲୁକା ସବୁଜ ରଙ୍ଗ ଦେଖାଯାଏ । ଆଖିର ଚାରିପାଖ ଗାଢ଼ ହଳଦିଆ ରଙ୍ଗ ଦେଖାଯାଏ । ଏମାନଙ୍କ ଥଣ୍ଟ ଲମ୍ବା ଏବଂ ଚେପଟାକୃତି ହୋଇଥାଏ । ଉପରଭାଗ ବଙ୍କା ହୋଇଥିବା ବେଳେ ଅଗଭାଗ ହୁକ୍ ଭଳି ହୋଇଥାଏ । ଏହି ପକ୍ଷୀର ନାକ ଲମ୍ବାଥାଏ ଏବଂ ଉପରକୁ ଖୋଲାଥାଏ ।

ସମତଳ ଭୂଇଁମାନଙ୍କରେ ଏହି ପକ୍ଷୀ କୀଟପତଙ୍ଗ ମାନଙ୍କୁ ଖାଇବାପାଇଁ ଉଚ୍ଚସ୍ଥାନରୁ ଉଡ଼ି ଆସିବା ଏବଂ ଶୀକାର କରି ଫେରିବାବେଳେ ଏହାର ଡେଣା ଦେଖିବାକୁ ବହୁତ ସୁନ୍ଦର ଲାଗେ । ପୌରାଣିକ କଥାମାନଙ୍କରେ କିଛି ସ୍ଥାନରେ ଏହି ପକ୍ଷୀ ହନୁମାନଙ୍କର ଧାର୍ମିକ ଭାବନାସହ ଜଡ଼ିତ ବୋଲି କୁହାଯାଏ ।

## ୨. ଶଙ୍ଖ ଚିଲ (Brahminy Kite)

ଏହା ଏକ ସୁନ୍ଦର ଶିକାରୀପକ୍ଷୀ ଯାହା ପାଣିଥିବା ସ୍ଥାନ ମାନଙ୍କରେ ବହୁଳ ଭାବରେ ଦେଖାଯାଏ । ମାଛ ତଥା ବିଭିନ୍ନ ପ୍ରକାରର ସାନ ସାନ ପକ୍ଷୀ ଓ ପଶୁମାନଙ୍କୁ ଶୀକାର କରିବାରେ ଏହି ଚିଲ ସିଦ୍ଧହସ୍ତ । ଭୂଇଁଠାରୁ ବହୁତ ଉଚ୍ଚରେ ଉଡ଼ି ଉଡ଼ି ଏହି ପକ୍ଷୀ ଶୀକାର ଖୋଜିଥାଏ ଏବଂ ଶୀକାର ପାଇଗଲାପରେ ତୀବ୍ରବେଗରେ ଲମ୍ଫଦେଇ ଉଡ଼ିଆସି ନିଜର ମଜବୁତ ପଞ୍ଝାରେ ଶୀକାରକୁ ଜାବୁଡ଼ି ଧରି ଉଡ଼ିଯାଏ । ସମୁଦ୍ର କୂଳମାନଙ୍କରେ ଏବଂ ସହର ମାନଙ୍କରେ ମଧ୍ୟ ଏମାନଙ୍କୁ ଦେଖିବାକୁ ମିଳିଥାଏ । ଏହି ପକ୍ଷୀ ଏସିଆ ମହାଦେଶ ସହ ଅଷ୍ଟ୍ରେଲିଆରେ ବି ଦେଖାଯାଏ । ଆମ ରାଜ୍ୟର ଅନେକ ଜିଲ୍ଲାରେ ଏହି ପକ୍ଷୀକୁ ଦେଖିବାକୁ ମିଳେ । ସମୁଦ୍ର କୂଳମାନଙ୍କରେ ମଲାମାଛ ଓ ଶୁଖୁଆ ଖାଇବା ପାଇଁ ଏହି ଜାତିର ପକ୍ଷୀ ବହୁତ ଦେଖାଯାଆନ୍ତି ।

ଏହି ପକ୍ଷୀର ରଙ୍ଗ ଇଷତ ଲାଲ ହୋଇଥିବା ବେଳେ ଛାତି ଓ ବେକ ଧଳାହୋଇଥିବାରୁ ଏହାକୁ ଶଙ୍ଖଚିଲ ବୋଲି କୁହାଯାଏ । କିଛି ବ୍ୟକ୍ତି ଶଙ୍ଖ ଚିଲକୁ ଦେଖିବା ଶୁଭ ବୋଲି ମଧ୍ୟ କୁହନ୍ତି । ଉଚ୍ଚ ଆକାଶରେ ହ୍ୱିସିଲ୍ ମାରିବା ପରି ଶବ୍ଦ କରି ଏହି ପକ୍ଷୀ ଉଡ଼ିଥାଏ ।

ଏହି ପକ୍ଷୀ ଘଞ୍ଚ ଜଙ୍ଗଲ ଏବଂ ଜନବସତି ଠାରୁ ଦୂରରେ ଉଚ୍ଚ ଗଛମାନଙ୍କ ଡାଳରେ ନିଜପାଇଁ ଘର ତିଆରି କରେ ଏବଂ ସେଠାରେ ଅଣ୍ଡାଦେଇଥାଏ । ଅଧିକାଂଶ ସମୟ ଏହି ପକ୍ଷୀମାନେ ଜୋଡ଼ି ହୋଇ ରହିବାର ଦେଖାଯାଏ । ନିଜ ଓଜନଠାରୁ ଅଧିକ ଓଜନର ଶୀକାରକୁ ଏହି ପକ୍ଷୀ ଅତି ସହଜରେ ଧରି ଉଡ଼ିଯାଇପାରେ ।



ଡେଣା ମେଲେଇଦେଲେ ଏହି ପକ୍ଷୀ ପାଖାପାଖି ଏକ ମିଟର ଚଉଡ଼ା ହୋଇପାରେ । ଓଡ଼ିଶାର ଅନେକ ଜିଲ୍ଲାରେ ଏହି ପ୍ରଜାତିର ପକ୍ଷୀ ଦେଖାଯାଆନ୍ତି ନାହିଁ ।

### ୩. ବାଜ ପକ୍ଷୀ (Shikra)



ଏହା ଏକ ସାନ ଶିକାରୀ ପକ୍ଷୀ । ଏସିଆ ଏବଂ ଆଫ୍ରିକା ମହାଦ୍ୱୀପରେ ପ୍ରାୟତଃ ପ୍ରତ୍ୟେକ ଅଞ୍ଚଳରେ ଏମାନଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଏହି ଜାତୀୟ ପକ୍ଷୀ ସାଧାରଣତଃ ଅନ୍ୟ ଶିକାରୀ ପକ୍ଷୀ ଯଥା ଚିଲ ପରି ଦେଖାଯାଉଥିବା ବେଳେ ଏହା ଆକାରରେ ବହୁତ ଛୋଟ ଅଟେ ।

୨୬ରୁ ୩୦ ସେଣ୍ଟିମିଟର ଲମ୍ବା ଏହି ପକ୍ଷୀର ଡେଣା ଛୋଟ ଏବଂ ବକ୍ରାକାର ଅଟେ । ଏହାର ଲାଞ୍ଜ ଶରୀର ତୁଳନାରେ ଅପେକ୍ଷାକୃତଭାବେ ଲମ୍ବା ଅଟେ । ସଂପୂର୍ଣ୍ଣ ବୟସ୍କ ପକ୍ଷୀମାନଙ୍କ ପେଟ ଧଳା ଦେଖାଯାଏ । ଏବଂ ପିଠି ଭାଗ ପାଉଁଶିଆ ରଙ୍ଗ ଦେଖାଯାଏ । ପୁରୁଷ ପକ୍ଷୀମାନେ ହାଲକା ପାଉଁଶିଆ ରଙ୍ଗର ହେଉଥିବା ବେଳେ ମାଇ ପକ୍ଷୀମାନେ ବାଦାମୀ ରଙ୍ଗର ଦେଖାଯାଆନ୍ତି । ଏହି ପ୍ରଜାତିର ମାଇପକ୍ଷୀ ପୁରୁଷ ପକ୍ଷୀଠାରୁ ଆକାରରେ ବଡ଼ ଦେଖାଯାଆନ୍ତି । ଏହି ପକ୍ଷୀର ଗୋଡ଼ ହଳଦିଆ ଦେଖାଯାଉଥିବା ବେଳେ ପର ମାନଙ୍କର ଅଗ କଳା ଦେଖାଯାଏ ।

ଏହି ଜାତୀୟ ପକ୍ଷୀ ବନାଞ୍ଚଳ ସମେତ ସହରାଞ୍ଚଳରେ ମଧ୍ୟ ଦେଖିବାକୁ ମିଳିଥାଏ । ଏହି ପକ୍ଷୀ ସାନ ଜୀବଜନ୍ତୁ ସମେତ, କୀଟ ପତଙ୍ଗ, ଏଣ୍ଡୁଅ ଆଦି ଖାଇ ବଞ୍ଚନ୍ତି ।

### ୪. କପୋତ / କାପ୍ତା (Spotted dove)

ଏହା ଏକ ପାରାଜାତୀୟ ପକ୍ଷୀ ଯାହା ଭାରତ ସମେତ ଦକ୍ଷିଣ ଏସିଆର ଅନେକ ଦେଶରେ ଦେଖାଯାଏ । ଏହା ବ୍ୟତୀତ ବିଶ୍ୱର ଅନେକ ଦେଶରେ ବି ଏହି ପ୍ରଜାତି ଥିବାର ପ୍ରମାଣ ରହିଛି । ଲମ୍ବା ଲାଞ୍ଜଥିବା ପାରା ଶ୍ରେଣୀର ଏହି ପକ୍ଷୀର ବେକରେ ଅନେକ କଳାରଙ୍ଗର ଛୋପ ଉପରେ ଛୋଟ ଛୋଟ ଧଳାଦାଗ ରହିଥିବାରୁ ଏହାକୁ ସ୍ପଟେଡ୍ ଡୋଭ୍ ବୋଲି ମଧ୍ୟ କୁହାଯାଏ । ଏହାର ଲାଞ୍ଜର ଅଗ ଧଳା ହୋଇଥାଏ ଏବଂ ଶରୀରର ରଙ୍ଗ ହାଲୁକା ଧୂସର / ପାଉଁଶିଆ ହୋଇଥାଏ । ଏହି ପକ୍ଷୀର ଡେଣା ଗାଢ଼ ଧୂସର ରଙ୍ଗର ହୋଇଥିବା ବେଳେ ଡେଣାର ଅଗଭାଗ ହାଲୁକା ରଙ୍ଗର ହୋଇଥାଏ । ନିଘଞ୍ଚ ଜଙ୍ଗଲ ଏବଂ ବେଳେ ବେଳେ ଜନବସତି ନିକଟରେ ଏହି ଜାତିର ପକ୍ଷୀଦେଖିବାକୁ ମିଳେ । ଏମାନେ ଦଳ ଦଳହୋଇ ରହନ୍ତି ।

ମାଂସ ପାଇଁ ଏହି ଜାତିର ପକ୍ଷୀମାନଙ୍କୁ ଶୀକାର କରାଯାଏ । ଜଙ୍ଗଲରେ ଏମାନେ ବହୁଳ ସଂଖ୍ୟାରେ ମିଳୁଥିବାରୁ ଏମାନଙ୍କୁ ସହଜରେ ଶୀକାର କରାଯାଇପାରେ । ସହରାଞ୍ଚଳରେ ଏବଂ ଜନବସତି ଅଞ୍ଚଳରେ ମଧ୍ୟ ଏମାନେ ଖାଦ୍ୟକଣିକା ପାଇବା ଆଶାରେ ବହୁତ ସଂଖ୍ୟାରେ ଦେଖାଯାଆନ୍ତି । ଏମାନେ ଭୂଇଁରେ ପଡ଼ିଥିବା



ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ଖାଦ୍ୟ ନିଜ ଥଣ୍ଟରେ ଖୁମ୍ପି ଖୁମ୍ପି ଖାଇଥାନ୍ତି ।

## ୫. ମାଛରଙ୍କା / କିଙ୍ଗ୍‌ଫିସର

## (Common Kingfisher)

ଓଡ଼ିଶାରେ ଅନେକ ପ୍ରକାର କିଙ୍ଗ୍ ଫିସର ପକ୍ଷୀ ଦେଖାଯାଆନ୍ତି, ସେମାନଙ୍କ ମଧ୍ୟରେ କମନ୍ କିଙ୍ଗ୍ ଫିସର ସବୁଠାରୁ ସାନ । ୟୁରୋପ ଏବଂ ଏସିଆ ସମେତ ଏହା ଆଫ୍ରିକାରେ ମଧ୍ୟ ଦେଖାଯାଏ । ଜଳାଶୟମାନଙ୍କ ନିକଟରେ ଏହି ପକ୍ଷୀ ଦେଖାଯାଏ ଏବଂ ଶୀତଦିନମାନଙ୍କରେ ଅପେକ୍ଷାକୃତ ଅଧିକ ଥଣ୍ଡା ସ୍ଥାନମାନଙ୍କରୁ କମ ଥଣ୍ଡା ସ୍ଥାନମାନଙ୍କୁ ଏହା ଉଡ଼ିଯାଏ ।

ଘର ଚଟିଆ ଆକୃତିର ଏହି ପକ୍ଷୀର ଲାଞ୍ଜ ବହୁତ ସାନ, ଏବଂ ମୁଣ୍ଡ ବହୁତ ବଡ଼ । ଏହି ପକ୍ଷୀର ପିଠି ନୀଳ ରଙ୍ଗ ହୋଇଥିବା ବେଳେ ଛାତି କମଳାରଙ୍ଗର ହୋଇଥାଏ । ପିଠିରେ ଧଳା ଟୋପା ଥାଏ । ଏହାର ଥଣ୍ଟ ଲମ୍ବା ଥାଏ । କେବଳ ମାଛ ଧରି ଏହି ପକ୍ଷୀ ଖାଇଥାଏ ଏବଂ ସେଥିପାଇଁ ଏହାର ଥଣ୍ଟ ଲମ୍ବା ଓ ମୁନିଆ ହୋଇଥାଏ । ନଦୀପଠାରେ ଥିବା ଗାତ ମାନଙ୍କରେ ଏହି ପକ୍ଷୀ ଘର କରେ ଏବଂ ସେଠାରେ ଅଣ୍ଡା ଦିଏ ।



ଏଇ ପକ୍ଷୀ ୧୬ ସେମି ପର୍ଯ୍ୟନ୍ତ ବଢିପାରେ । ଏବଂ ୩୪ରୁ ୪୬ ଗ୍ରାମ ଓଜନ ହୋଇଥାଏ । ଏହି ପକ୍ଷୀ ତୀବ୍ରବେଗରେ ପାଣି ଉପରେ ଉଡ଼ିପାରେ । ପାଣିତଳେ ଥିବା ମାଛକୁ ସହଜରେ ଦେଖିବାପରେ ଏହି ପକ୍ଷୀ ତୀବ୍ରବେଗରେ ଉଡ଼ି ପାଣିତଳେ ଥିବା ମାଛକୁ ଧରିପାରେ ।

## ୬. କୁମ୍ଭାଟୁଆ (Greater coucal)





କୋଇଲି ଜାତୀୟ ଏହି ପକ୍ଷୀ ଦେଖିବାକୁ କାଉପରି ହୋଇଥାଏ । ଦକ୍ଷିଣ ଏସିଆର ଅନେକ ଦେଶ ଯଥା ଭାରତ, ଚୀନ, ନେପାଳ, ଇଣ୍ଡୋନେସିଆ ଆଦି ଦେଶରେ ଏହି ପକ୍ଷୀ ଦେଖାଯାଆନ୍ତି । କାଉପରି ଦେଖାଯାଉଥିବା ଏହି ପକ୍ଷୀର ଲମ୍ବା ଲାଞ୍ଜଥାଏ ଏବଂ ଡେଣାର ରଙ୍ଗ ଧୂସର ବାଦାମୀ ହୋଇଥାଏ । ଏମାନେ ସବୁପ୍ରକାର ପରିବେଶରେ ଦେଖାଯାଆନ୍ତି, ଘଞ୍ଚ ଜଙ୍ଗଲଠାରୁ ଆରମ୍ଭ କରି ବଡ଼ ବଡ଼ ସହର ମାନଙ୍କରେ ବି ଏମାନେ ଦେଖାଯାଆନ୍ତି । ଏହି ପକ୍ଷୀମାନେ ବହୁଦୂର ଉଡ଼ିପାରନ୍ତି ନାହିଁ, ତେଣୁ ଅଧିକାଂଶ ସମୟ ଏମାନେ ଗଛ ଗଛ ବୁଲୁଥିବାର ଦେଖାଯାଏ । ଏମାନେ କୀଟପତଙ୍ଗ, ଅନ୍ୟ ସରୀସୃପଙ୍କ ଅଣ୍ଡା, ଏବଂ ପକ୍ଷୀମାନଙ୍କ ବସାରୁ ଖାଦ୍ୟ ଖୋଜି ଖାଆନ୍ତି । ସେମାନେ ବହୁତ ଉଚ୍ଚ ସ୍ୱରରେ ହୁଁ ହୁଁ ପ୍ରକାରର ଶବ୍ଦ ସୃଷ୍ଟିକରନ୍ତି ।

ଏହି ପକ୍ଷୀ ୪୮ ସେମି ପର୍ଯ୍ୟନ୍ତ ବଢ଼ିପାରେ । ଏହାର ଦେହର ରଙ୍ଗ କଳା, ଏବଂ ଡେଣାର ଉପର ଭାଗର ରଙ୍ଗ ଧୂସର ବାଦାମୀ ହୋଇଥାଏ । ଆଖି ଗୁଡ଼ିକ ଲାଲ ରଙ୍ଗ ଦେଖାଯାଏ । ପୁରୁଷ ଓ ମାଈ ପକ୍ଷୀ ଏକାପରି ଦେଖାଯାଉଥିବା ବେଳେ ମାଈ ପକ୍ଷୀ ପୁରୁଷ ଅପେକ୍ଷା ବଡ଼ ଦେଖାଯାଏ ।

ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାରେ ଏହି ପକ୍ଷୀ ଦେଖାଯାଏ, ସ୍ଥାନେ ସ୍ଥାନେ ଏହାକୁ କାମୁଚିଆ ବା କୁମୁଟିଆ ପକ୍ଷୀ ବୋଲି ମଧ୍ୟ କୁହାଯାଏ । ଅନେକ ବିଶ୍ୱାସ କରନ୍ତି ଯେ ଏହି ପକ୍ଷୀର ମାଂସ ଖାଇଲେ ଶ୍ୱାସ ରୋଗ ହୁଏନାହିଁ, ତେଣୁ ଏହି ପକ୍ଷୀର ଅବାଧ ଶୀକାର କରାଯାଏ ।

## ୭. ତିତିରୀ (Grey francolin)

ଓଡ଼ିଶା ରାଜ୍ୟର ଅଧିକାଂଶ ସମତଳ ଅଞ୍ଚଳରେ ଦଳବଦ୍ଧ ଭାବରେ ନିର୍ଭୟରେ ବିଚରଣ କରୁଥିବା ଏହି ପକ୍ଷୀକୁ ଏହାର ସ୍ୱର ପାଇଁ ତିତିରୀ ବୋଲି କୁହାଯାଏ । କିଛି ଲୋକ ଏହାକୁ ଗୁଣ୍ଡୁରୀ ପକ୍ଷୀବୋଲି ମଧ୍ୟ କହିଥାନ୍ତି । ଏହି ଜାତୀୟ ପକ୍ଷୀ ସମତଳ ଅଞ୍ଚଳର ବୁଦାଥିବା ଗଛ,



ଖଜୁରୀ ଗଛ ଆଦି ନିକଟରେ ବୁଲି ବୁଲି ଖାଦ୍ୟ ଖୋଜୁଥିବା ଦେଖାଯାଏ । ଏମାନେ ଦଳବଦ୍ଧଭାବରେ ବୁଲନ୍ତି ଏବଂ ବିପଦର ଆଶଂକା ହେଲେ ବୁଦାମଧ୍ୟରେ ଲୁଚି ଯାଆନ୍ତି କିମ୍ବା ଉଡ଼ି ଚାଲିଯାଆନ୍ତି । ଏମାନେ ଏକାଠି ହୋଇ ବୁଲୁଥିବା ବେଳେ ବହୁତ ଶବ୍ଦ କରିଥାନ୍ତି । କିଛି କିଛି ସ୍ଥାନରେ ଏହି ଜାତିର ପକ୍ଷୀମାନଙ୍କୁ ପୋଷାମାନେଇ ରଖିବାର ଉଦାହରଣ ବି ଦେଖିବାକୁ ମିଳେ ଏବଂ ଭାରତର ଅନେକ ପ୍ରଦେଶରେ ଏହି ଜାତୀୟ ପକ୍ଷୀକୁ ଲଢ଼େଇ ପାଇଁ ମଧ୍ୟ ବ୍ୟବହାର କରାଯାଏ ।

ମଧ୍ୟମ ଆକାରର ଏହି ପକ୍ଷୀ ୨୯-୩୪ ସେମି ପର୍ଯ୍ୟନ୍ତ ବଢ଼ିଥାଏ । ଏବଂ ମାଇପକ୍ଷୀ ପୁରୁଷ ପକ୍ଷୀଠାରୁ ଆକାରରେ ସାନ ହୁଏ । ପକ୍ଷୀର ଦେହ ବାଦାମୀ ରଙ୍ଗର ହୋଇଥିବା ବେଳେ ମୁହଁ ଏବଂ ଗଳା ହାଲୁକା ଲାଲ ଓ ବାଦାମୀ ହୋଇଥାଏ । ଏହି ପ୍ରଜାତିର ପକ୍ଷୀ ବହୁତ ଦୂର ପର୍ଯ୍ୟନ୍ତ ଉଡ଼ିପାରନ୍ତି ନାହିଁ ଏବଂ ଚାଲି ଚାଲି ଯାଆନ୍ତି । ଧରାପଡ଼ିଯିବା ଭୟରେ ଏମାନେ ବଣବୁଦାରେ ଲୁଚି ଯାଆନ୍ତି ଏବଂ ସୁବିଧା ଦେଖି ଅଳ୍ପ ଦୂରତା ପର୍ଯ୍ୟନ୍ତ ଉଡ଼ିଯାଆନ୍ତି । ଏମାନେ ବହୁତ ଉଚ୍ଚସ୍ୱରରେ ଶବ୍ଦ କରିଥାନ୍ତି ।

## ୮. କଜଳପାତି (Black drongo)

ଅତୀତରେ ଆଖିରେ ଲଗାଯାଉଥିବା କଜଳକୁ



ରଖିବା ପାଇଁ ବ୍ୟବହାର କରାଯାଉଥିବା ଏକ ପାତ୍ରର ଆକାରର ଲାଞ୍ଜଥିବା ହେତୁ ଏହି ପ୍ରଜାତିର ପକ୍ଷୀମାନଙ୍କୁ ଓଡ଼ିଆରେ କଜଳପାତି ବୋଲି କୁହାଯାଏ । ଏସିଆ ମହାଦେଶର ପ୍ରତ୍ୟେକ ଦେଶରେ ଏମାନେ ଦେଖାଯାଆନ୍ତି । ଦୁଇଫାଳିଆ ଲାଞ୍ଜପାଇଁ ଏମାନେ ସ୍ୱତନ୍ତ୍ରତା ପାଇଛନ୍ତି । ୨୮ ସେମି ଦୈର୍ଘ୍ୟବିଶିଷ୍ଟ ଏହି ପକ୍ଷୀମାନେ ସାଧାରଣତଃ କୀଟପତଙ୍ଗମାନଙ୍କୁ ଖାଇଥାନ୍ତି । ଶସ୍ୟକ୍ଷେତ୍ର ଏବଂ ନିଘଞ୍ଚ ଜଙ୍ଗଲାଞ୍ଚଳରେ ଏମାନେ ବହୁସଂଖ୍ୟାରେ ଦେଖାଯାଆନ୍ତି । ପ୍ରାୟତଃ ଏମାନେ ବିଦ୍ୟୁତ ତାର ଉପରେ ବସିଥିବାର ଦେଖାଯାଏ । ଏହି ପ୍ରଜାତିର ପକ୍ଷୀମାନେ ଏମାନଙ୍କଠାରୁ ଆକାରରେ ବଡ଼ ଅନ୍ୟ ପକ୍ଷୀ ଯଥା କାଉ, ଚିଲ ଆଦିମାନଙ୍କୁ ଆକ୍ରମଣ କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ । ଏହି ପକ୍ଷୀ ରହୁଥିବା ଅଞ୍ଚଳରେ ସାନ ପକ୍ଷୀମାନେ ନିରାପଦରେ ରହିବାର ନିଦର୍ଶନ ମିଳେ ।

ଚକମିକିଆ କଳାରଙ୍ଗର ଏହି ପକ୍ଷୀର ଲାଞ୍ଜ ମଝିରୁ ଦୁଇଫାଳ ହୋଇ ଉଭୟ ପାର୍ଶ୍ୱକୁ ବଙ୍କା ହୋଇ ରହିଥାଏ ।

ବୟସ୍କପକ୍ଷୀମାନଙ୍କରେ ଏହି ଲାଞ୍ଜର ମଧ୍ୟଭାଗରେ ଧଳା ଚିହ୍ନଥିବାର ଦେଖିବାକୁ ମିଳେ । ଏମାନଙ୍କ ଶରୀର ରଚନାରୁ ଏମାନଙ୍କୁ ପୁରୁଷ ଓ ମାଈ ପକ୍ଷୀମାନଙ୍କୁ ଅଲଗା କରିବା ସମ୍ଭବ ନୁହେଁ । ଅଳ୍ପବୟସ୍କ ପକ୍ଷୀମାନଙ୍କ ଛାତି ହାଲୁକା ଧୂସର ବା ଧଳାରଙ୍ଗର ହୋଇଥାଏ ।

ଏହି ପ୍ରଜାତିର ପକ୍ଷୀ ଅତ୍ୟନ୍ତ ନିର୍ଭୟ ଓ ଲଢୁଆ କିସମର ବୋଲି ଜଣାଯାଏ । ନିଜ ରହୁଥିବା ଅଞ୍ଚଳରେ ଅନଧିକୃତ ପ୍ରବେଶକଲେ, ମାତ୍ର ୨୮ ସେମି ଦୈର୍ଘ୍ୟ ବିଶିଷ୍ଟ ଏହି ପକ୍ଷୀ ନିଜ ଆକାରଠାରୁ ବହୁତ ବଡ଼ ଆକାରର ପକ୍ଷୀମାନଙ୍କୁ ଆକ୍ରମଣ କରିପକାଏ । ଛୋଟ ଗୋଡ଼ ଏବଂ ଫୁର୍ତ୍ତିଲା ଶରୀର ହେତୁ ଏହା ପବନରେ ବିଭିନ୍ନ ପ୍ରକାର କଳାବାଜି ଦେଖାଇ ଦୂରରେ ଥିବା କୀଟମାନଙ୍କୁ ଧରିପାରେ । ବେଳେ ବେଳେ ଏମାନେ ପଡ଼ିଆ ମାନଙ୍କରେ ଘାସ ଚରୁଥିବା ଗାଈଗୋରୁଙ୍କ ପିଠିରେ ବସିଥିବା ଦେଖାଯାଏ ।

## ୯. ଶୁଆ (Rose ringed parakeet)

ଏହା ଶୁଆ ପ୍ରଜାତିର ଏକ ପ୍ରକାରର ପକ୍ଷୀ । ସବୁଜ ରଙ୍ଗର ଏହି ପକ୍ଷୀକୁ ସାଧାରଣତଃ ଲୋକମାନେ ନିଜ ଘରେ ପୋଷାମନେଇ ରଖିଥାନ୍ତି ଏବଂ ଏହି ପକ୍ଷୀ ମନୁଷ୍ୟର କଥାକୁ ଅନୁସରଣ କରିପାରେ ଏବଂ ପକ୍ଷୀ ହୋଇଥିବା ସତ୍ତ୍ୱେ ମନୁଷ୍ୟମାନଙ୍କ ପରି ବ୍ୟବହାର କରିପାରେ । ଘର ମାନଙ୍କରେ ପିଞ୍ଜରି ଭିତରେ ଥିବା ପକ୍ଷୀମାନେ ସାଧାରଣତଃ ଘରକୁ ଆସୁଥିବା ନୂଆ



ଲୋକମାନଙ୍କୁ ଦେଖିଲେ ବିଭିନ୍ନ ପ୍ରଶ୍ନ ପଚାରିପାରନ୍ତି ।

ପ୍ରାୟ ୪୦ ସେମି ଦୈର୍ଘ୍ୟ ବିଶିଷ୍ଟ ଏହି ପକ୍ଷୀ ଜଙ୍ଗଲ ଏବଂ ପାର୍ବତ୍ୟାଞ୍ଚଳରେ ଦେଖାଯାଆନ୍ତି, କିନ୍ତୁ କ୍ରମବର୍ଦ୍ଧିଷ୍ଣୁ ସହରୀକରଣ ହେତୁ ବର୍ତ୍ତମାନ ଏହି ପକ୍ଷୀମାନଙ୍କୁ ବଡ଼ ବଡ଼ ଦଳରେ ସହର ମଧ୍ୟରେ ଏବଂ ସହର ବାହାରେ ଥିବା ଗଛର କୋରଡ଼ମାନଙ୍କରେ ବସା ବାନ୍ଧି ରହିବାରେ ଦେଖାଯାଏ । ଏହି ପକ୍ଷୀମାନେ ପ୍ରାୟତଃ ହଳ ହଳ ହୋଇ ରହନ୍ତି । ଏହି ପ୍ରଜାତିର ଶୁଆମାନଙ୍କରେ ପୁରୁଷ ଶୁଆର ବେକରେ ଲାଲ ଓ କଳାରଙ୍ଗର ଗାର ଦେଖାଯାଏ, କିନ୍ତୁ ମାଈଶୁଆ ଏବଂ ଶିଶୁ ଶୁଆମାନଙ୍କରେ ଦେଖାଯାଏନାହିଁ ।

ଏହି ପ୍ରଜାତିର ପକ୍ଷୀମାନେ ବହୁତ ଶବ୍ଦ ସୃଷ୍ଟିକରି ଆକାଶରେ ଉଡ଼ିଯାଉଥିବାର ଦେଖାଯାଏ । ଏବଂ ଏମାନେ ଦଳବଦ୍ଧଭାବରେ ଆହାର ଅନ୍ୱେଷଣରେ ଯାଇଥାନ୍ତି । ଜନବସତି ନିକଟରେ ରହୁଥିବା ଏହି ପକ୍ଷୀମାନେ ଦୂରସ୍ଥାନକୁ ଯିବାର ଉଦାହରଣ ନାହିଁ । ଏମାନେ ସାଧାରଣତଃ ଗୋଟିଏ ସ୍ଥାନରେ ବସତି ସୃଷ୍ଟିକରି ରହନ୍ତି । କିନ୍ତୁ ଏମାନେ ଫସଲ ଅମଳ ସମୟରେ ଫସଲକୁ ନଷ୍ଟ କରୁଥିବା ହେତୁ ଏମାନଙ୍କୁ ଶୀକାର କରାଯିବାର ଦେଖାଯାଏ । ବିଶେଷତଃ ମକା ଜାତୀୟ ଫସଲକୁ ଏମାନେ ନଷ୍ଟ କରିଦିଅନ୍ତି ।

## ୧୦. ବଣି (Common myna)

ସାଧାରଣତଃ ବଣି ବା ମଇନା ବା ଭାରତୀୟ ମଇନା ଭାବରେ ପରିଚିତ ଏହି ପକ୍ଷୀ ଦଳ ଦଳ ହୋଇ ବସବାସ କରନ୍ତି । ଜନବସତି ନିକଟରେ ଏମାନେ ରହିବାର





ଦେଖାଯାଏ । ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ସହରମାନଙ୍କରେ ମଧ୍ୟ ଏମାନେ ବହୁ ସଂଖ୍ୟାରେ ଦେଖା ଦେଇଥାନ୍ତି । କୀଟପତଙ୍ଗ ସହିତ ବିଭିନ୍ନ ଗଛର ଫୁଲ ଓ ଫଳ ଏମାନେ ଆହାର ଭାବରେ ଗ୍ରହଣ କରନ୍ତି । ଜନବସତି ନିକଟରେ ବସବାସ କରୁଥିବା ବଣିମାନେ ମନୁଷ୍ୟମାନେ ଫୋପାଡ଼ି ଦେଉଥିବା ଖାଦ୍ୟକୁ ଗ୍ରହଣ କରିଥାନ୍ତି ।

ଭାରତୀୟ ସଂସ୍କୃତିରେ ଏମାନଙ୍କର ନିଦର୍ଶନ ରହିଛି, ଉଭୟ ସଂସ୍କୃତ ଓ ପ୍ରାକୃତ ଭାଷାରେ ଲିପିବଦ୍ଧ ଅନେକ ଗ୍ରନ୍ଥରେ ମଧ୍ୟ ଏହି ପକ୍ଷୀମାନଙ୍କ ବିଷୟରେ ଉଲ୍ଲେଖ ରହିଛି । ମଇନା ଶବ୍ଦ ହିନ୍ଦୀରୁ ଅଣାଯାଇଥିବା ବେଳେ ଏହା ସଂସ୍କୃତ ଶବ୍ଦ ମଦନରୁ ଉଦ୍ଧୃତ ବୋଲି ଜଣାଯାଏ ।

ବଣିମାନଙ୍କ ସଂଖ୍ୟା ଦିନକୁ ଦିନ ବହୁଳମାତ୍ରାରେ ବୃଦ୍ଧିପାଉଥିବା ଦୃଷ୍ଟିରୁ ୨୦୦୦ ମସିହାରେ ଏହି ପକ୍ଷୀକୁ ବିଶ୍ୱର ସବୁଠାରୁ ଦ୍ରୁତବେଗରେ ବୃଦ୍ଧିପାଉଥିବା ପ୍ରଜାତି ବୋଲି ଘୋଷଣା କରାଯାଇଥିଲା । ବିଶ୍ୱର ସର୍ବୋଚ୍ଚ ମାନ୍ୟତା ପାଇଥିବା ଶହେ ପକ୍ଷୀମାନଙ୍କ ମଧ୍ୟରେ ଏହା ଉପରର ତିନି ମଧ୍ୟରେ ରହେ, ଯାହା ଜୈବବିବିଧତା, କୃଷିପ୍ରଣାଳୀ ଓ ମନୁଷ୍ୟର ବ୍ୟବହାରକୁ ନେଇ ପରିବର୍ତ୍ତନଶୀଳ ବୋଲି କୁହାଯାଏ । କିନ୍ତୁ ଫସଲ ନଷ୍ଟ କରୁଥିବା ହେତୁ ଅଷ୍ଟ୍ରେଲିଆରେ ଏହି ପକ୍ଷୀକୁ ପରିବେଶପାଇଁ ହାନିକାରକ ବୋଲି କୁହାଯାଇଛି ।

ସାଧାରଣତଃ ଏହା ସମତଳ ଭୂଇଁରେ ଘାସ ମଝିରେ ବୁଲିବୁଲି ଝିଣ୍ଟିକାମାରି ଖାଏ । ଭୂମିଉପରେ ଚାଲିବା ସହ ଏହା ଡେଇଁ ଡେଇଁ ମଧ୍ୟ ଯାଏ ଏବଂ ବହୁଦୂର ପର୍ଯ୍ୟନ୍ତ ଉଡ଼ିଯାଇପାରେ ।

## ୧୧. କୋଚିଲାଖାଇ (Indian grey hornbill)

ଭାରତୀୟ ଉପଦ୍ୱୀପରେ ଦେଖାଯାଉଥିବା ଅନେକ ହର୍ଣ୍ଣବିଲ୍‌ମାନଙ୍କ ମଧ୍ୟରେ କୋଚିଲାଖାଇ ବା ଇଣ୍ଡିଆନ୍ ଗ୍ରେ ହର୍ଣ୍ଣବିଲ୍ ଅନ୍ୟତମ । ପ୍ରାୟତଃ ବଡ଼ ବଡ଼ ବର ଏବଂ କାକପୋଇ ଗଛରେ ଦୁଇ ଦୁଇ ହଳ ହୋଇ ଏମାନେ ରହନ୍ତି । ଏହି ପକ୍ଷୀର ଶରୀରରେ ପାଉଁଶିଆ ରଙ୍ଗର ପର ଥାଏ । ଏବଂ ଏହାର ପେଟ ହାଲକା ପାଉଁଶିଆ ବା ଧଳା ରଙ୍ଗର ହୋଇଥାଏ । ଏହାର ଥଣ୍ଟ ମୁନିଆ ଏବଂ ବକ୍ରାକାର ହୋଇଥାଏ, ଯାହା ଉପରେ ଏକ ଧାରୁଆ ଥଣ୍ଟପର ଥାଏ । ଏହି ପକ୍ଷୀ ଓଡ଼ିଶାର ସବୁ ଜିଲ୍ଲାରେ ଦେଖିବାକୁ ମିଳିଥାନ୍ତି । କିନ୍ତୁ ଅନେକ ସମୟରେ ଏହି ପକ୍ଷୀ ସହରାଞ୍ଚଳରେ ମଧ୍ୟ ଦେଖାଦେଇଥାନ୍ତି । ଗଞ୍ଜାମ ଜିଲ୍ଲାରେ ବ୍ରହ୍ମପୁର ସହର ମଝିରେ ଥିବା ଅନେକ ବୃହତ ବୃକ୍ଷମାନଙ୍କରେ ଏମାନଙ୍କୁ ବହୁ ସଂଖ୍ୟାରେ ଦେଖିବାକୁ ମିଳେ ।



ଏହା ଏକ ମଧ୍ୟମ ଆକାରର ପକ୍ଷୀ ଯାହା ପ୍ରାୟତଃ ଷାଠିଏ ସେମି ପର୍ଯ୍ୟନ୍ତ ଲମ୍ବା ହୋଇଥାଏ । ଉଡ଼ିବା ସମୟରେ ଏହା ଡେଣା ଖୋଲିଲେ ପରସବୁ ଗାଢ଼ପାଉଁଶିଆ ରଙ୍ଗର ଦେଖାଯିବା ସହିତ ପରର ଅଗ ଧଳା ଦେଖାଯାଏ । ଏହି ପକ୍ଷୀର ଆଖି ଲାଲ କିମ୍ବା କଳା ରଙ୍ଗର ଦେଖାଯାଏ । ପୁରୁଷ ପକ୍ଷୀମାନଙ୍କ ଥଣ୍ଟ ଅପେକ୍ଷାକୃତ ଭାବେ ଲମ୍ବାଥାଏ । ସ୍ତ୍ରୀ ପକ୍ଷୀମାନଙ୍କ ଥଣ୍ଟ ଈଷତ୍ ହଳଦିଆ ରଙ୍ଗର

ହୋଇଥାଏ ।

ଏହି ପକ୍ଷୀ ସ୍ଥଳଭାଗରେ ରହୁଥିବା ବେଳେ କୋଚଲା ନାମକ ବିଷାକ୍ତ ଫଳ ଖାଇ ବଞ୍ଚୁଥିବା ହେତୁ ଏହାକୁ କୋଚଲାଖାଇ ବୋଲି ଓଡ଼ିଶାରେ କୁହାଯାଏ । ଆଜିକାଲି ଏହି ପକ୍ଷୀମାନଙ୍କ ସଂଖ୍ୟା କମ ହେଉଥିବାରୁ ଏହାକୁ ବିଶ୍ୱ ବନ୍ୟପ୍ରାଣୀ ସଂଗଠନ ତରଫରୁ ସଂରକ୍ଷିତ ପକ୍ଷୀମାନଙ୍କ ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରାଯାଇଛି ।

## ୧୨. ମୁନିଆ (Scaly breasted munia)

ଘର ଚଟିଆ ପରି ଆକାରର ଏହି ପକ୍ଷୀର ଛାତିରେ



ମାଛକାତି ସଦୃଶ ଚିହ୍ନ ଥିବା ହେତୁ ଏହାକୁ ସ୍କେଲି ବ୍ରେଷ୍ଟେଡ଼ ମୁନିଆ ବୋଲି କୁହାଯାଏ । ଏହି ପକ୍ଷୀର ପିଠି ବାଦାମୀ ରଙ୍ଗର ହୋଇଥିବା ବେଳେ ଛାତିରେ ମାଛକାତି ପରି ଦାଗ ଥାଏ । ଏବଂ ଏହାର କଳାରଙ୍ଗର ଶ୍ଲେଟ, ମୁନିଆ ଥଣ୍ଟଥାଏ ।

ଘାସ ଗଛର ମଞ୍ଜି, କୀଟ ଓ ଫଳ ଆଦି ଖାଇ ଏମାନେ ବଞ୍ଚନ୍ତି, ତେଣୁ ସମତଳ ଅଞ୍ଚଳ ମାନଙ୍କରେ ବହୁଳ ସଂଖ୍ୟାରେ ଦେଖାଯାଆନ୍ତି । ଏମାନେ ଦଳବଦ୍ଧ ଭାବରେ ରହନ୍ତି ଏବଂ ପରସ୍ପର ସହ ନମ୍ର ସ୍ୱରରେ ହ୍ୱିସିଲ ମାରିବାପରି ଶବ୍ଦକରି କଥା ହୁଅନ୍ତି । ଏହି ଜାତିର ପକ୍ଷୀମାନେ ଯୋଡ଼ିହୋଇ ରହନ୍ତି ଏବଂ କାଶତଣ୍ଡୀ, କାଠିକୁଟା, ଘାସ, ବାଉଁଶପତ୍ର ଆଦି ବ୍ୟବହାର କରି ଗଛମାନଙ୍କରେ, କିମ୍ବା ଘର ମାନଙ୍କର ଭେଣ୍ଟିଲେଟର ନିକଟରେ ଘର ତିଆରି କରନ୍ତି ।

ଏହି ପକ୍ଷୀ ଭାରତ, ଶ୍ରୀଲଙ୍କା, ଇଣ୍ଡୋନେସିଆ ଏବଂ ଫିଲିପାଇନ୍ସ ଆଦି ଦେଶରେ ଦେଖାଯାଆନ୍ତି । ଏହି ପକ୍ଷୀ ୧୧-୧୨ ସେମି ଲମ୍ବା ଏବଂ ୧୨-୧୬ ଗ୍ରାମ ଓଜନର ହୋଇଥାନ୍ତି । ପୁରୁଷ ଓ ମାଈ ପକ୍ଷୀ ଏକା ପ୍ରକାର ଦେଖାଯାଆନ୍ତି, ପୁରୁଷ ପକ୍ଷୀମାନଙ୍କ ଦେହର ଦାଗ ମାଈ ପକ୍ଷୀ ଅପେକ୍ଷା ଅଧିକ ଗାଢ଼ ହୋଇଥାଏ । ସାନ ପକ୍ଷୀମାନଙ୍କ ଛାତିରେ ଦାଗ ନଥାଏ । ଏହି ପକ୍ଷୀମାନେ ଦଳରେ ରହନ୍ତି ଏବଂ ବେଳେ ବେଳେ ଶତାଧିକ ପକ୍ଷୀ ଗୋଟିଏ ଗୋଟିଏ ଦଳରେ ରହିଥିବା ଦେଖାଯାଏ ।

## ୧୩. ସନବାର୍ଡ଼ (Purple rumped sunbird)

ଭାରତୀୟ ଉପଦ୍ୱୀପରେ ଦେଖାଦେଉଥିବା



ସନବାର୍ଡ଼ ବା ହମିଂ ବାର୍ଡ଼ ଶ୍ରେଣୀର ଏହା ସବୁଠାରୁ ସାଧାରଣ ଭାବରେ ଦେଖାଦେଉଥିବା ପକ୍ଷୀ । ବହୁତ ସାନ ଆକାରର ଏହି ପକ୍ଷୀ ବିଭିନ୍ନ ଫୁଲଗଛରୁ ଫୁଲ ମଧ୍ୟରେ ଥିବା ମହୁ ଖାଇବାର ଦେଖାଯାଇଥାଏ । ଛୁଆ ସାନ ଥିଲାବେଳେ ଏହି ପକ୍ଷୀ ବେଳେ ବେଳେ କୀଟପତଙ୍ଗର ଶୀକାର ମଧ୍ୟ କରେ । ଏହି ପ୍ରକାରର ପକ୍ଷୀ ବହୁତ ଦୂର ପର୍ଯ୍ୟନ୍ତ ଉଡ଼ି ଯାଇପାରେନାହିଁ । ଏବଂ ଅଧିକାଂଶ ସମୟ ଏମାନେ ବିଭିନ୍ନ ଫୁଲଗଛରେ ଡାଳକୁ ଡାଳ ଡେଉଁଥିବା ଦେଖାଯାଏ ।

ଏହି ପକ୍ଷୀ ଗଛରୁ ତଳକୁ ଝୁଲୁଥିବା ବସା ନିର୍ମାଣ କରେ ଏବଂ ସେଠାରେ ଅଣ୍ଡାଦିଏ । ପୁରୁଷ ପକ୍ଷୀମାନଙ୍କ ରଙ୍ଗ ଗହିରିଆ ବାଇଗଣୀ ଓ ନୀଳ ହୋଇଥିବା ବେଳେ ପେଟ ହଳଦିଆ କିମ୍ବା ବାଇଗଣୀ ହୋଇଥାଏ ଏବଂ ଦେହର ଉପର ଅଂଶ ଗାଢ଼ ବାଦାମୀ ରଙ୍ଗ ହୋଇଥାଏ । ସେହିପରି ମାଈ ପକ୍ଷୀମାନଙ୍କ ଦେହ ହଳଦିଆ ଓ ଉପର


ଏହି ଇ-ପତ୍ରିକା ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତିପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ





ଭାଗ ଧୂସର ରଙ୍ଗ ହୋଇଥାଏ ।

ଏହି ପକ୍ଷୀ ଦଶ ସେମିରୁ ବି ସାନ ହୋଇଥାଏ ଏବଂ ଏହାର ଥଣ୍ଟ ମଧ୍ୟମ ଆକାରର ଓ ବଙ୍କା ହୋଇଥାଏ, ଯାହା ଦ୍ୱାରା ସେମାନେ ଫୁଲ ଭିତରୁ ମହୁ ବାହାର କରିଥାନ୍ତି । ଏମାନେ ଫୁଲ ନିକଟରେ ଅନେକ ସମୟ ଉଡ଼ି ଉଡ଼ି ମହୁ ବାହାର କରିପାରନ୍ତି । ଏହି ସମୟରେ ଏମାନଙ୍କ ଡେଣା ମିନିଟରେ ୩ଶହ ଥରରୁ ଅଧିକ ଥର ହଲିଥାଏ । ଯାହା ଫଳରେ ଏମାନେ ଶୂନ୍ୟରେ ଝୁଲିରହି ମହୁ ବାହାର କରିପାରନ୍ତି ।

ଏହି ପକ୍ଷୀ ଦକ୍ଷିଣ ଭାରତ ସମେତ ଶ୍ରୀଲଙ୍କା, ବଙ୍ଗଳାଦେଶ ଇତ୍ୟାଦି ସ୍ଥାନରେ ଦେଖାଯାଆନ୍ତି । ପ୍ରାୟତଃ ଫୁଲ ଗଛ ରହୁଥିବା ଅଞ୍ଚଳମାନଙ୍କରେ ଏମାନଙ୍କୁ ଦେଖିବାକୁ ମିଳିଥାଏ । ସହରାଞ୍ଚଳରେ ବଗିଚ୍ଛମାନଙ୍କରେ ଏମାନଙ୍କୁ ଦେଖିବାକୁ ମିଳିଥାଏ । ଏମାନେ କୌଣସି ଗୋଟିଏ ସ୍ଥାନରେ ଅଧିକ ସମୟ ରହନ୍ତି ନାହିଁ । ଏବଂ ଏହି ପକ୍ଷୀ ଜନବସତି ଠାରୁ ଦୂରରେ ଥିବା ଘଞ୍ଚ ଜଙ୍ଗଲ ଅଞ୍ଚଳରେ ବି ଦେଖାଯାଆନ୍ତି ନାହିଁ ।

## ୧୪. ଗୋବରା / କୁଣ୍ଡାଖିଆ ଚଢ଼େଇ (Jungle babbler)

ଅଳ୍ପ ଘଞ୍ଚ ଜଙ୍ଗଲ ମାନଙ୍କରେ ଏବଂ ବେଳେ ବେଳେ ବଗିଚ୍ଛମାନଙ୍କରେ ଏମାନଙ୍କୁ ଦଳରେ ବୁଲୁଥିବାର ଦେଖାଯାଏ । ଏମାନେ ଏକ ସ୍ୱତନ୍ତ୍ର ପ୍ରକାରର ଚୁ ଚୁ ଶବ୍ଦ କରିଥାନ୍ତି । ଏବଂ ଡାଳରୁ ଡାଳକୁ ଡେଇଁ ଡେଇଁ ବୁଲନ୍ତି । ତଳେ ପଡ଼ିଥିବା ଖାଦ୍ୟଶସ୍ୟ, କୀଟ ଆଦିକୁ ଖାଆନ୍ତି । ଏହି ପକ୍ଷୀମାନେ ପ୍ରାୟତଃ ଛଅରୁ ଦଶ ସଂଖ୍ୟାରେ




ଦଳବଦ୍ଧଭାବରେ ବୁଲି ବୁଲି ଖାଦ୍ୟ ଅନ୍ୱେଷଣ କରୁଥିବାରୁ ଏମାନଙ୍କୁ ସାତଭଉଣୀ ପକ୍ଷୀ ବୋଲି ମଧ୍ୟ କୁହାଯାଏ ।

ଏହି ପକ୍ଷୀ ଭାରତୀୟ ଉପଦ୍ୱୀପର ଅଧିକାଂଶ ଅଞ୍ଚଳରେ ଦେଖାଯାଆନ୍ତି । ବେଳେ ବେଳେ ଏହି ପକ୍ଷୀ ସହରାଞ୍ଚଳ ମଧ୍ୟରେ ଥିବା ବଡ଼ ବଗିଚ୍ଛମାନଙ୍କରେ ବିଚରଣ କରୁଥିବା ଦେଖାଯାଏ । ଏହି ପ୍ରଜାତିର ପକ୍ଷୀମାନଙ୍କର ଡେଣା ବହୁତ ଛୋଟ ହୋଇଥିବାରୁ ଏମାନେ ଅଧିକ ଦୂର ପର୍ଯ୍ୟନ୍ତ ଉଡ଼ି ଯାଇ ପାରନ୍ତି ନାହିଁ । ପୁରୁଷ ଓ ମାଈ ପକ୍ଷୀ ଏକାପ୍ରକାର ଦେଖାଯାଆନ୍ତି । ଏହି ପକ୍ଷୀମାନେ ହାଲକା ଧୂସର ରଙ୍ଗର ହୋଇଥିବା ବେଳେ ଏମାନଙ୍କ ଥଣ୍ଟ ଛୋଟ ଏବଂ ଈଷତ ହଳଦିଆ ରଙ୍ଗର ହୋଇଥାଏ । ପେଟ ଭାଗର ରଙ୍ଗ ଅଧିକ ଗହିରିଆ ହୋଇଥିବା ବେଳେ ବେକ ଓ ଗ୍ରୀବ ଭାଗରେ ଛିଟଛିଟିଆ ଦାଗ ବି ଦେଖା ଯାଇଥାଏ ।

ଏହି ପକ୍ଷୀମାନଙ୍କ ଦଳ ଯେଉଁସ୍ଥାନରେ ଥାଏ ସେଠାରେ ଏମାନେ ବହୁତ ଶବ୍ଦ କରିଥାନ୍ତି ଏବଂ ଜନବସତି ଅଞ୍ଚଳରେ ନିର୍ଭୟରେ ବିଚରଣ କରିଥାନ୍ତି । ଏମାନଙ୍କ ଦେହର ରଙ୍ଗପାଇଁ ଏମାନଙ୍କୁ ଗୋବରା ପକ୍ଷୀ ବୋଲି କୁହାଯାଏ ।

## ୧୫. ପାଣି କୁଆ (Little cormorant)

ଏହା ଏକ ଜଳଚର ପକ୍ଷୀ । ଆପଣ ଓଡ଼ିଶାର ଯେ କୌଣସି ଜଳାଶୟରେ ଏହିମାନଙ୍କୁ ନିର୍ଭୟରେ ବିଚରଣ କରୁଥିବା ଦେଖିବାକୁ ପାଇବେ । ସାଧାରଣତଃ ସକାଳ ଓ



ଅପରାହ୍ନରେ ଏମାନେ ଡେଣା ମେଲେଇ ଜଳାଶୟ ଧାରରେ ଥିବା ପଥର ମାନଙ୍କ ଉପରେ ଅନେକ ସମୟ ବସିରହିଥିବା ଦେଖିବାକୁ ମିଳେ ।



ଏହି ଇ-ପତ୍ରିକା ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତିପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ


ପ୍ରାୟତଃ ଏକା କମ୍ବା ଛୋଟ ଛୋଟ ଦଳରେ ଅଳ୍ପପାଣିଥିବା କାଦୁଆ ଅଞ୍ଚଳରେ ଏହି ପକ୍ଷୀମାନଙ୍କୁ ଦେଖିବା ମିଳେ । ଏମାନେ ପାଣିଭିତରେ ବୁଡ଼ି ରହି ମାଛ ଶୀକାର କରିପାରନ୍ତି । ଏମାନେ ସମୁଦ୍ର, ହ୍ରଦ, ପୋଖରୀ, ଇତ୍ୟାଦି ସ୍ଥାନମାନଙ୍କରେ ବି ଦେଖାଯାଆନ୍ତି ।

ଏହି ପକ୍ଷୀ କାଉପରି କଳା ମଚମଚ ହୋଇଥିବା ଏବଂ ପାଣିରେ ରହୁଥିବା ହେତୁ ଏହାକୁ ପାଣିକୁଆ ବୋଲି ମଧ୍ୟ କୁହାଯାଏ । ଏହି ପକ୍ଷୀ ୫୦ ସେଣ୍ଟିମିଟର ପର୍ଯ୍ୟନ୍ତ ଲମ୍ବା ହୋଇଥାଏ । ଏହାର ଶୀର ଗୋଲିଆ ହୋଇଥିବା ବେଳେ ଥଣ୍ଟ ମୁନିଆ ଓ ହୁକ୍ ପରି ହୋଇଥାଏ । ଯଦିଓ ଏହି ପକ୍ଷୀ ଜଳଚର କିନ୍ତୁ ଏହା ଉଚ୍ଚ ଗଛର ଉପର ଡାଳମାନଙ୍କରେ ବସା ତିଆରି କରି ଅଣ୍ଡା ଦେଇଥାଏ । ଏବଂ ଅନ୍ୟ ଜଳଚର ପ୍ରାଣୀମାନଙ୍କ ସହ ବସବାସ କରିଥାଏ । ନିଜ ବସାଠାରୁ ଦୂରରେ ଥିବା ଜଳାଶୟ ମାନଙ୍କୁ ଏହା ଉଡ଼ିଉଡ଼ି ଯାଏ ଏବଂ ସଂଧ୍ୟାପୂର୍ବରୁ ବସାକୁ ଫେରିଆସେ ।

ଏହି ପ୍ରଜାତିର ପକ୍ଷୀମାନଙ୍କରେ ପୁରୁଷ ଓ ମାଈ ପକ୍ଷୀକୁ ଚିହ୍ନିବା ସମ୍ଭବ ନୁହେଁ, କିନ୍ତୁ ସାଧାରଣତଃ ପୁରୁଷ ପକ୍ଷୀ ମାଈ ଅପେକ୍ଷା ବଡ଼ ହୋଇଥାଏ । ଏହି ପକ୍ଷୀମାନେ ପାଣିରେ ପହଁରିବା ସହିତ ଉଡ଼ିବାରେ ମଧ୍ୟ ପାରଙ୍ଗମ । ପାଣିମଧ୍ୟରେ ଅଧିକ ସମୟ ବୁଡ଼ିରହି ଏମାନେ ମାଛ ଧରିଥାନ୍ତି ।

## ୧୬. କୋଇଲି (Asian Koel)

ଭାରତୀୟ ସଙ୍ଗୀତ ଦୁନିଆରେ କୋଇଲି ଶବ୍ଦର ବହୁଳ ବ୍ୟବହାର ଦେଖିବାକୁ ମିଳେ । ଏହା କାଉ ପରି ଦେଖାଯାଉଥିବା ଏକ ପକ୍ଷୀ, ଯାହା



ସାଧାରଣତଃ ଭାରତୀୟ ଉପଦ୍ୱୀପ ସମେତ ଚୀନ ଏବଂ ଦକ୍ଷିଣପୂର୍ବ ଏସିଆର ଅନେକ ଦେଶରେ ଦେଖାଯାଏ ।

କୋଇଲି ଏକ ଲମ୍ବା ଲାଞ୍ଜ ଥିବା ପକ୍ଷୀ, ଯାହା ୩୯-୪୬ ସେମି ପର୍ଯ୍ୟନ୍ତ ବଢ଼ିଥାଏ, ଏବଂ ୧୯୦-୩୨୭ ଗ୍ରାମ୍ ପର୍ଯ୍ୟନ୍ତ ଓଜନ ହୋଇଥାଏ । ଏହି ପ୍ରଜାତିର ପୁରୁଷ ପକ୍ଷୀ କଳାରଙ୍ଗର ହୋଇଥାନ୍ତି, ଏମାନଙ୍କ ଥଣ୍ଟ ପାଉଁଶିଆ ଗାଢ଼ ସବୁଜ ରଙ୍ଗର ଦେଖାଯାଏ ଏବଂ ଆଖି ଗାଢ଼ ଲାଲ ରଙ୍ଗର ହୋଇଥାଏ । ମାଈ ପକ୍ଷୀମାନେ ପାଉଁଶିଆ ରଙ୍ଗର ହେବା ସହ ଏମାନଙ୍କ ଶରୀରରେ ଧଳା ଏବଂ ଗାଢ଼ ବାଦାମୀ ରଙ୍ଗର ଛିଟ ଛିଟ ଦେଖାଯାଏ । ସମୁଦାୟ ଶରୀରରେ ଧଳାକଳା ଦାଗ ଦେଖାଯାଏ । ପ୍ରାୟତଃ ଏମାନେ ଯୋଡ଼ି ହୋଇରହନ୍ତି, ଏବଂ ଗର୍ଭଧାରଣ ସମୟରେ ଏମାନେ କାଉମାନଙ୍କ ବସାରେ ଅଣ୍ଡାଦିଅନ୍ତି, ଯାହାକୁ କାଉ ପାଳନପୋଷଣ କରିଥାଏ ।

ଗର୍ଭଧାରଣ ଋତୁ ଆସିଲେ ଏମାନେ ବହୁତ ସୁନ୍ଦର ସ୍ୱରରେ ଶବ୍ଦମାନ ସୃଷ୍ଟି କରିଥାନ୍ତି, ଯାହାକୁ ଭାରତୀୟ ଶାସ୍ତ୍ରୀୟ ସଂଗୀତରେ ପଞ୍ଚମତାନ ବୋଲି ମଧ୍ୟ କୁହାଯାଏ । ଖରଦିନରେ ଆମ୍ବ ଗଛରେ ବଉଳ ଆସିବା ସମୟରେ ଏମାନେ ଦେଖାଯାଆନ୍ତି, ଏବଂ ଭାରତରେ ମାର୍ଚ୍ଚ ଠାରୁ ଅଗଷ୍ଟ ପର୍ଯ୍ୟନ୍ତ ଏମାନଙ୍କ କୁଉ କୁଉ ଶବ୍ଦ ଶୁଣିବାକୁ ମିଳିଥାଏ ।

## ୧୭. ବାଲି ଶୁଆ (Green bee eater)

ଏସିଆ ଏବଂ ଆଫ୍ରିକୀୟ ମହାଦେଶର ଅନେକ ଦେଶରେ ଏମାନଙ୍କୁ ଦେଖିବାକୁ ମିଳିଥାଏ । ଶୁଆପରି ସବୁଜ ରଙ୍ଗର ଶରୀର ସହିତ ଲମ୍ବା ଓ ବଙ୍କା ଥଣ୍ଟ ଏମାନଙ୍କ



ପରିଚୟ ଦେଇଥାଏ । ଘାସ ଥିବା ମଇଦାନ ଅଞ୍ଚଳମାନଙ୍କରେ ଏମାନେ ବସତି କରିଥାନ୍ତି ଏବଂ କୀଟପତଙ୍ଗମାନଙ୍କୁ ମାରି ଖାଇଥାନ୍ତି ।

ଏହି ଜାତିର ପକ୍ଷୀ ୯ ଇଞ୍ଚ ପର୍ଯ୍ୟନ୍ତ ଲମ୍ବା ହୋଇଥାଏ, ଏବଂ ଏହାର ଅନେକ ଉପପ୍ରଜାତି ରହିଛି ଯେଉଁଠି ଲମ୍ବା ଲାଞ୍ଜ ଦେଖାଯାଇଥାଏ । ସମୁଦାୟ ପ୍ରଜାତି ସବୁଜ ରଙ୍ଗର ହେବା ସହିତ ଗଳା ଓ ଲାଞ୍ଜପାଖରେ ବେଳେ ବେଳେ ନୀଳ ରଙ୍ଗର ଦେଖାଯାଇଥାଏ । ଏମାନଙ୍କ ଆଖିର ଉଭୟ ପାର୍ଶ୍ୱରେ କଳା ରଙ୍ଗର ରେଖା ଦେଖାଯାଏ । ଆଖିର ରଙ୍ଗ ହାଲୁକା ବାଦାମୀଠାରୁ ଲାଲ ବି ହୋଇପାରେ । ଥଣ୍ଟ ସମେତ ଆଖି ପର୍ଯ୍ୟନ୍ତ ଅଞ୍ଚଳ କଳାରଙ୍ଗର ହୋଇଥାଏ ।

ଏମାନେ ବାଲୁକା ମାଟିରେ ଗାତ ଖୋଳି ବସା କରି ରହନ୍ତି ଏବଂ ଅନେକ ସମୟରେ ନଦୀପଠାରେ ଏବଂ ବାଲି ରହିଥିବା ସ୍ଥାନମାନଙ୍କରେ ଏମାନେ ଗାତଖୋଳି ରହିବାର ଦେଖାଯାଏ । ଏମାନେ ଦଳ ଦଳ ହୋଇ ବୁଲନ୍ତି, ଏବଂ ଉଡ଼ୁଥିବା ସମୟରେ ଏମାନଙ୍କ ଖୋଲା ଡେଣା ଦେଖିବାକୁ ଅତ୍ୟନ୍ତ ମନୋରମ ଲାଗେ ।

## ୧୮. ଘର ଚଟିଆ (House Sparrow)

ବିଶ୍ୱର ସମସ୍ତ ଦେଶରେ ଦେଖାଯାଉଥିବା ଏହି ସାଧାରଣ ପକ୍ଷୀ ଆମ ଘର ଅଗଣାରେ ବୁଲି ବୁଲି ଧାନ ଓ ଅନ୍ୟ ଶସ୍ୟ ଖାଉଥିବାର ଅନେକ ଦେଖିଥିବେ । ୧୬ ସେମି ଦୈର୍ଘ୍ୟ ବିଶିଷ୍ଟ ଏହି ପକ୍ଷୀ ୨୪ରୁ ୪୦ ଗ୍ରାମ୍ ଓଜନ ପର୍ଯ୍ୟନ୍ତ ହୋଇପାରେ । ମାଈ ପକ୍ଷୀ ଓ ଶିଶୁମାନଙ୍କ ଦେହର ରଙ୍ଗ ହାଲୁକା ପାଉଁଶିଆ ବାଦାମୀ ରଙ୍ଗର



ହୁଏ । କିନ୍ତୁ ପୁରୁଷ ପକ୍ଷୀମାନଙ୍କର ରଙ୍ଗ ଗାଢ଼ ହୋଇଥାଏ ଏବଂ ଶରୀରରେ କଳା, ଧଳା ଓ ବାଦାମୀ ରଙ୍ଗର ଚିହ୍ନ ଦେଖାଯାଏ । ଏହା ବିଶ୍ୱର ସବୁଠାରୁ ଅଧିକ ଦେଶରେ ଦେଖାଯାଉଥିବା ପକ୍ଷୀ ଭାବରେ ପରିଗଣିତ ।

ଏହି ପକ୍ଷୀ ସାଧାରଣତଃ ଜନବସତି ଅଞ୍ଚଳମାନଙ୍କରେ ଦେଖିବାକୁ ମିଳନ୍ତି । ଏମାନେ ଗ୍ରାମାଞ୍ଚଳ ସମେତ ସହରାଞ୍ଚଳରେ ମଧ୍ୟ ଦେଖାଯାଆନ୍ତି । ଯଦିଓ ଏମାନେ ବିଶ୍ୱର ଅନେକ ଦେଶରେ ଦେଖାଯାଆନ୍ତି, ଏମାନେ କିନ୍ତୁ ଘଞ୍ଚ ଜଙ୍ଗଲ ଓ ଗଛଲତା ଥିବା ସ୍ଥାନମାନଙ୍କରେ ଦେଖାଯାଆନ୍ତି ନାହିଁ । ଜନବସତି ଅଞ୍ଚଳରେ ଏମାନେ ତଳେ ପଡ଼ିଥିବା ଶସ୍ୟ ଓ ବିଭିନ୍ନ ଦାନା ଖୁମ୍ପି ଖୁମ୍ପି ଖାଇଥାନ୍ତି, କିନ୍ତୁ ବେଳେ ବେଳେ ଏମାନେ କୀଟପତଙ୍ଗ ଖାଇବାର ବି ଦେଖାଯାଏ । ବିରାଡ଼ି, ଛଞ୍ଚାଣ, ଚିଲ, ପେଚା ଜାତୀୟ ପଶୁପକ୍ଷୀ ଏମାନଙ୍କୁ ଶୀକାର କରିବାର ଦେଖାଯାଏ ।

ବିଶ୍ୱର ଅନେକ ଦେଶରେ ଏମାନେ ଦେଖାଯାଉଥିବା ସତ୍ତ୍ୱେ ଭାରତରେ ଅନେକ ସ୍ଥାନରେ ଏମାନଙ୍କ ସଂଖ୍ୟା ଅତ୍ୟନ୍ତ କମ ହୋଇଯିବା ଚିନ୍ତାର ବିଷୟ ହୋଇଛି, ଏବଂ ଏଥିପାଇଁ ଘର ଚଟିଆର ସଂରକ୍ଷଣପାଇଁ ବିଭିନ୍ନ ଯୋଜନାମାନ କାର୍ଯ୍ୟ କରୁଛି ।

## ୧୯. ବାଇ ଚଢ଼େଇ (Weaver Bird)

ବାଇ ଚଢ଼େଇକୁ ଇଂରେଜୀ ଭାଷାରେ ୱିଭର ବାର୍ଡ଼ ବା ବୁଣାକାର ପକ୍ଷୀବୋଲି କୁହାଯାଏ, କାରଣ ଏହି ପ୍ରଜାତିର ପକ୍ଷୀମାନେ କୁଟା, ଧାନ ଓ ଘାସ ପତ୍ର ଆଦିର ବ୍ୟବହାର କରି ଅଦ୍ଭୁତପୂର୍ବ ବସାମାନ ତିଆରି କରନ୍ତି ।







ଓଡ଼ିଆରେ ଗୋଟିଏ କଥା ରହଛି, 'ବାଇ ଚଢ଼େଇର କ ଯାଏ, ବାଆ କଲେ ବସା ଦୋହଲୁଥାଏ ।'

ବଭିନ୍ନ ଗଛର ଡାଳରୁ ତଳକୁ ଝୁଲରହବା ଭଳ ଘର ଏମାନେ ତଆର କରନ୍ତ ଯାହା ଭତରକୁ ପ୍ରବେଶ କରବା ପଥ ତଳପଟକୁ ଥାଏ, ଏହା ଫଳରେ ବସା ଭତରକୁ ପାଣି ପଶପାରେ ନାହିଁ, ଏବଂ ସାପ ଆଦ ସରସୃପ ବ ପଶପାରନ୍ତ ନାହିଁ । କଣ୍ଟା ଗଛ, ଖଜୁରୀ ଗଛ, ତାଳ ଗଛ ଆଦରେ ଏମାନେ ବସା କରନ୍ତ, ଯେଉଁଠିକୁ କୌଣସି ସରୀସୃପ ପ୍ରବେଶ କରପାରବ ନାହିଁ । ବର୍ଷା ଓ ଖାଦ୍ୟାନ୍ୱେଷଣରେ ଏମାନେ ବେଳେ ବେଳେ ଅନେକ ଦୂର ପର୍ଯ୍ୟନ୍ତ ଯାତ୍ରା କରବା ଦେଖାଯାଏ ।

ଭରତର ଅନେକ ରଜ୍ୟରେ ଏମାନଙ୍କୁ ଦେଖିବାକୁ ମିଳେ, ଏମାନଙ୍କୁ ଚହ୍ନବାପାଇଁ ସାଧାରଣତଃ ଏମାନଙ୍କ ମୁଣ୍ଡଉପରେ ଥିବା ହଳଦଆ ରଙ୍ଗର ଚୁଳ ଯଥେଷ୍ଟ । ଘର ଚଟିଆଠାରୁ ସାମାନ୍ୟ ବଡ଼ ଆକାରର ଏହ ପକ୍ଷୀ ଅତ୍ୟନ୍ତ ପରଶ୍ରମୀ । ଶକ୍ତ ମୁନଆ ଥଣ୍ଟରେ ଏମାନେ ଘାସ ପତ୍ର, କାଠି କୁଟା ଗୋଟେଇ ଆଣି ନଜପାଇଁ ବସା କରଥାନ୍ତ । ସହରାଞ୍ଚଳମାନଙ୍କରେ ବ ଏମାନଙ୍କୁ ଦେଖିବାକୁ ମିଳେ, ଏବଂ ତାଳ କମ୍ବା ଖଜୁରୀ ଗଛ ଥିବା ଅଞ୍ଚଳରେ ଏମାନେ ବସା ବାନ୍ଧନ୍ତ, ଏବଂ ଅନେକ ସମୟରେ ବଦ୍ୟୁତ ତାରରୁ ଏମାନଙ୍କ ବସା ଝୁଲୁଥିବା ଦେଖିବାକୁ ମିଳଥାଏ । ଏମାନେ ଶସ୍ୟ ଅମଳ ସମୟରେ ଶସ୍ୟକୁ ହାନ ଘଟାଉଥିବାରୁ ଚାଷୀମାନେ ଏମାନଙ୍କୁ ଶସ୍ୟକ୍ଷେତଠାରୁ ଦୂରେଇ ରଖିବାପାଇଁ ଚେଷ୍ଟା କରନ୍ତ ।

## ୨୦. ପାର (The rock pigeon)

ଏହ ପକ୍ଷୀ ଆମେ ସବୁବେଳେ ସବୁଠାରେ ଦେଖିପାରବା । ଘରର ଭେଣ୍ଟିଲେଟର, ଝରକା ଉପର ଥାକ ଆଦ ସ୍ଥାନରେ ଏମାନେ ବସାବାନ୍ଧି ରହନ୍ତ । କାଠିକୁଟା ଏକାଠି କର ବସାକର ରହବାରେ ଏମାନେ ପାରଙ୍ଗମ । ଏହା ବ୍ୟତୀତ ଏମାନେ ଧାନକଳ ନକଟରେ ଶହ ଶହ ସଂଖ୍ୟାରେ ଦେଖାଯାଆନ୍ତ । ଏମାନେ ଏକାସାଙ୍ଗରେ ଆକାଶରେ ଉଡୁଥିବା ବେଳେ ଦେଖିବାକୁ ବହୁତ ଭଲ ଲାଗେ । ଓଡ଼ିଶାର ବଭିନ୍ନ ଦେବାଳୟମାନଙ୍କରେ ଏମାନଙ୍କ ସଂଖ୍ୟା ଅଧିକ । ଜଗନ୍ନାଥ ମନ୍ଦରରେ ଏମାନଙ୍କ ସଂଖ୍ୟା ବହୁତ ଏବଂ ଓଡ଼ିଆ ଜଣାଣରେ ଏମାନଙ୍କ ବଷୟରେ ଉଲ୍ଲେଖ ରହଛି । 'ମୁଁ ତ ବଡ଼ ଦେଉଳର ପାରରେ...' ଓ 'ମନ ପାରରେ... ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି କ...' । ଏମାନେ ପାହାଡ଼ିଆ ସ୍ଥାନମାନଙ୍କରେ ବ ବସା କର ରହନ୍ତ ।



ପାରମାନେ ନୀଳ ମିଶା ପାଉଁଶିଆ ରଙ୍ଗର ହୁଅନ୍ତ ଏବଂ ଏମାନଙ୍କ ଡେଣାରେ କଳାଦାଗ ଦେଖାଯାଏ । ମୁଣ୍ଡଟି ଗାଢ଼ ନୀଳ ଓ ପାଉଁଶିଆ ରଙ୍ଗର ହୁଏ । ଗ୍ରୀବା ହଳଦଆ, ସବୁଜ, ଏବଂ ଲୋହିତ ରଙ୍ଗର ହୋଇଥାଏ । ଆଖି ନାରଙ୍ଗୀ, ଲାଲ କମ୍ବା ସୁନେଲ ରଙ୍ଗର ହୁଏ । ପୁରୁଷ ଓ ମାଇ ପକ୍ଷୀ ଭତରେ କୌଣସି ପାର୍ଥକ୍ୟ ଦେଖାଯାଏନାହିଁ । ଏହ ପ୍ରଜାତର ପକ୍ଷୀମାନେ ଏକ ସାଥୀବ୍ରତ ଏବଂ ଏମାନେ ଯୋଡ଼ି ହୋଇ ରହନ୍ତ ଏବଂ ଶିଶୁ ପକ୍ଷୀ ଜନ୍ମହେବାପରେ ଉଭୟ ପୁରୁଷ ଓ ମାଇ ପକ୍ଷୀ ମିଳମିଶି ତା'ର ଧାନଯତ୍ନ ନଅନ୍ତ ।

ଏହ ଜାତୀୟ ପକ୍ଷୀ ୨୯-୩୭ ସେମି ପର୍ଯ୍ୟନ୍ତ ଲମ୍ବା ହୁଅନ୍ତ । ଏହ ପକ୍ଷୀର ଖୋଲା ଡେଣା ୭୦ ସେମି ପର୍ଯ୍ୟନ୍ତ ଲମ୍ବା ହୋଇପାରେ । ୨୩୮ରୁ ୩୮୦ ଗ୍ରାମ ପର୍ଯ୍ୟନ୍ତ ଓଜନ

ହୁଏ । ଏହି ପକ୍ଷୀମାନେ ଦଳ ଦଳ ହୋଇ ଜମିଉପରେ ପଡ଼ିଥିବା ଶସ୍ୟକୁ ଖାଆନ୍ତି । ପାଣି ପିଇବା ସମୟରେ ଏମାନେ ନିଜ ଥଣ୍ଟରେ ଅଳ୍ପ ପାଣି ନେଇ ମୁଣ୍ଡକୁ ପଛକୁ ନୁଆଁଇଦେଇ ପାଣିକୁ ପିଇଥାନ୍ତି । ପାରାମାନେ ଅନେକ ଦୂରରୁ ମଧ୍ୟ ନିଜ ଆସ୍ଥାନକୁ ସହଜରେ ଖୋଜିପାରନ୍ତି, ତେଣୁ ପାରାମାନଙ୍କୁ ଅତୀତରେ ଡାକସେବା ପାଇଁ ବ୍ୟବହାର କରାଯାଉଥିଲା । ଓଡ଼ିଶା ପୋଲିସର କଟକ ଛାଉଣୀରେ ଏବେ ବି ପାରା ମାନଙ୍କୁ ରଖାଯାଇଛି । ପାରାକୁ ଶାନ୍ତିର ପ୍ରତୀକ ବୋଲି କୁହାଯାଏ ।

ଉପରୋକ୍ତ ସମସ୍ତ ପକ୍ଷୀ ବ୍ୟତୀରେକ ଓଡ଼ିଶାରେ ଆହୁରି ଅନେକ ସାଧାରଣ ପକ୍ଷୀ ଦେଖାଯାଆନ୍ତି, ଯେଉଁଥିରେ, ପାହାଡ଼ି ଶୁଆ (Alexandrine Parakeet), ୩-୪ ପ୍ରଜାତିର ବୁଲ୍ ବୁଲ୍ (Bulbul), ଶସ୍ୟକ୍ଷେତରେ ଦେଖାଯାଉଥିବା ଅଗଣିତ ପକ୍ଷୀ (Bushlark, bushchat etc), ପାଣିକୂଳରେ ଥିବା ବଣି (Bank Myna), ମାଟିଆ ଚିଲ (Black Kite), ଶାଗୁଣା (Vultures), ହଳଦୀ ବସନ୍ତ (Indian Golden Oriole), କାଠହଣା ଚଢ଼େଇ (Lesser Flameback), କଳାଡେଣା ଚିଲ ( Black winged kite), ନୀଳଲାଞ୍ଜିଆ ବାଲିଶୁଆ (Blue tailed Bee Eater), ଡାହୁକ (Bronze winged jacana), ଜଳଚର ପକ୍ଷୀ (Shoveler, Garganey, Grebe, Lesser whistling duck etc.), ବାଦାମୀ ବଲ ପଖୀ (Brown Shrike), ବଗ (Egrets), ବଗୁଲି (Herons), ଗୋବକ (Cattle Egrets), ପାଣି କୁକୁଡ଼ା (Purple Swamp hen), ଟେଲର୍ ବାର୍ଡ଼ (Tailor Bird), ବେକରେ ଧାରୁଆ ପାରା (Eurasian Collared dove), ହୁପୁ (Hoopoe), କାଉ (Indian House crow), ସବୁଜ ପତ୍ରିଆ ପକ୍ଷୀ (Jerdon's leaf bird), ବଣସାରୀ (Jungle Myna), ହସୁଥିବା ପାରା (Laughing Dove), ରବିନ୍ (Indian Robin, Oriental magpie Robin), ଟିଁ ଟିଆଁ ରଣି (Lapwings), ବତକ (Ducks) ଆଦି ଅନେକ ପକ୍ଷୀ ଓଡ଼ିଶାରେ ଦେଖାଯାଆନ୍ତି ।

MBBS, PGDMCH, PGDHM,
ସହକାରୀ ଆଧାପକ
ଗେଲାଣ୍ଡ ଫାର୍ମାସୀ କଲେଜ, ବ୍ରହ୍ମପୁର, ଓଡ଼ିଶା
ପ୍ରତିଷ୍ଠାତା : www.odishabirds.in
ଫୋନ୍ : 9040985463, ଇ-ମେଲ୍ : aahwaan@gmail.com





# ଶୁଭ ଅଶୁଭ ମୁହୂର୍ତ୍ତ

## ଏକ ପ୍ରହେଳିକା



ବାଲ୍ମୀକି ନାୟକ

ମୁହୂର୍ତ୍ତ ଏକ ସାଧାରଣ ଶବ୍ଦ । ଯାହାର ଅର୍ଥ ହେଉଛି ସମୟର କିଛି ଅଂଶ । କିନ୍ତୁ ଆଧ୍ୟାତ୍ମବାଦୀମାନେ ଯେତେବେଳେ ମୁହୂର୍ତ୍ତ ପୂର୍ବରୁ ଶୁଭ କିମ୍ବା ଅଶୁଭ ଶବ୍ଦଟିଏ ଯୋଡ଼ି ଦିଅନ୍ତି, ସେତେବେଳେ ମୁହୂର୍ତ୍ତର ଗୁରୁତ୍ୱ ବଢ଼ିଯାଏ । ଧର୍ମଭୀରୁ ଜନତା ମୁହୂର୍ତ୍ତର ସାଧାରଣ ଅର୍ଥରୁ ଅସାଧାରଣ ମହତ୍ତ୍ୱ ଖୋଜିବାପାଇଁ ନିଜର ମାନସିକ ଶାନ୍ତି ନଷ୍ଟ କରିଦିଅନ୍ତି । କାହାର ମନରେ ପ୍ରଶ୍ନ ଉଠେନାହିଁ ଯେ ଶୁଭ ବା ଅଶୁଭ ମୁହୂର୍ତ୍ତର ମାନେ କଅଣ ? ଏହାର ଆବଶ୍ୟକତା କେତେ ? ଏକା ମୁହୂର୍ତ୍ତରେ ତ ଦୁନିଆରେ ଅନେକ ସୁଘଟଣା ଓ ଦୁର୍ଘଟଣା ଘଟି ଯାଉଛି । ଅର୍ଥାତ ସମସ୍ତ ମୁହୂର୍ତ୍ତ ଶୁଭ ଓ ଅଶୁଭ । ଜୀବଜଗତରେ କେବଳ ମଣିଷ ହିଁ କାହିଁକି ଶୁଭ ଓ ଅଶୁଭ ମୁହୂର୍ତ୍ତ ପାଇଁ ଚିନ୍ତାଗ୍ରସ୍ତ ରହୁଛି ? ମଣିଷ ଜୀବନରେ ଜନ୍ମ, ବିବାହ, ଗୃହକରୀ, ବିଦେଶ ଗମନ, ଗୃହ ପ୍ରବେଶ, ବ୍ୟବସାୟ ଆରମ୍ଭ, ନେତାମାନଙ୍କର ନିର୍ବାଚନ ଲଢ଼ିବା ଇତ୍ୟାଦି କାମ ପାଇଁ ଶୁଭ ମୁହୂର୍ତ୍ତ ଖୋଜିବା ଏକ ସାଧାରଣ କଥା । ଶୁଭ ମୁହୂର୍ତ୍ତ ଗଣନା କରି କହିବା ଏକ ନିର୍ଦ୍ଦିଷ୍ଟ ପଣ୍ଡିତ ଗୋଷ୍ଠୀଙ୍କ କାମ । ଉଚ୍ଚଶିକ୍ଷା ପ୍ରାପ୍ତ ଜଣେ ପ୍ରଶାସନିକ ସେବା ଅଧିକାରୀ, ମହାବିଦ୍ୟାଳୟର ପ୍ରାଧ୍ୟାପକ, ଗବେଷଣାରତ ବୈଜ୍ଞାନିକ, ସଫଳ ଡାକ୍ତର, ଏବଂ ଜ୍ୟୋତିର୍ବିଜ୍ଞାନୀମାନେ ଶୁଭ ଅଶୁଭ ଗଣନା କରିପାରିବେ ନାହିଁ । କିନ୍ତୁ ଜଣେ ମ୍ୟାଟ୍ରିକ୍ ପାସ୍

କାହାର ମନରେ ପ୍ରଶ୍ନ ଉଠେନାହିଁ ଯେ ଶୁଭ ବା ଅଶୁଭ ମୁହୂର୍ତ୍ତର ମାନେ କଅଣ ? ଏହାର ଆବଶ୍ୟକତା କେତେ ? ଏକା ମୁହୂର୍ତ୍ତରେ ତ ଦୁନିଆରେ ଅନେକ ସୁଘଟଣା ଓ ଦୁର୍ଘଟଣା ଘଟି ଯାଉଛି । ଅର୍ଥାତ ସମସ୍ତ ମୁହୂର୍ତ୍ତ ଶୁଭ ଓ ଅଶୁଭ । ଜୀବଜଗତରେ କେବଳ ମଣିଷ ହିଁ କାହିଁକି ଶୁଭ ଓ ଅଶୁଭ ମୁହୂର୍ତ୍ତ ପାଇଁ ଚିନ୍ତାଗ୍ରସ୍ତ ରହୁଛି ?

କରିନଥିବା ବ୍ୟକ୍ତି ବି ପାଞ୍ଜିକା ବା ପଞ୍ଜାଙ୍ଗ ଅଧ୍ୟୟନ କରି ଶୁଭ ଅଶୁଭ ମୁହୂର୍ତ୍ତର ଚକ୍ରବ୍ୟୂହ ଭିତରକୁ ସହଜରେ ସମସ୍ତ ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କୁ ଠେଲି ଦେଇପାରେ । ଏକା ଏକ ବିଡ଼ମ୍ବନା ନୁହେଁ କି ? ସମସ୍ତେ ଶୁଭ ମୁହୂର୍ତ୍ତ ଜାଣିବାକୁ ଚାହାନ୍ତି । କେହି ଅଶୁଭ ମୁହୂର୍ତ୍ତ ଜାଣିବାକୁ ଚାହାନ୍ତି ନାହିଁ । ସତେ ଯେମିତି ସମୟର କିଛି ଅଂଶ ହିଁ ଶୁଭ ବାକୁ ସବୁ ଅଶୁଭ ସମୟ ।

ଆଜିକାଲି ସନ୍ତାନ ଜନ୍ମ କରେଇବା ପାଇଁ ମଧ୍ୟ ଶୁଭ ମୁହୂର୍ତ୍ତ କହିଥାନ୍ତି ଜ୍ୟୋତିଷମାନେ । ପ୍ରାକୃତିକ ଭାବେ ଜନ୍ମଗ୍ରହଣ କରିବା ପୂର୍ବରୁ ଡାକ୍ତରମାନେ ମାଆର ପେଟ କାଟି ଶୁଭ ମୁହୂର୍ତ୍ତରେ ଛୁଆକୁ କାଢ଼ି ଆଣନ୍ତି । ପ୍ରଶ୍ନ ଉଠୁଛି, ସେହି ଛୁଆମାନେ କଣ ସତରେ ତାଙ୍କ ଜୀବନରେ କେବଳ ସଫଳତା ହିଁ ପାଇବେ ? ବିବାହ ପାଇଁ ବି ଶୁଭ ମୁହୂର୍ତ୍ତକୁ ଅତିବେଶୀ ଗୁରୁତ୍ତ୍ୱ ଦିଆଯାଇଥାଏ । ପ୍ରଶ୍ନ ଉଠୁଛି - ଶୁଭ ମୁହୂର୍ତ୍ତରେ ସମ୍ପର୍ନ୍ନ କରାଯାଇଥିବା ସମସ୍ତ ବିବାହ କଣ ସଫଳ ହେଉଛି ?

ସାଧାରଣ ଜନତା ଜାଣନ୍ତି ନାହିଁ ଯେ ଏହି ମୁହୂର୍ତ୍ତ ଗଣନାର ସୂତ୍ରଧର କିଏ ଏବଂ କେଉଁଠୁ ଆରମ୍ଭ ହୁଏ ? ଭାରତର ଦୁଇଗୋଟି ସ୍ଥାନରୁ ପ୍ରତିବର୍ଷ ପଞ୍ଜାଙ୍ଗ ବା ପଞ୍ଜିକା ନାମରେ ଯେଉଁ ପୁସ୍ତକ ପ୍ରକାଶିତ ହୁଏ, ସେହି ପୁସ୍ତକ ଅନୁସାରେ ସମସ୍ତ କର୍ମକାଣ୍ଡ, ପୂଜା ପାଠ, ଆରମ୍ଭ ଓ ଶେଷ କରିବାର ସମୟ ନିର୍ଘଣ୍ଟ ନିର୍ଦ୍ଧାରଣ ହୁଏ । ପ୍ରଥମ ପୁରୀସ୍ଥିତ ଗୋବର୍ଦ୍ଧନ ଧାମରେ ଅବସ୍ଥାନ କରୁଥିବା ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଏବଂ ଦ୍ୱିତୀୟ ଜ୍ୟୋତିଷଧାମରେ ଅବସ୍ଥାନ କରୁଥିବା ସ୍ୱାମୀ ଶଙ୍କରାଚାର୍ଯ୍ୟ ସ୍ୱରୂପାନନ୍ଦ । ଏହି ଦୁଇ ଶଙ୍କରାଚାର୍ଯ୍ୟଙ୍କ ପ୍ରତ୍ୟେକଟି ବକ୍ତବ୍ୟ ହିନ୍ଦୁ ଧର୍ମାବଲମ୍ବୀ ମାନଙ୍କ ପାଇଁ ଅକାଟ୍ୟ ବଚନ । ସୂର୍ଯ୍ୟ ଯେଉଁପରି କୌଣସି ଦିଗର ଅଧିନ ନୁହେଁ ବରଂ ସୂର୍ଯ୍ୟ ଯେଉଁ ଦିଗରୁ ଉଦୟ ହେବ ତାହା ହିଁ ପୂର୍ବଦିଗ ବୋଲି ମାନ୍ୟ ହେବ, ସେହିଭଳି ଶଙ୍କରାଚାର୍ଯ୍ୟମାନେ କୌଣସି ଧର୍ମର ଅଧିନ ନୁହନ୍ତି, ବରଂ ସେମାନେ ଯାହା ନିର୍ଦ୍ଦେଶ ଦେବେ ତାହା ହିଁ ଧର୍ମବାଣୀ ବୋଲି ମାନ୍ୟ ହେବ ।

ଉଦାହରଣ ଦେଖନ୍ତୁ - ଗତବର୍ଷ ପୁରୀର ରଥଯାତ୍ରା ସମୟରେ ଭକ୍ତମାନେ ରଥ ଉପରେ ଚଢ଼ି ଶ୍ରୀଜିଉଙ୍କୁ ଛୁଇଁଲେ ମହାପାପ ହେବ ବୋଲି ଶଙ୍କରାଚାର୍ଯ୍ୟ କହିଦେଲେ । ଏବଂ ଭକ୍ତଠାରୁ ଶାସକ ପର୍ଯ୍ୟନ୍ତ ସମସ୍ତେ ଏହାକୁ ମୁଣ୍ଡପୋତି ମାନିନେଲେ । ଦ୍ୱିତୀୟରେ ଶଙ୍କରାଚାର୍ଯ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ସେହି ବର୍ଷ ଘୋଷଣା କରିଦେଲେ ଶିରଡ଼ି ସାଇବାବାଙ୍କୁ ପୂଜା କରିବା ଆବଶ୍ୟକ ନାହିଁ । ଅବଶ୍ୟ ଧର୍ମଗୁରୁଙ୍କ ଏହି ନିର୍ଦ୍ଦେଶ ବିରୋଧରେ ସାଇଭକ୍ତମାନେ ତୀବ୍ର ପ୍ରତିବାଦ ଜଣାଇଛନ୍ତି । ଦୁଇ ଦଳର ଭକ୍ତମାନଙ୍କ ଭିତରେ ଭବିଷ୍ୟତରେ କେବେ ରକ୍ତାକ୍ତ ସଂଘର୍ଷ ନ ଘଟିବ ସେ କଥା ଗ୍ୟାରେଣ୍ଟି ଦେଇ କହି ହେବନି । ସେହି ଦୁଇଟି ମାନ୍ୟତାପ୍ରାପ୍ତ ଧର୍ମପୀଠରୁ ପାଞ୍ଜି ଆସୁଥିବାରୁ ସମସ୍ତେ ବିନା ତର୍କରେ ଶୁଭ ଓ ଅଶୁଭ ମୁହୂର୍ତ୍ତକୁ ମାନି ପୂଜା ଅନୁଷ୍ଠାନ କରିଥାନ୍ତି ।

ମଜାକଥା ହେଉଛି ଯେ ଏହି ମୁହୂର୍ତ୍ତର ଗଣନା ଅନୁସାରେ କେତେକ ପର୍ବପର୍ବାଣୀ ଗୋଟିଏ ଦିନ ବଦଳରେ ଦୁଇଦିନ ପାଳନ କରିବାପାଇଁ ପାଞ୍ଜିରେ


ଏହି ଇ-ପତ୍ରିକା ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତିପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ନିର୍ଦ୍ଦେଶ ଥିବା ଲକ୍ଷ୍ୟକରି ଛତିଶଗଡ଼ର 'ମହାସମୁନ୍ଦର'ର ଜଣୈକ ବରିଷ୍ଠ ଅଧିବକ୍ତା ଜୟନାରାୟଣ ଦୁବେ ଗତ ୨୮-୦୭-୨୦୧୪ ତାରିଖରେ କୋର୍ଟ୍ ମାଧ୍ୟମରେ ୪୦ ଗୋଟି ଧାର୍ମିକ ସଂସ୍ଥାକୁ ନୋଟିସ୍ ପଠାଇଦେଲେ । ତାଙ୍କର ଅଭିଯୋଗ ହେଉଛି, 'ଚଳିତ ବର୍ଷ ଅଗଷ୍ଟ ମାସରେ ପଡୁଥିବା ଦୁଇଟି ପର୍ବ ହଲଷ୍ଟମୀ ଓ ଜନ୍ମାଷ୍ଟମୀକୁ ଅଲଗା ଅଲଗା ତାରିଖରେ ଶୁଭ ମୁହୂର୍ତ୍ତ ଦର୍ଶାଇ ଦୁଇଦିନ ପାଳନ କରିବାପାଇଁ ଧର୍ମାଚାର୍ଯ୍ୟମାନେ କାହିଁକି ନିର୍ଦ୍ଦେଶ ଦେଇଛନ୍ତି ?' ଅଧିବକ୍ତା ଜୟନାରାୟଣ ୧୯୬୭ଠାରୁ ୨୦୧୪ ମଧ୍ୟରେ ଭିତରେ ପ୍ରକାଶ ପାଇଥିବା ଦଶଗୋଟି ପାଞ୍ଜିକାକୁ ଅଧ୍ୟୟନ କରି ପ୍ରମାଣ କରିଛନ୍ତି ଯେ ପଣ୍ଡିତମାନଙ୍କ ଦ୍ୱାରା ପର୍ବପର୍ବାଣୀ ଓ ଶୁଭ କାର୍ଯ୍ୟ ପାଇଁ ଗଣନା କରିଥିବା ଶୁଭମୁହୂର୍ତ୍ତ ଗୁଡ଼ିକରେ ଅନେକ ବିରୋଧାଭାସ ରହିଛି । ଭାରତରେ ସେ ପ୍ରଥମଥର ପାଇଁ 'ମୁହୂର୍ତ୍ତ' ଗଣନାରେ ରହିଥିବା ଭିନ୍ନ ଭିନ୍ନ ମତ ଉପରେ ପ୍ରଶ୍ନ ଉଠେଇଛନ୍ତି । ଆମେ ସମସ୍ତେ ବି ଦେଖୁଛୁ ହିନ୍ଦୁ ଧର୍ମର ଅନେକ ପର୍ବ ଦେଶର ବିଭିନ୍ନ ଭାଗରେ ଅଲଗା ଅଲଗା ଦିନ ପାଳନ କରାଯାଉଛି, ତାହା ଦକ୍ଷିଣ ଭାରତରେ ଦିନେ ଆଗରୁ କିମ୍ବା ଦିନେ ପରେ ପାଳନ କରାଯାଉଛି । ମହାଲକ୍ଷ୍ମୀ ପୂଜା ଉତ୍ତର ଭାରତରେ ଗୁରୁବାର ଦିନ ପାଳନ କରାଯାଉଛି ଅଥଚ ଦକ୍ଷିଣ ଭାରତରେ ଏହା ଶୁକ୍ରବାର ଦିନ ପାଳନ ହେଉଛି । ଗୋଟିଏ ପର୍ବକୁ ଦୁଇଦିନ ପାଳନ କରିବାପଛରେ କିଣ ବା କାରଣ ଅଛି ? ସେକଥା ଧର୍ମଗୁରୁମାନେ ହିଁ ବୁଝନ୍ତୁ ।

ହେତୁବାଦୀ ମତରେ ମୁହୂର୍ତ୍ତଗଣନା ପଛରେ ରହିଛି ଏକ ସୁଚିନ୍ତିତ ବ୍ୟବସାୟ ବୁଦ୍ଧି । ଭକ୍ତମାନଙ୍କୁ ବୌଦ୍ଧିକ ପଙ୍ଗୁକରି, ମାନସିକ ସ୍ତରରେ ଭ୍ରମିତ କରି, ଆର୍ଥିକ ଶୋଷଣ କରିବା ହେଉଛି ଅସଲ ଉଦ୍ଦେଶ୍ୟ । ଏହି ଯୁଗରେ ମୁହୂର୍ତ୍ତ ଗଣନା ଦ୍ୱାରା ବିଭିନ୍ନ ବ୍ୟବସାୟୀ ଓ ଗଣ ମାଧ୍ୟମକୁ ବି ପ୍ରଚୁର ପରିମାଣରେ ଫାଇଦା ହେଉଛି । ପର୍ବ ଦିନମାନଙ୍କରେ ଭୌତିକ ବସ୍ତୁ ଗୁଡ଼ିକର ଗଣମାଧ୍ୟମରେ ବିଜ୍ଞାପନ ଦ୍ୱାରା ଯଥେଷ୍ଟ ଫାଇଦା ହେଉଛି । ନିଜର ସାମାନ ବିକ୍ରୀ କରିବାପାଇଁ ବିଜ୍ଞାପନ ଦେବା ଭୁଲ କଥା ନୁହେଁ, କିମ୍ବା ସେଥିପାଇଁ କାହାର ଆପତ୍ତି ରହିବା ଉଚିତ ନୁହେଁ, କିନ୍ତୁ ଏକ ଶୁଭ ମୁହୂର୍ତ୍ତରେ ଅମୁକ ବସ୍ତୁ କିଣିଲେ ସୌଭାଗ୍ୟ ବୃଦ୍ଧି ହେବାର ଭ୍ରାମକ ବିଜ୍ଞାପନ ନିଶ୍ଚିତ ଭାବେ ଅନ୍ୟାୟ । ବ୍ୟବସାୟୀ ମାନେ ବି ଜାଣନ୍ତି ଯେ ମୁହୂର୍ତ୍ତର କୌଣସି ପ୍ରଭାବ ନାହିଁ । ଯେ କୌଣସି ମୁହୂର୍ତ୍ତରେ ଜିନିଷ ବିକ୍ରୀ ହେଲେ ତାଙ୍କର ଲାଭ ନିଶ୍ଚିତ । କେବଳ ଅନ୍ଧବିଶ୍ୱାସୀ ଗ୍ରାହକ ଭାବନ୍ତି, 'ଧନତେରସ୍' ସମୟରେ ସୁନା ଓ ରୁପା କିଣିଲେ ଆମର ସୌଭାଗ୍ୟ ବୃଦ୍ଧି ହେବ ।

ବିବାହ ଯୋଗ୍ୟ ଅନେକ ଯୁବକ ଯୁବତୀ ତାଙ୍କର ଜାତକ ଗଣନାର ଭ୍ରାମକ ତଥ୍ୟ ଯୋଗୁଁ ଠିକ୍ ସମୟରେ ବିବାହ କରିପାରନ୍ତି ନାହିଁ । ଏଇଠି କେବଳ ଅଶିକ୍ଷିତ ନୁହେଁ ଶିକ୍ଷିତ ବର୍ଗମଧ୍ୟ ଧୋଖା ଖାଇଯାଆନ୍ତି । ସେମାନେ ଗୋଟିଏ ସାଧାରଣ କଥା ବିଚାର କରିବା ଉଚିତ ଯେ ଯେଉଁ ଧର୍ମର ଲୋକମାନେ ଜାତକ କିଣ ଜାଣନ୍ତି ନାହିଁ, ସେମାନଙ୍କ ଦାମ୍ପତ୍ୟ ଜୀବନ କିଣ ସୁଖରୁ ଚାଲୁନାହିଁ? ଜାତକ ମେଳ କରି ଶୁଭ ମୁହୂର୍ତ୍ତରେ ବିବାହ କରିଥିବା ଦମ୍ପତ୍ତିଙ୍କ କ'ଣ ବିଚ୍ଛେଦ ଘଟୁନାହିଁ? ବିବାହ ବେଦୀରେ ଅହ୍ୟସୁଲକ୍ଷଣୀ ଆଶୀର୍ବାଦ ପାଇଥିବା କନ୍ୟାଟି କିଣ ବୈଧବ୍ୟ ଯନ୍ତ୍ରଣା ଭୋଗ

କରୁନାହିଁ ?

ଜୟନାରାୟଣ ତାଙ୍କର ଅଭଯୋଗ ପତ୍ରରେ ଦୁଇଥର ଶୁଭ ମୁହୂର୍ତ୍ତ କାହିଁକ ରହୁଛ, ନ ଲେଖି ମୁହୂର୍ତ୍ତର ଆବଶ୍ୟକତା କାହିଁକ ବୋଲ ପ୍ରଶ୍ନ କରବା ଉଚତ ଥିଲା । ସମସ୍ତେ ଏହା ସ୍ୱୀକାର କରବେ ଯେ ବର୍ଷସାରା ପ୍ରତ୍ୟେକ ମୁହୂର୍ତ୍ତରେ ଦେଶର ବଭନ୍ନ ସ୍ଥାନରେ ପୂଜା ଆଦ ହେଉଛ କନ୍ତୁ ନଜ ଅଞ୍ଚଳରେ ରହୁଥିବା ଧର୍ମଗୁରୁ, ପଣ୍ଡିତ ଓ ଜ୍ୟୋତଷମାନେ ସେହ ଅଞ୍ଚଳର ଲୋକମାନଙ୍କୁ ତାଙ୍କ ଦ୍ୱାରା ଗଣନା କରାଯାଇଥିବା ଶୁଭ ମୁହୂର୍ତ୍ତକୁ ମାନବାପାଇଁ ବାଧ କରବା କେତେଦୂର ତର୍କ ସଙ୍ଗତ ? ଲୋକମାନେ ବୁଝିବା ଉଚତ ଯେ ଯେଉଁ ମୁହୂର୍ତ୍ତଟି ଅଶୁଭ ବୋଲ ଗୋଟିଏ ଧର୍ମର ବ୍ୟକ୍ତି ବବାହ, ବ୍ରତ, ବଦେଶ ଗମନ, ଗୃହପ୍ରବେଶ ଆଦ ବର୍ଜନ କରୁଛ । ଠିକ୍ ସେହ ମୁହୂର୍ତ୍ତରେ ଅନ୍ୟ ଏକ ଧର୍ମର ମଣିଷ ସବୁକଛ କରୁଛୁ ଏବଂ ସଫଳ ଜୀବନଯାପନ କରୁଛ ।

ଆଉ ଏକ ବୈଜ୍ଞାନକ ତଥ୍ୟ ହେଉଛ - ସମୟର ମାପ, ଦନ ଓ ମାସର ନାମକରଣ, କୌଣସି ତଥାକଥିତ ଈଶ୍ୱର କରନାହାନ୍ତ । ମଣିଷମାନେ ହିଁ କରଛନ୍ତ । ଗୋଟିଏ ସୌରବର୍ଷରେ ୩୬୫ ଦନ ବା ୫୨ ସପ୍ତାହ ବା ୧୨ ମାସ, ସପ୍ତାହରେ ୭ ଦନ ଆଦ ଗଣନା ସରବାପରେ ଯେଉଁଦନ ସେହ ବଦ୍ୱାନ ଗୋଷ୍ଠୀ ବସି ଠିକ୍ କଲେ ଯେ ଆଜର ଦନକୁ ନାମ ଦେବା ରବବାର, ତା'ପର ଦନ ସୋମବାର, ଏହ କ୍ରମରେ ଶନବାର ଦନ ୭ ଦନ ସରବ । ସେହ ଦନଠାରୁ ଦନଗୁଡ଼ିକର ନାମକରଣ ହୋଇଗଲା । ଧିରେ ଧିରେ ଦୁନଆର ସମସ୍ତ ଦେଶ ସ୍ୱୀକାର କଲେ । ଧରନ୍ତୁ ସେହ ବଦ୍ୱାନ ଗୋଷ୍ଠୀ ଦ୍ୱତୀୟ ଦନଠାରୁ ରବବାର ଆରମ୍ଭ କରଥାନ୍ତେ, ତେବେ ଆଜ ଆମେ ଯାହାକୁ ଗୁରୁବାର ବୋଲ ମାନୁଛୁ ତାହା ବୁଧବାର ହୋଇଥାନ୍ତା । ଯଦ ବାରଗୁଡ଼ିକ ମନୁଷ୍ୟକୃତ ନ ହୋଇ ଦୈବୀକୃତ ହୋଇଥାନ୍ତା, ତା'ହେଲେ ଖରା, ବର୍ଷା ଓ ଶୀତଋତୁଭଳ ଆମେ ଦନଗୁଡ଼ିକରେ ବ ପ୍ରଭାବ ଅନୁଭବ କରପାରଥାନ୍ତେ । ଧରନ୍ତୁ ରବବାର ଦନର ସୂର୍ଯ୍ୟାଲୋକ ନାଲଆ, ସୋମବାର ଦନ ହଳଦଆ, ମଙ୍ଗଳବାର ଦନ ନୀଳ, ବୁଧବାର ଦନ ବାଇଗଣୀ, ଗୁରୁବାର ଦନ ଧଳା, ଶୁକ୍ରବାର ଦନ ସବୁଜ ଓ ଶନବାର ଦନ ଧୂସର ହୋଇଥାନ୍ତା । ତେବେ ଆମକୁ ବାର ଜାଣିବାପାଇଁ କ୍ୟାଲେଣ୍ଡର ଦେଖିବା ଦରକାର ପଡ଼ନ୍ତାନାହିଁ । ସୂର୍ଯ୍ୟ କରଣର ରଙ୍ଗ ଦେଖି ବାରର ନାମ ଜାଣିପାରନ୍ତେ । ଗୁରୁବାର ଦନ ଲକ୍ଷ୍ମୀପୂଜା ନ କଲେ ଦରଦ୍ର ହୁଅନ୍ତେ, ଏବଂ ଶନବାର ଦନ ଶନଦେବତାଙ୍କୁ ପୂଜା ନ କଲେ ଆମର ସର୍ବନାଶ ହେବା ସୁନଶ୍ଚିତ ହୁଅନ୍ତା । ପାଠକେ ବଚାର କରନ୍ତୁ ।


ଘର ନଂ - ୩୮/୨, ଦ୍ୱତୀୟ କ୍ରସ୍
ସତ୍ୟସାଇବାବା ଲେ'ଆଉଟ୍, ପୋ - କେ ଆର୍ ପୁରମ୍
ବାଙ୍ଗାଲୁରୁ - ୫୬୦୦୩୬
ମୋବାଇଲ୍ - ୯୪୮୨୦୧୬୨୬୦

# ଡିଜିଟାଲ୍ ଇଣ୍ଡିଆ




ଡା ସୌମ୍ୟରଞ୍ଜନ ମିଶ୍ର




ଶେଷ ହେବାରୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ
ପିଏମ୍ଓ ଅଫିସ ହୋଇପଡ଼ିଲା ବ୍ୟସ୍ତ
କରିଗଲା ଶକ୍ତ ସର୍କୁଲର ଜାରୀ
ସବୁ ମିନିଷ୍ଟ୍ରି ଡିଜିଟାଲ୍ ହେବା
ଏଣିକି ନିହାତି ଜରୁରୀ ।

ଏଥିପାଇଁ କାର୍ଯ୍ୟକ୍ରମ ରୂପରେଖ ବଜେଟ ସମେତ
ମିନିଷ୍ଟ୍ରି ପଠାଇବେ ପିଏମ୍ଓ ଅଫିସ୍ ତୁରନ୍ତ
କାରଣ, ଆସନ୍ତା ଶୀତ ଅଧିବେଶନରେ
ଏ ସଂକ୍ରାନ୍ତୀୟ ବିଲ ହୋଇବ ଆଗତ
ନୋହିଲେ କି ରହିବ ମହତ ଓ ମାନ
ପ୍ରଧାନମନ୍ତ୍ରୀ ପରା ଦେଇଛନ୍ତି
'ଭାରତ ଗ୍ଲୋବାଲ'ର ଆହ୍ୱାନ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମିନିଷ୍ଟ୍ରି
କେବଳ ଖର୍ଚ୍ଚ କରିବାରେ ଯାହାର ଚମତ୍କାର ହିଷ୍ଟ୍ରି
ନୂତନ ଆଇଡ଼ିଆରେ ମଧ୍ୟ ଏଥର ରହିଲା ସର୍ବାଗ୍ରେ
ଅନ୍ୟ ମିନିଷ୍ଟ୍ରିମାନଙ୍କୁ ମାରଦେଇ ପଟି ।

ଆଇଡ଼ିଆ ଅନୁସାରେ କାର୍ଯ୍ୟକ୍ରମ ଏହିପରି ହେବ
ଯେଉଁମାନେ ହେବେ ଗର୍ଭବତୀ
ପଞ୍ଜୀକରଣ ସମୟରେ ସେମାନଙ୍କୁ
ମାଗଣାରେ ଗୋଟେ ଲେଖାଁ ଟାବଲେଟ୍ ମିଳିବ
ବେକରେ ଓହଳିବାକୁ ଝୁଲା ମୁଣି ବି
ତା ସହିତ ଥିବ ।

ଫଳରେ, ମା' ସ୍ୱାସ୍ଥ୍ୟର ଟ୍ରାକିଙ୍ଗ୍ ସହିତ
ମା'ପେଟରୁ ଶିଶୁ ଡିଜିଟାଲ୍ ହେବାର
ଜ୍ଞାନ କୌଶଳ ଶିଖିବ
କାରଣ, ବୟସ୍କଙ୍କୁ କରିବାକୁ ଡିଜିଟାଲ୍
ବହୁ ପରିଶ୍ରମ ଓ ସମୟ ଲାଗିବ
ଅଧିକ ମଧ୍ୟ ଖର୍ଚ୍ଚ ହେବ ମାଲ୍ ।

ଆଶା ଓ ଅଙ୍ଗନାବାଡ଼ି ଦିଦିଙ୍କୁ
ଏଥିପାଇଁ କରାଯିବ ପ୍ରଶିକ୍ଷିତ
ଏ ଦିଗେ ସାହାଯ୍ୟ କରିବେ
ଗୁଗୁଲ୍, ଫେସବୁକ୍ ପରି କମ୍ପାନୀ ବିଖ୍ୟାତ ।

ଯିଏ ତିନିବର୍ଷ ମଧ୍ୟରେ ଆଉଥରେ ମା' ହେଏ
ପୁରୁଣା ଟାବଲେଟରେ ସିଏ କାମ ଚଳେଇବେ
ନୂଆ ଟାବଲେଟ୍ ପାଇବା ଲୋଭରେ
ମା'ମାନେ ଗର୍ଭ ଏଡ଼ାଇଲେ
ଶିଶୁମୃତ୍ୟୁହାର ମାତୃ ମୃତ୍ୟୁହାର
ଆପେ କମିଯିବ
ଆଉ, ସୁସ୍ଥ ରହିଲେ ଭାରତ
ଡିଜିଟାଲ୍ ଇଣ୍ଡିଆ ଆଡ଼କୁ
ଧପାଲି ଗ୍ଭଲିବ ।

ମଧ୍ୟଖଣ୍ଡୀ, ଶ୍ରୀବଳଦେବ ଜୀଉ
କେନ୍ଦ୍ରାପଡ଼ା, ୭୫୪୨୧୨
ମୋବାଇଲ୍ - ୯୯୩୭୩୭୪୩୪୨
ଇମେଲ୍ - dr.srmishra@gmail.com

# ଦଶହ'ର ଦଶା



ରଶ୍ମି ରଞ୍ଜନ ଦାଶ



କାଶତଣ୍ଡୀ ହସିଲାଣି ଧରା ଉପବନେ
ସୁନୀଳ ଅମ୍ବର ସୁନ୍ଦର ଛଟା ପୁଣି ଟାଣେ
ଗ୍ରୀଷ୍ମତାପ ବର୍ଷା ବନ୍ୟା ସବୁ ଅନ୍ତର୍ହିତ
ଆସ ଆସ ମହାମାୟୀ ମାଗୋ ଜଗନ୍ମାତ....୧

ଦୁର୍ନିତୀ ଅନତୀ ଆଉ ନାରୀ ଅତ୍ୟାଗ୍ଚର
ଧର୍ଷିତା ପୀଡ଼ିତା ଆଜ ସଂସ୍କୃତ ତୁମର
ଲକ୍ଷେ ମହଷା ର ପୁଣି କପଟ ଆଗ୍ଚର
ହେ ଧୁର୍ଜଟୀ ପ୍ରାଣପ୍ରିୟା କରଗୋ ଉଦ୍ଧାର......୨

ପୁରୁଷ ହୋଇଛ ଆଜ କ୍ଲୀବର ସମାନ
ଅବଳା ଦୂର୍ବଳା ସାଥେ କରେ ହୀନ କର୍ମ
କାମଜ୍ୱାଳା ମହାବ୍ୟାଧି କରେ କବଳତ
ଚେତାଇ ଦଅ ଗୋ ଚୈତନ୍ୟମୟୀ ତୁମେ ମାତ....୩

ନାରୀ ଆଜ ଭୁଲ ଅଛ ଆଗ୍ଚର ସଂଠଣା
ସ୍ୱଳ୍ପବାସ ଆଧୁନକତା କରେ ବାଟବଣା
ଉନ୍ନତୀର ଦ୍ୱାହୀ ଦେଇ ଅଙ୍ଗ ପ୍ରଦର୍ଶନ
ଆସ ଶାକମ୍ବରୀ କର ଲଜ୍ଜା ନୀବାରଣ....୪

ଗୁରୁ ଗୁରୁଜନ ପୂଜା ଯାଉଛ ଉଭେଇ





ଭଣ୍ଡ ବାବା ଭଣ୍ଡ ଗୁରୁ ଦଅନ୍ତି ଠକେଇ
ବିଶ୍ୱାସେ ମିଶଇ ବିଷ ପ୍ରତିଟି ମୁହୂର୍ତ୍ତେ
ଆସଗୋ ଶାନ୍ତିରୁପିଣି ଶାନ୍ତି ଭରି ଚିତ୍ତେ.....୫

ଧର୍ମ ନାମ ଖୋଳପା କୁ ଆବୋରି ଧରିଣ
କରନ୍ତି ସାଧୁଏ ନାରୀର ଚରିକୁ ହରଣ
ସାଧୁ ପରି ସଂସ୍କୃତିର ଜାଗ୍ରତ ପ୍ରହରୀ
ବାଡ଼ ଆଜି  ଖେତ ଖାଏ ରଖ ଶୁଭଙ୍କରୀ........୬

ଦେଶ ଦଶର ନାୟକ ଯେଉଁ ରାଜନେତା
ଧର୍ମ ନାମେ ରାଜନୀତି ଖେଳି ସତ୍ତା ସତ୍ତା
ଗରୀବ,କୃଷୀ କାନ୍ଦନ୍ତି ଶିରେ କର ମାରି
ଆସ ମହାତାରି ଆସ ଦୁଷ୍ଟ ବଧକରି.....୭


ପାର୍ବଣ ଆସିଛି ସିନା ଧରଣୀ କାନ୍ଦୁଛି
କଳି କୋପ ଦିନୁଦିନ ପ୍ରବଳ ହେଉଛି
ଏକପଦ ଧର୍ମ ଯେଣୁ ଦୁଃଖରେ ଜଗତ
କେବଳ ତୁମେହିଁ ସାହା ହେ ଗଣେଶ ମାତ......୮

ସହସ୍ରଭୁଜା   ହୋଇଣ ଆସ ବିଷ୍ଣୁମାୟା
ସହସ୍ରାୟୁଧେ ଖଣ୍ଡିତ ହେଉ ମହିଷା ର କାୟା
ନଲଭନ୍ତୁ ନାରୀ ଦୁଃଖ ପୁରୁଷ ହୁଅନ୍ତୁ ସଂଜତ
ଦୁର୍ନୀତି ଆପଦ ମୁକ୍ତ ହେଉ ମୋ ଭାରତ.....୯

ଦଶ ଦୋଷ ନାଶ ଯାଉ ଖଣ୍ଡିତ ହେଉ ଗୋ ଦୁର୍ଗତୀ
ଶାନ୍ତି ମୈତ୍ରୀ ଦୟା କ୍ଷମା ଦିଅ ମହାସତୀ
ପାପୀ ପାପ ନାଶ ଯାଉ ବଢୁ ତପୀ ତପ
ଦୁନିଆରୁ ହଟି ଯାଉ ସବୁ କ୍ଳେଷ ଦୁଃଖ
ନରହନ୍ତି ଏ ଜଗତେ ପିଶାଚ ରାକ୍ଷସ
ତୋହ ଆଗମନେ ଆନନ୍ଦ ହେଉ ମୋର ବିଶ୍ୱ.....୧୦

ଦଶିରା ରେ ଦଶ ପଦ ଲେଖିଦେଲି ଗୀତ
କୃତାର୍ଥ ହୋଇବି ଯେବେ ଛୁଇଁବ ତୋ ଚିତ୍ତ
କରୁଣା ପଣତେ ତୋହେ ମୋତେ ଘୋଡାଇବୁ
ଦୁଃଖପଛେ ଦବୁ ମୋତେ ପର ନକରିବୁ
ଏତିକି କାମନା କରି ରଖିଲି କଲମ
ଜଗା-ପଦ-ଦାସ ରଶ୍ମି ରଞ୍ଜନ ମୋ ନାମ ।

# ଅଶାନ୍ତ



ହତେଶ୍ ମହାପାତ୍ର



ଲୁଚ ଯାଉଛ ସତ
ମିଛର ଘନ ବାଦଲ ପଛରେ
ହଜ ଯାଉଛ ହସ
ଏ କୃତ୍ରମ ପରବେଶରେ  ।୧ ।
ତଣ୍ଟି ଚପା ସଙ୍ଗୋଟ
ହୁଏ ଛଟପଟ
ହୁକା ମାର ପାପ
ଚଲେଇଛ ନଜ ନାଟ  ।୨ ।
ଜନ୍ମ ଜନ୍ମାନ୍ତରର କର୍ମଫଳ କହ
ବୁଝାଏ ନଜ ମନକୁ
ମନ କହେ ମୋତେ
ଠକୁଛୁ ତୁ କାହାକୁ ?  ।୩ ।
କଳର ଅନ୍ତରେ
ମିଳବ ଶାନ୍ତ
କାଳର  ଅନ୍ତରେ
ମୋର ଏ କବତା "ଅଶାନ୍ତ"  ।୪ ।

# ଏମିତ ଝିଅକୁ ପାଉଛି ଭଲ



ଶିଶିର କୁମାର ସାମଲ



ଏମିତ ଝିଅକୁ ପାଉଛି ମୁଁ ଭଲ
ବୁଝୁନାହିଁ ମୋର ମନ,
ତା'ପାଇଁ ଝୁରୁଛି ବିରହେ ମରୁଛି
ଲୁହରେ କାଟୁଛି ଦିନ ॥
ହୃଦୟକୁ ମୋର ବାଲିଘର ଭଳି
ଭାଙ୍ଗିଦେଇ ଚାଲିଗଲ,
ତଥାପି ତୁମକୁ କରୁଛି ଅପେକ୍ଷା
ପାଉଛି ତୁମକୁ ଭଲ ॥
ଦେଲେ ଦେଇଯାଅ କଷଣ ହଜାରେ
ଭାଙ୍ଗନାହିଁ ମୋର ମନ,
ମନ ଭାଙ୍ଗିଗଲେ ସହିହେବ ନାହିଁ
ପ୍ରେମ ହୋଇଯିବ ଲୀନ ॥
ହୃଦୟରେ ମୋର ଅସରନ୍ତି ପ୍ରେମ
ତୁମପାଇଁ ଥିଲି ରଖି,
ପ୍ରେମକୁ ମୋହର ପାଦେ ଆଡ଼େଇଲ
ପାରିଲନି ସାଥୀ ଦେଖି ॥
ଜୀବନକୁ ମୋର ପ୍ରେମ ଦୀପାଳିର
ସଳିତାଟେ ସଜାଇଲି,
ରଶ୍ମି ଲାଗି ନିଜ ଲହୁର ଘୃତ୍ୟରେ
ଜଳିଜଳି ଶେଷ ହେଲି ॥

ଗ୍ରା/ପୋ-କଣ୍ଟିପୁର, ଭାୟା-ବଞ୍ଚାରପୁର,
ଜିଲ୍ଲା-ଯାଜପୁର ପିନ୍-୭୫୫୦୦୪, ଓଡ଼ିଶା.
ମୋ - 7894060666
ଇମେଲ୍ - sisirkumarsamal@gmail.com

# ଜୀବନ



ହମାଂଶୁ ଶେଖର ବାରକ୍

ଗତ କରୁ କରୁ ଜୀବନ ପଥରେ
ଜାତ ହେଲା ଏକ ପ୍ରଶ୍ନ ମୋ ମନରେ ।।
ଜୀବନ ଯାତ୍ରାର ଦଗ କେଉଁ ଆଡେ
ଦଗହୀନ ହୋଇ ଅବା ଏହା ଉଡେ ।।
ଜୀବନ ରହସ୍ୟ କପର ବୁଝିବ
ଜୀବନର କାଳ କେମିତ କାଟିବ ।।
କର ଅଧ୍ୟୟନ ପୁସ୍ତକ କଞ୍ଚିତ
ଦୁଇ ଗୋଟି ମାର୍ଗ ହୋଇଲ ପ୍ରାପତ ।।
ଏକ ମାର୍ଗ କହେ ଶରୀର ବନାଶ
ଜୀବନ ପ୍ରକ୍ରୟା ହୋଇଯାଏ ଶେଷ ।।
ମରଯିବା ପରେ କସ ଯେ ହୋଇବ
ସେ ବଷୟରେ କଏ କହ ପାରବ ।।
ବଞ୍ଚିଥିବା ଯାଏ ସୁଖରେ ବଞ୍ଚିବା
ଜୀବନକୁ ଉପଭୋଗରେ କାଟିବା ।।
ଯେତେ ପାର ଧନ ସଂଗ୍ରହ କରବା
ବଳାସ ବ୍ୟସନେ ସମୟ କାଟିବା ।।
ସୁନ୍ଦରୀ ଲଳନା ଗହଣେ ରହବା
ଆତ୍ମ ପ୍ରତଷ୍ଠା ପ୍ରଚେଷ୍ଟା କରବା ।।
ଅନୁଧ୍ୟାନ କର ଦେଖିଲ ଏ ମାର୍ଗ
ମନେ ହେଲା ଏ ଯେ ଅତ ସାଂଘାତକ ।।



ସ୍ନେହ ପ୍ରେମ ଭାବ ତ୍ୟାଗ ମୂଲ୍ୟହୀନ
ଜୀବନ କି ଦଏ ଶାନ୍ତିର ସନ୍ଧାନ ।।

ଅନ୍ୟ ପନ୍ଥା ଆଧାରିତ ବିଶ୍ୱାସରେ
ଆସ୍ଥା ରଖି ଥାଏ ପୁନର୍ଜନମରେ ।।
ପାପ ଓ ପୁଣ୍ୟର ଭେଦ ଦରଶାଇ
କରମ ଘେନି ଫଳ ମିଳେ ବୋଲଇ ।।
ପ୍ରାରବ୍ଧ କ୍ରିୟମାଣ ସଞ୍ଚିତ ତିନି
କର୍ମଫଳ ଭୋଗିଥାଏ ସବୁ ପ୍ରାଣୀ ।।
ପୂର୍ବ କର୍ମ ଫଳ ଏ ଜନ୍ମେ ଭୋଗଇ
ଶରୀର ନାଶରେ ଜୀବ ନାଶ ନୋହି ।।
ସ୍ନେହ ପ୍ରେମ ଦୟା କ୍ଷମା ତ୍ୟାଗ ଭକ୍ତି
ଜୀବନେ ପ୍ରଦାନ କରଇ ପ୍ରଶାନ୍ତି ।।
ଅଳପ ଅଳପ କରିଲି ଅଭ୍ୟାସ
ହୃଦୟେ ଆନନ୍ଦ ହୋଇଲା ବିକାଶ ।।

# ଜଣକ ଅପେକ୍ଷାରେ




ଶୁଭ୍ରାଂଶୁ କୁମାର ବଶ୍ୱାଳ





ମୁଁ ବ ତୁମର ପର ମଣିଷଟିଏ
ମୋ ଭତରେ ବ ଅଛି ଗୋଟେ ହୃଦୟ
ମୋତେ ବ କଷ୍ଟ ଲାଗେ
ଅନୁଭବ କରପାରେ ଯନ୍ତ୍ରଣାକୁ
କଥାବାଣରେ ମୋତେ ଆଉ କରନ କ୍ଷତାକ୍ତ,
ତୁମେ ।
ଆଜ ବ ସହବାରେ ଶେଷ ସୀମାନ୍ତରେ ମୁଁ
ଅଥୟ ମୋ ଭତରର ପୁରୁଷ
ମୋତେ ମିଠାକଥା ପଦଏ କେହତ ଜଣେ କୁହ
ମନକୁ ମୋ ସାଉଣ୍ଟି ନଅ
କେହ ଜଣେ ଆପଣାର କର
ସମସ୍ତେ ତ ଏମିତ ନୁହନ୍ତ କଦାପି,
ହଇରେ ତୁ କୁଆଡ଼େ ପଳେଇଛୁ
ତୁ କେବେ ଆସି କଳି କରବୁ ସେମାନଙ୍କ ସହ
ଯୋଉମାନେ ମୋତେ ଏମିତ କହୁଛନ୍ତ
ଯେ ମୁଁ ଏକା
ସେମାନେ ଜାଣନ୍ତନ, ମୋ ପାଇଁ ତୁ ଅଛୁ
କେବେ ଆସିବୁ, ସେମାନଙ୍କୁ ଜଣେଇବା ପାଇଁ ?
ମୁଁ ଅପେକ୍ଷାରେ...


ନୟାଗଡ଼ ସ୍ୱୟଂଶାସିତ ମହାବଦ୍ୟାଳୟ, ନୟାଗଡ଼

# ବାବା ସାରଥୀ...



ଲକ୍ଷ୍ମୀକାନ୍ତ ନାୟକ



ସଭଙ୍କ ମୁହଁରେ ଗୋଟିଏ କଥା
ବାବା ସାରଥୀଙ୍କ ଚମତ୍କାରତା ।
ତାଙ୍କର ପାଦରୁ ବହୁଛି ରସ
ଦୂର ଦୁରନ୍ତରୁ ଆସନ୍ତି ଲୋକ ।
ରସକୁ ଟିକଏ ପାଇବା ପାଇଁ
ମାଡ଼ଗୋଳ ଲୋକ ଯାଆନ୍ତି ହୋଇ ।
ବାବା ଯାଇଥିଲେ ହାଇଦ୍ରାବାଦ
ଆମିଷଦ୍ରବ୍ୟ ସେ କଲେ ସେବନ ।
ଗତଏ କାଟିଲେ ଯୁବତୀଙ୍କ ସହ
ନଶାଗ୍ରସ୍ତ ହୋଇ କର ମଦ୍ୟପାନ ।
ଏକଥା ପଡ଼ିଲା ଲୋକଙ୍କ କାନେ
ବାବାଙ୍କ କଥାକୁ ଆଉ କେ ଶୁଣେ ?
କେନ୍ଦ୍ରାପଡ଼ାରେ ତ ହେଲା ଷ୍ଟ୍ରାଇକ
ହୁର ପଡ଼ିଗଲା ଗୃର ଆଡ଼ିକ ।
ସାର୍ ଗଇଜରେ ହେଲ୍ ଚହଳ
ପୁଲସ୍ ଆସିଲେ ଭେଳ କ ଭେଳ ।
ପୁଲସ୍ ମାଡ଼େ କେ ହେଲେ ବେହାଲ
ଉତ୍ୟକ୍ତ ଲୋକଙ୍କୁ କଲେ ବାହାର ।
ପୁଲସ୍ ଜନତା ସାଙ୍ଗରେ ଲଢ଼ି,
ଆଇନ ଶୃଙ୍ଖଳା ଗଲା ବଗିଡ଼ି ।
ଗତ ଗୃରଟାରେ ଉଠେଇ ନେଲେ
ହରଡ଼ଘଣାରେ ପକେଇଦେଲେ ।
ପୁଲସ୍ କହୁଛି ଯାଞ୍ଚ ଗ୍ଲଛି
କୋର୍ଟ୍ କହଲେ ମାମଲା ଅଛି ।
ଏମିତ କଥା...
ବାବା ସାରଥୀଙ୍କ ଚମତ୍କାରତା ।

# ବୃଦ୍ଧାଶ୍ରମ



ପ୍ରଶାନ୍ତ କୁମାର ନାଥ



ଜନ୍ମ କରଥିଲୁ ପୁଅଝିଅ ଆମେ
କରଥିଲୁ ତାଙ୍କୁ ବଡ଼
ବଡ଼ ହେଲାପରେ ଲୋଡ଼ାନାହିଁ ଆମ
ଦଅନ୍ତ ଆମକୁ ମାଡ଼ ।

ନତ ଖୋଉଥିଲୁ ସେମାନଙ୍କୁ ଆମେ
ପେଟେ ଦେଇ ଓଦାକନା
ଖୋଇବାକୁ ଦେଇ କୁହନ୍ତ ଆଜ ସେ
ନଷ୍ଟ କରୁ ତାଙ୍କ ଦାନା ।

କରଛନ୍ତ ଘର ମାର୍ବଲ ଚଟାଣ
ଲ୍‌ଗିଯିବ ବୋଲ ଧୂଳ
ଘରର ପଛରେ ଆମ ପାଇଁ ସିଏ
ଟୁଙ୍ଗି ଦେଇଛନ୍ତ ତୋଳ ।

ହଗଣା ମୁତଣା କେତେ ସଫାକରୁ
ହସାବ ତାହାର ନାହିଁ
ନଜ କାମ ଏବେ ନଜେ କରୁ ଆମେ
ହେଉନାହିଁ ଆଉ ସହ ।

କାଶିଦେଉ  ଯଦ ଅକାଳରେ ପଡ଼ି
ହୋଇଲେ ଟିକେ ବେମାରୀ
ନାକକୁ ଟେକକ କୁହନ୍ତ ସେମାନେ
ଯାଉନୁ କାହିଁକ ମର ।

ବାପାମାଆ ବୋଲି କହିଦେଲେ ସିଏ
ଲାଗିବ ବୋଲି ସରମ
ଖୋଜି ଆସିଛନ୍ତି ଆମ ପାଇଁ କାଳେ
ସିଏ ଗୋଟେ ବୃଦ୍ଧାଶ୍ରମ ।


ସେଠି କାଳେ ଆମେ ଶାନ୍ତିରେ ରହିବୁ
ଏକଥା କୁହନ୍ତି ସିଏ,
ଆମ ପାଇଁ କେତେ ଚିନ୍ତା ଯେ ତାଙ୍କର
ବୁଝିବ କି ଆଉ କିଏ ?

ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର
ମୋବାଇଲ୍ - ୮୮୯୨୩୦୧୧୪୩

# ସ୍ପନ୍ଦନ



ଜୟନ୍ତୀ ବେହେରା



ମୁଁ ଜାଣିଥିଲି
ତୁମେ ମୋ ଦେହ ଛୁଇଁ
ମିଛ କହୁଛ...
ତଥାପି ବିଶ୍ୱାସ କରୁଥିଲି
ତୁମ କଥାକୁ !

ମୋତେ ଜଣା ଥିଲା
ଅନେକ ଆଗରୁ
ତୁମେ ଏମିତ ହିଁ କରବ
କର ଗ୍ଲଥିବ ।
ତୁମେ ଗୃହିଁଥିଲ
ପର କଅଁଳବା ଦନଠୁଁ
ମୋ ବନା ଆକାଶରେ ଉଡ଼ିବାକୁ
ଉର୍ଦ୍ଧ୍ୱରୁ ବହୁତ ଉର୍ଦ୍ଧ୍ୱକୁ ।

ଏମିତ ସେମିତ କେମିତ
ସବୁକଛି ଧିରେ ଧିରେ ହେବ
ସବୁ ସମ୍ଭାବ୍ୟର ସାନ୍ତ୍ୱନା
ସମ୍ଭାବ୍ୟ ହେବ ଅସମ୍ଭବ
ଝଡ଼ ବ ଆସିବ
ଉଜୁଡ଼ିବ ଆମ ବସା
ମୋତେ ଅନ୍ଧାରରେ
ଏକା ଛାଡ଼ିଦେଇ
ତୁମେ ଆଲୋକ ଦେଖିବ ।

ତୁମ ପଥ ଗୃହିଁ

ମୁଁ ହସୁଥିବ ଅଭିନୟ କରି
ସାଉଁଟି ସାଇତିଥିବା
ଅସରନ୍ତି ଲୁହ
ଝରାଇବାର ପ୍ରୟାସକୁ ଜାରି ରଖୁଥିବ
ବନ୍ଦ କୋଠରୀରେ
ପାଣିର ନଳ ଖୋଲି
ପ୍ରତିଟି ସକାଳେ
ଗାଧୋଇବା ବାହାନା ନେଇ ।

ତୁମେ ଆକାଶକୁ ଛୁଇଁବ
ମୋତେ ଖୋଜିବ
ଖୁସି ବାଣ୍ଟିବା ପାଇଁ
ମଜ୍ଜି ମଜ୍ଜି ଆନନ୍ଦର ସଫଳତାରେ ।
ବୋଧହୁଏ
ତା'ର ଅନେକ ଆଗରୁ
ହଜି ଯାଇଥିବ
ଆବିଳତାରେ ମୋ ଶେଷ ସ୍ପନ୍ଦନ
ତୁମ ହୃଦୟର ନିଶବ୍ଦ କୋଠରୀରେ ।


# ଜୟ ଜଗନ୍ନାଥ



ଅନୁପମ ବେହେରା

କିଏ ଡାକେ ଜଗନ୍ନାଥ କିଏ ମଧୁସୁଦନ ,
କିଏ ଡାକେ ଚକାଡୋଳା କିଏ ପତିତପାବନ ।
ଲକ୍ଷ୍ମୀଙ୍କର ନାଥ ତୁମେ ଆହେ ନାରାୟଣ,
ବାସୁଦେବ ପୁତ୍ର ତୁମେ ଦେବକୀ ନନ୍ଦନ ॥ ୧

କିଏ ଡାକେ କୃପାସିନ୍ଧୁ କିଏ ଗଦାଧର,
କିଏ ଡାକେ ସାରଙ୍ଗପାଣି କିଏ ଚକ୍ରଧର ।
ତୁମେ ପ୍ରଭୁ ସୃଷ୍ଟିକର୍ତା ସକଳ ଆଧାର,
ଭକତ ବତ୍ସଳ ତୁମେ ପ୍ରଭୁ ପରମେଶ୍ୱର ॥ ୨



କିଏ ଡାକେ ଦିନବନ୍ଧୁ କିଏ ଜନାର୍ଦନ ,
କିଏ ଡାକେ ବନମାଳି କିଏ ସନାତନ ।
କା' ଆଖିର ନିଦ ତୁମେ କା' ଆଖି ସପନ,
ଦୁଃଖୀ ଭୁଲେ ଦୁଃଖ ଦେଖି ତୁମ ଚକାନୟନ ॥ ୩


କିଏ ଡାକେ ସଚିଦାନନ୍ଦ କିଏ ପ୍ରଜାପତି ,
କିଏ ଡାକେ ବିଶ୍ୱନାଥ କିଏ ଖଗପତି ।
ତୁମର ନାଭିରୁ ପ୍ରଭୁ ବ୍ରହ୍ମାଙ୍କ ଉତ୍ପତ୍ତି ,
ଶଂଖକ୍ଷେତ୍ରର ପ୍ରଭୋ ତୁମେ ଅଧିପତି ॥ ୪

କିଏ ଡାକେ ଭୃଗୁପତି କିଏ ବାସୁଦେବ ,
କିଏ ଡାକେ ଚକ୍ରପାଣି କିଏ ପଦ୍ମନାଭ ।
ଯଶୋଦାର ଧନ ତୁମେ ଭକତର ଭାବ,
ତୁମ ନାମ ତୁଣ୍ଡେ ଧରି ପ୍ରଭୋ ଯାଉ ମୋ ଜୀବ ॥ ୫

# ଗଙ୍ଗଶିଉଳୀ



କମଳାକାନ୍ତ ସୁବୁଦ୍ଧି



କ୍ଷଣିକ ଆଶିଷ ନେଇ ଆସିଥାଉ
ଜଗତେ ମହକ ଦେଉ,
ଜହ୍ନ ଆଲୁଅରେ ତୁହ ଫୁଟି ଥାଉ
ମହ ମହ ବାସିଥାଉ ।
ତୋର ଆଗମନେ ଦୁନିଆ ମହକେ
କୋମଳ ପରଶ ପାଇ,
କାହିଁକି କେଜାଣି ତୁ'ଝର ଶେଫାଳୀ
ଅବଶୋଷ ଯାଉ ନେଇ ।
ଗଙ୍ଗଶିଉଳୀ ତୁ ଝର ଶେଫାଳୀ ତୁ
ଆସୁ ଅଳ୍ପ ଆୟୁ ନେଇ,
ଝଡ଼ିଯିବ ତୋର ଫୁଲ ଗୋଟି ଗୋଟି
ଯେବେ ଗତ ଯିବ ପାହ ।
ପ୍ରଭାତ ପୂର୍ବରୁ ଝଡ଼ି ତୁ ପଡ଼ଇ
ସତେ ଥାଏ ଅଭିଶାପ,
ଠାକୁର ପୂଜାରେ ଲାଗି ନ ପାରଇ
କରିଛ ଯେମିତ ପାପ ।

ନଇରୀ, ଖୋର୍ଦ୍ଧା





# ରଜାଝିଅ




ସୁଶାନ୍ତ କୁମାର ନନ୍ଦ




ରଜାଝିଅ ତୁ ଲୋ ଗୋଟେ ରାଜକୁମାରୀ
ରାଜା ପୁଅ ଲୋଡ଼ାପରା ପାଇଁ ତୋହର ।
ମିଛେ ମିଛେ କାହିଁ ଏତେ ବାନ୍ଧୁଛୁ ଡୋରୀ
ନାହିଁ ପରିଚୟ ମୋର, ମୁଁ ନୁହେଁ ତୋ ପର ।

ତୁ ତ ସରଗର, ସୁନାପରୀ ଗୋଟିଏ
ମୁଁ ଜମା ସପନ ଦେଶ ବଣିକ ନୁହେଁ
କାହିଁ ଭାବୁଛୁ ତୁ, ଏତେ ନଜର ମତେ
ଦୁନିଆ ଦେଖିଲେ ପୁଣି ହସିବ କେତେ ।

ତୋ ପାଇଁ ଲୋଡ଼ା ପରା ରାଜନଅର
ଝାଟିମାଟି କୁଡ଼ିଆ ତ ମୋହର ଘର
ବିତେ ତୋ ଦିନ ସେଠି ଖୁସିରେ କେତେ
ଦିନେ ନ ଖଟିଲେ ଦାନା ମିଳେନା ମୋତେ ।

ହାରିଯିବ ଜାଣେ କଲେ ତୋତେ ନଜର
ଭୁଲିଯିବୁ ଦିନେ କରି ମୋତେ ତୁ ପର
ତୋ ହାରେ ଖେଳନା କାହିଁ କହ ମୁଁ ହେବ
ମୋ ଦୁନିଆରେ ସୁଖେ କାହିଁ ନ ରହିବ ।

ରଜାଝିଅ ତୋତେ ପରା ରାଣ ମୋହର
ଦେ'ନା ତୁ ମନ ତୋ'ର ଭାବନେ ନଜର
ତୋ ଦୁନିଆ ସରଗ ତୋହରି ପାଇଁ
ମୋ ଖୁସି ମୋ ଦୁନିଆ ଥାଉ ତ ରହି ।


ସାଲେପୁର, କଟକ - ୭୫୪୨୦୩
ମୋବାଇଲ୍ - ୯୪୩୯୮୭୯୩୮୫






# ସତ୍ୟତା



ନିକୁଞ୍ଜ କିଶୋର ସେଠୀ




କାମନା ବାସନା ରହିତ ଜୀବନ
ସ୍ୱର୍ଗ ସୁଖ ଅନୁଭବେ ।
ଲୋଭ ମୋହ ମାୟା ପଛରେ ଧାବିତ
ସୁଖ ଯେ ନ ପାଏ କେବେ ।
ବୁଦ୍ଧଙ୍କର ବାଣୀ ଇଶ୍ୱରଙ୍କ କଥା
ମଣିଷରେ ଉପଦେଶ ।
ଅବତାର ତାଙ୍କ ଥିଲ୍ ମାନବର
ହାରିବା ପାଇଁକି କ୍ଲେଶ ।
କିନ୍ତୁ ଏ ମାନବ ମୋହ ଗ୍ରସ୍ତ ହୋଇ
କାମନାରେ ଜର୍ଜରିତ,
ପାର୍ଥିବ ସୁଖର ଆଶାରେ କରୁଛି
ନିତ କର୍ମ ବିପରୀତ ।
ଅନ୍ୟ ହିତ କର୍ମ କରିଲେ ଜୀବନ
ସୁଖ ଅନୁଭବ ହୁଏ,
ଅନୁଭବୀ ଏକା କହି ଯେ ପାରିବ
ସତ୍ୟତା କି ଏହା ନୁହେଁ ।

ଅର୍ଥନୀତି ବିଭାଗ, ସରକାରୀ ମହାବିଦ୍ୟାଳୟ
ସୁନ୍ଦରଗଡ଼, ଓଡ଼ିଶା

# ଖାସ୍ ତୁମରି ପାଇଁ



ଡା. ଗଜେନ୍ଦ୍ର କୁମାର ବେହେରା



ଏଇ ଦେଖ !
ଏ ଦୁଷ୍ଟାମୀ ଆଉ କରନାହିଁ
ଚୂଳରୁ ତଳପାଯାଏ ଟିପେ ଛୁଇଁ ଛୁଇଁ
ନଜକୁ ନଜେ ସଂଯତ କରପାରବ ତ ?
ଯଦ ମୁଁ ଏହା କରେ ଖାସ୍ ତୁମର ପାଇଁ !

ସମୁଦ୍ର ବଗଟ କହଲ ବୋଲ
ମୁଁ ଗ୍ଥତ ଖୋଲଦେଲ... ସେଇ ସମୁଦ୍ର ବେଳାରେ
ଆକାଶ ନୀଳ ବୋଲ ମୁଁ ସେହ ପୋଷାକ ପିନ୍ଧିଲ
ସୁଲୁ ସୁଲୁ ପବନରେ, ପତ୍ରର ସିର ସିର ଶବ୍ଦପର
କାନରେ ଧିରେ ଧିରେ କହଲ
ତଥାପି ତୁମେ ଶୀତଳ ହେଲନ
ବବାହ ଆଗରୁ ଏ ସବୁ ଅଝଟ କରବସିଲ... !

ତୁମେ ଜାଣିଛ ମୁଁ ନଜକୁ ସାଇତ ରଖେ
ଅପମାନଠୁ ଦୂରରେ ରଖେ
ସବୁ ଲୋକ, କାନ୍ଥବାଡ଼, ଗଛ, ଡ଼ାଳପତ୍ରର
ଅପବାଦରୁ ଘୋଡ଼େଇ ରଖେ
ସମସ୍ତ ଆଖିରୁ କୋଣରେ ରହେ
ତଥାପି ତୁମେ ମାନ ନାହିଁ, ଶବ୍ଦଟିଏ କରଦଅ
ଗୋଡ଼ଟିଏ ବାହାର କରଦଅ...
ଓଢ଼ଣୀ କାନଟି ଝୁଲେଇ ଦଅ !

ଏ ଶସ୍ତା ରସ୍ତାକଡ଼ ଖୋଲ୍ ହୋଟେଲକୁ
ତୁମକୁ କେବେ ନଏ ନାହିଁ... ଆଶଙ୍କା କରବ
ହଟ୍ ସିନେମା ଦେଖେନ, ସମସ୍ତେ ଯାଇଥିବେ ବୋଲ

ସୂର୍ଯ୍ୟ ଆଲୁଅରେ ମୁହଁ ଟେକ ଦେଖେନାହିଁ
ସିଧା କଥା ହୁଏନାହିଁ, କିଏ କାଳେ ଦେଖିଦେବ ବୋଲି
ଆମ ପ୍ରେମ ସତ୍ୟ, ଶାଶ୍ୱତ ସବୁଦିନ ନିଖୁଣ ରହିବା ପାଇଁ
ତୁମର ଏକ ଏକାନ୍ତ ହୋଇ ରହିବା ପାଇଁ
କ'ଣ କ'ଣ ବା ନ କରେ ତୁମର ପାଇଁ... !

ଏକ ମନ, ଧ୍ୟାନ, କର୍ମ ପାଇଁ ଆଲୁଅକୁ କମ୍ କରିଦେଲେ ମଧ୍ୟ
ନିବୃତ କୋଣରେ ବସି ପିଜା ଖାଇଲେ ମଧ୍ୟ ଲାଜ ଲାଜ
ଡାହାଣୀ, ଦାନ୍ତ ଚିପାହସ
ଚୁପି ଚୁପି କଥା ମତେ ଶୁଣାନ ଗଲେ ମଧ୍ୟ
ଜାଣି ପାରୁଛି, ସବୁ ମୁଁ ବୁଝିପାରୁଛି ଭଲ ଆକ୍ଟିଂ କରୁଛି
ଆଉ ତୁମ ପାଇଁ ୧୦୦% ହଁ ଭରୁଛି ।
କାହିଁକି ଜାଣ ? ତୁମ ମନକୁ ବାନ୍ଧି ରଖିବାପାଇଁ
ତୁମକୁ ପାଇବା ପାଇଁ... ଆଉ ଖାସ୍ ତୁମର ପାଇଁ ।

ତୁମେ କହିବାରୁ ମୁଁ ଲେଖା ଆରମ୍ଭ କଲି
ତୁମକୁ ପ୍ରଶଂସା କଲି, ଖୁସି କରାଇଲି
ଗ୍ରେଟ କଢ଼ି, ଅଫୁଟାଫୁଲ, କଅଁଳ ପତ୍ରରେ ତୋଡ଼ା ସଜେଇଲି
କଲେଜ୍ ଆପ୍ରନ୍ ଛାଡ଼ି ଶାଢ଼ୀ ପାଇଁ ଜିଦ୍ କରିବାରୁ
ତୁମକୁ ଶାଢ଼ୀ ଆଣିଦେଲି,
ବାସନା ପାଇଁ ମନ ବଳାଇଲୁ, ଅତର ମଲ୍ଲୀ ଚନ୍ଦନ
ଷ୍ଟିକ୍ ଆଣି ତୁମ ଯୋଡ଼ାରେ ଅଣ୍ଟାରେ ଖୋସିଦେଲି ।
ଫାଣ୍ଟା କୋକାକୋଲା ଛାଡ଼ି ପଲ୍ପି ଅରେଞ୍ଜ୍ ଦେଲି
ଜାତି ସମାଜ ଦୂରେଇ ମୁଁ ମୁଁ ନିଜକୁ ଭୁଲି
ତୁମ ହଷ୍ଟେଲ୍ ଗେଟରେ ସନ୍ଧ୍ୟାରେ ତୁମ ଗ୍ରୁପଟେ ଘୁରି ବୁଲିଲି
ଲାଇବ୍ରେରୀରେ ପଢ଼ା ଛାଡ଼ିଦେଇ ବହି ହଜାଇଲି
ଖାସ୍ ତୁମର ପରଶ ପାଇଁ ।

ଆଜେ ବାଜେ ମୁଁ କିଛି କହେନି, କରେନି କି ଦେଖେନି
ଏହା ତୁମେ ଭଲଭାବରେ ଜାଣିଛ, ପରୀକ୍ଷା ମଧ୍ୟ କରିଛ
ସାଙ୍ଗଙ୍କ ହାତରେ ଫୋନ କରି ବ୍ଲାକ୍ ମେଲ ବି କରିଛ
ଏକ ଲକ୍ଷ୍ୟରେ ରାସ୍ତାରେ ଗଲାବେଳେ ହାତମାରି
ଅଟକାଇବାରେ ବିଫଳ ବି ହୋଇଛ
ତଥାପି ତୁମେ କିଛି ଲୁଚେଇ... ଅନ୍ୟ ପୁଅପିଲା ସାଙ୍ଗ କରୁଛ
କିଣ ଅଭାବ କରିଛ, ଅଭାବ ଅଛି, ହୃଦୟ ଖୋଲି କୁହ
ମୁଁ ରହିଛି ଗୃହିଁ ସମସ୍ତ ଯତ୍ନପାଇଁ
ଖାସ୍ ତୁମର ପାଇଁ... !!!

ଅଧ୍ୟାପକ, ଚକ୍ଷୁବିଭାଗ
ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ
ବ୍ରହ୍ମପୁର, ୭୬୦୦୦୪

www.aahwaan.com
ଆହ୍ୱାନ - ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

# ଗାଁଟି ମୋର ଲାଞ୍ଜିଗଡ଼



କ୍ଷେତ୍ରବାସୀ ଜେନା



(୧) ଗାଁ'ଟି ମୋର ଭାରୀ ଯେ ସୁନ୍ଦର
ମୋ ପାଇଁ ସିଏ ଯେ ବଡ଼,
ଶସ୍ୟଶ୍ୟାମଳା ସବୁଜମାମୟ
ନାଆଁଟି ତା ଲାଂଜଗଡ ।

(୨) ଏଇଠି ଜଳଛ ଅନ୍ତୁଡ଼ି ମୋହର
ଅଛ ଭାଗବତ ଟୁଂଗୀ,
ଗଇଜ ଯାହାର ଓଡ଼ିଶା
ଜିଲ୍ଲା ତ କଳାହାଣ୍ଡି ।

(୩) ରହଛ ଯେଉଁଠି କେତେ ଯେ
ଝରଣା, ନଦୀ, ଆଉ ପୁଣି ବନ୍ଧ,
କାଳର ସଙ୍ଗେତେ ବାସକରୁଥିବା
କେତେ ଜନଜାତ କନ୍ଧ ।

(୪) ଶୀରରେ ଯାହାର ବହଯାଇଅଛ
ସୁନାର ବଂଶଧାର,
ବରଷା ଟିକେ ହେଲାରୁ
ଦେଖାଏ ଭୟଙ୍କର ରୂପ ପର ।

(୫) ସହସ୍ର ଯୋଜନ ଧର ରଖିଅଛ
ପାହାଡ଼ ପର୍ବତ ଭର
ଆଖି ପାଏ ନାହିଁ ଶୀର୍ଷକୁ ତାହାର
ନାଆଁଟି ନିୟମଗିର ।

ଗର୍ଭରେ ତାହାର ଧରିରଖିଅଛି
ଖଣିଜ ପଦାର୍ଥ ଭରି ।
(୬) ସବୁଜମାମୟ ପାହାଡ଼ ପର୍ବତ
ନାହିଁ ଆଦି ପୁଣି ଅନ୍ତ,
ସୁଖରେ ଦୁଃଖରେ ସାଥୀ ହେବାପାଇଁ
ଏଠି ଅଛି ଯେ ବେଦାନ୍ତ ।
(୭)ରୋଗବୈରାଗ ଭୟ ନାହିଁ ଜେ ଆମର
ଭୈରବ ଆମ ଭରସା,
ଡାକ୍ତରଖାନା ଖୋଲିଛି ବେଦାନ୍ତ
କରୁଛି ମାଗଣା ଚିକିତ୍ସା ।
(୮) ଗଢ଼ିଛି ବେଦାନ୍ତ, କରିଛି ବେଦାନ୍ତ
କେତେ ଯେ ଉନ୍ନତ କାମ,
ଡାକ୍ତରଖାନକୁ ବିଦ୍ୟାଳୟ ଗୃହ
ବଢ଼ିଛି ଗାଁ'ର ମାନ ।
(୯) ବାଟ ଦେଖାଉଛି ନୂତନ ପୀଢ଼ିକୁ
ସତେ କି ଯେ ସୂର୍ଯ୍ୟଚନ୍ଦ୍ର,
ଦକ୍ଷତା ଓ ପ୍ରଶିକ୍ଷଣ ନିମନ୍ତେ
ଖୋଲିଛି ଯୁବ ପ୍ରଗତି କେନ୍ଦ୍ର ।
(୧୦)ବିଦ୍ୟାଳୟଟି ମୋର ଅତି ଶୋଭନୀୟ
ଦିଉଛି ଉତ୍ତମ ଶିକ୍ଷା,
ଗଢ଼ିଚାଲିଅଛି କେତେ ଯେ ଡାକ୍ତର ଓ ଯନ୍ତ୍ରୀ
କରି ହେବ ନାହିଁ ବ୍ୟାଖ୍ୟା ।
(୧୧) ଗାଁ ମାଟି ମୋର ଚନ୍ଦନ ଠୁ ଶୀତଳ
କିଏ ହେବ ତା ପରି,
ମୁଠାଏ ମାଟିରେ ପେଟ ପୁରି ଯାଏ
ଫସଲ ଦିଏ ଓଜାଡ଼ି ।
(୧୨) ଭୟ ନାହିଁ ଆମର, ବିପଦକୁ ଘୋର
ଠାକୁର ଆମକୁ ସାହା,
ଉତ୍ତରେ ଭୈରବ, ପଶ୍ଚିମେ ମହାବାହୁ
ବସିଛନ୍ତି ମେଲି ବାହା ।
(୧୩) ଗାଁ ଦାଣ୍ଡ ମୋର ଏତେ ଯେ ସୁନ୍ଦର
ସତେ କି ଯେ ସେ ସରଗ,
ଖେଳୁଛି ବୁଲୁଛି ବକ୍ଷରେ ତାହାର
କରିନି କେବେ ସେ ରାଗ ।
(୧୪) ତା ପାଣିପବନ କିଣି ନିଏ ମନ
ଅଙ୍କାବଙ୍କା ତା ସଡ଼କ,
ତା କୋଇଲି ସ୍ୱର କେତେ ଯେ ମଧୁର
ପ୍ରଭାତୁ ମାଆର ଡାକ ।
(୧୫) ମନେ ପଡେ ମୋର ସେହି ଓଷାବାର
କେତେପଣା, ପୁରି, ପିଠା,
ନୁଆଖାଇ ଆଉ କେତେଯାନୀଯାତ୍ରା
ଗୁରୁବାର ମାଣବସା ।

ସୁରକ୍ଷାଅଫିସର ,ବେଦାନ୍ତଲିମିଟେଡ୍ ,
ଲାଂଜିଗଡ ,ଓଡିଶା,
ଇ -ମେଲ୍ :Khetrabasi.Jena@vedanta.co.in

# ହଜ ଯାଉଛ ଶାସ୍ତ୍ର ସଂସ୍କୃତ

## ବଶ୍ୱାସ ଆଜ କାଠଗଡ଼ାରେ



ସୁଷମା ତ୍ରପାଠୀ

ଆମ ସଂସ୍କୃତ,ଆମ ପରମ୍ପରା, ମୂଳତଃ ଶାସ୍ତ୍ରକୁ ଆଧାର କର ଗଢ଼ ଉଠିଥିଲ । କନ୍ତୁ ଦୁଃଖର ବଷୟ ଆଜର ସମାଜ, ଶାସ୍ତ୍ର ପ୍ରତ ଘୋର ଉଦାସୀନ । ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ଶାସ୍ତ୍ର ଆଜ ଅବହେଳତ । ଶାସ୍ତ୍ରକୁ ସୁଗୁରୁ ରୂପେ ଅଧ୍ୟୟନ କରବା ତ ବହୁ ଦୂରର କଥା, ବରଂ ଶାସ୍ତ୍ରକୁ ଅନ୍ଧ ଭାବରେ ସମାଲୋଚନା କରବାକୁ ଆମ୍ଭେମାନେ ଗୌରବ ମନେ କରୁଛୁ । ଶାସ୍ତ୍ରକୁ ସଠିକ୍ ଭାବରେ ଜାଣିବା ପାଇଁ ଚେଷ୍ଟା କରବା ପରବର୍ତ୍ତେ, ସେ ସବୁକୁ କୁସଂସ୍କାର କହ ତାଚ୍ଛଲ୍ୟ କରବାକୁ ଆମେ ପଚ୍ଛାଉନାହୁଁ । ଯଦଓ କଥାରେ କଥାରେ ଆମ ସଂସ୍କୃତ ଓ ପରମ୍ପରର ମହାନତାର ଧ୍ୱଜା ଉଡ଼ାଇ ବସୁଛୁ, କନ୍ତୁ କାମରେ ଠିକ୍ ଓଲଟା କର ଦେଖାଉଛୁ । ହୃଦୟର କେଉଁ ଏକ ନଭୃତ କୋଣରେ ଆମେ ସେହ ଅଭାବଟି ମଧ ବେଶ୍ ଅନୁଭବ କର ପାରୁଛୁ । କନ୍ତୁ ସେ ଅଭାବଟି ବାସ୍ତବରେ କଣ, ଆଉ ତା'ର ଉପଶମ କଣ ତାହା ଖୋଜ ବାହାର କରବା ଆମର ଦାୟିତ୍ୱ ବୋଲ ଆମେ ସଚେତନ ଭାବରେ ଚନ୍ତା କରୁନାହୁଁ ।

ଆଜର ସମାଜରେ ବରୋଧର ଆଭାସ ବେଶ୍ ତୀବ୍ର ଭାବରେ ପ୍ରତଫଳତ ହେଉଛ । ଦୈନନ୍ଦନ ଜୀବନରେ ଏହାର ସମ୍ମୁଖୀନ ଆମେ ସମସ୍ତେ ହେଉଅଛୁ । ଅନେକ ସମୟରେ ଏହ ବଦ୍ରୋହ ଏଭଳ ତୀବ୍ରରୂପ ଧାରଣ କରୁଅଛ

ଶାସ୍ତ୍ରକୁ ସୁଗୁରୁ ରୂପେ ଅଧ୍ୟୟନ କରବା ତ ବହୁ ଦୂରର କଥା, ବରଂ ଶାସ୍ତ୍ରକୁ ଅନ୍ଧ ଭାବରେ ସମାଲୋଚନା କରବାକୁ ଆମ୍ଭେମାନେ ଗୌରବ ମନେ କରୁଛୁ । ଶାସ୍ତ୍ରକୁ ସଠିକ୍ ଭାବରେ ଜାଣିବା ପାଇଁ ଚେଷ୍ଟା କରବା ପରବର୍ତ୍ତେ, ସେ ସବୁକୁ କୁସଂସ୍କାର କହ ତାଚ୍ଛଲ୍ୟ କରବାକୁ ଆମେ ପଚ୍ଛାଉନାହୁଁ । ଯଦଓ କଥାରେ କଥାରେ ଆମ ସଂସ୍କୃତ ଓ ପରମ୍ପରର ମହାନତାର ଧ୍ୱଜା ଉଡ଼ାଇ ବସୁଛୁ, କନ୍ତୁ କାମରେ ଠିକ୍ ଓଲଟା କରଛୁ ।





ଯେ, ତାହା ଧ୍ୱଂସାତ୍ମକ ରୂପ ନେବାକୁ ପଛାଉନାହିଁ । ଅବଶ୍ୟ ସୃଷ୍ଟିର ପ୍ରକ୍ରିୟାରେ ବିରୋଧ ମଧ୍ୟ ଏକ ବିଚିତ୍ର ନିୟମ । ଆଲୋକ ନ ଥିଲେ ଅନ୍ଧାର ନାହିଁ, ଗ୍ରୀଷ୍ମ ନ ଥିଲେ ଶୀତ ନାହିଁ । ଉଭୟ ଉଭୟଙ୍କର ପରିପୂରକ । ବିରୋଧ ବିନା ଗତି ବା ପ୍ରଗତି ମଧ୍ୟ ସମ୍ଭବ ନୁହେଁ । ବିରୋଧ ଗତିଶୀଳତାର ଏକ ସଙ୍କେତ ମାତ୍ର । କିନ୍ତୁ ବର୍ତ୍ତମାନ ସମାଜରେ ବିରୋଧ ନାମରେ ଯାହା ସବୁ ଦେଖା ଯାଉଛି, ତାହା ବିରୋଧ ପଦବାଚ୍ୟ ନା ସାମୟିକ ଉତ୍ତେଜନା ମାତ୍ର । ଅନେକ ସମୟରେ ବିରୋଧାଭାସ ଆଳରେ ଜନସାଧାରଣଙ୍କ କ୍ରୋଧ, ଅହଙ୍କାର, ଅସହିଷ୍ଣୁତା, ଧୈର୍ଯ୍ୟହୀନତା, କଥା କଥାକେ ଉତ୍ତେଜନା, ଖୋଲାଖୋଲି ଭାବରେ ପଦାରେ ଫୁଟି ବାହାରୁଛି । ଅବଶ୍ୟ ମାନବ ଜୀବନ ଅନେକ ଦ୍ୱନ୍ଦର ସମାହାର । ତେଣୁ ଏ ସବୁ ପ୍ରତିକ୍ରିୟା ସମାଜରେ ଦେଖାଯିବା ମଧ୍ୟ ସ୍ୱାଭାବିକ । କିନ୍ତୁ ମାନବ ଜୀବନର ଏ ଦ୍ୱନ୍ଦ, ଏ ପ୍ରତିକ୍ରିୟା, ଏ ଉଶୃଙ୍ଖଳାକୁ ଏକ ସମାଧାନର ଦିଗ, ଏକ ଶୃଙ୍ଖଳିତ ପଥର ରାହା ଦେଖାଇବାକୁ ସହାୟକ ହେବ କିଏ ? କାହାକୁ ପାଥେୟ କରି ମଣିଷ ଏ ସମସ୍ତ ସମସ୍ୟାର ସମ୍ମୁଖୀନ ହୋଇ ଆଗକୁ ବାଟ କାଢି ପାରିବ ?

ନବମ ଶ୍ରେଣୀର ପିଲାଟିଏ, ଦିନେ ବିଦ୍ୟାଳୟରୁ (ଭାରତୀୟ ଇଂରଜୀ ମାଧ୍ୟମ) ଫେରିବା ଅନ୍ତେ, ମାତାଙ୍କୁ କହି ବସିଲା, "ଆଜି ଗୁରୁମା ସବୁ ବିଦ୍ୟାର୍ଥୀଙ୍କୁ ନିଜ ନିଜର ଧର୍ମ ତଥା ଧର୍ମଗ୍ରନ୍ଥର ନାମ ଏବଂ ସେ ବିଷୟରେ ଯାହା କିଛି ଜାଣି ସେ ବିଷୟରେ ମତାମତ ରଖିବାକୁ ଅନୁରୋଧ କଲେ । ମାତ୍ର ଦୁଇଜଣ ସହପାଠୀ, ଜଣେ ଖ୍ରୀଷ୍ଟିଆନ ଓ ଆଉ ଜଣେ ମୁସଲିମ ବନ୍ଧୁ କିଛି କିଛି ବକ୍ତବ୍ୟ ରଖିଥିଲେ, ଅଥଚ ଅନ୍ୟ ସହପାଠୀମାନେ ଚୁପଚାପ ବସି ରହିବାକୁ ପସନ୍ଦ କଲେ ।" (ସତ ଘଟଣାଟିଏ) ଆଜିର ଆଧୁନିକ ଯୁଗରେ ଆମେ ହିନ୍ଦୁମାନେ, ମନ୍ଦିର ଯିବା (ବିଶେଷ କରି ପୂଜା ପାର୍ବଣ ଦିନରେ), ସକାଳେ ସଂଧ୍ୟାବେଳେ (ଯଦି ସୁବିଧା ହୁଏ) ଠାକୁରଙ୍କ ଫଟୋ ପାଖରେ ଧୂପ ଆଳତୀ ଦେବା, ପୂଜା ପାର୍ବଣ ଦିନମାନଙ୍କରେ ନୂତନ ବସ୍ତ୍ର ପରିଧାନ ତଥା ଆଡ଼ମ୍ବର ସହକାରେ ପୂଜା ଧ୍ୱଜା କରି ଖୁସି ମହୋତ୍ସବରେ ଦିନଟିକୁ କାଟିଦେବା ଏବଂ ଧର୍ମ ବିଷୟରେ ବିଶେଷ ଆଲୋଚନା ନ କରିବାଟା, ହିନ୍ଦୁ ଧର୍ମର ବିଶେଷତ୍ୱ ବୋଲି ଭାବିନେଇଛୁ । ଶାସ୍ତ୍ର ପଠନ ଯେ ଆମ ଧର୍ମର ବିଶେଷତ୍ୱ, ଏ କଥା ଆମକୁ କେହି କେବେ କହିଲା ପରି ଆମର ମନେ ହେଉନାହିଁ । ଦୈନନ୍ଦିନ ଜୀବନରେ ଶାସ୍ତ୍ରର ଆବଶ୍ୟକତା, ତା'ର ଗୁରୁତ୍ୱ, ଏସବୁ ଦିଗ ପ୍ରତି ତିଳେ ମଧ୍ୟ ଦୃଷ୍ଟିପାତ କରୁନାହୁଁ । ଯାହାର ଭିତ୍ତିପ୍ରସ୍ତର ଉପରେ ଆମର ସଂସ୍କୃତି, ଆମର ପରମ୍ପରା ଗଢ଼ିଉଠିଛି, ତାକୁ ଆମେ ଅଚିରେ ଅବହେଳା କରିଚାଲିଛୁ । ଶାସ୍ତ୍ର ପଠନ ଆଜି ନିଜର ମର୍ଯ୍ୟାଦା ହରାଇ ବସିଛି । ତାହା ଆଜି ଆମ ପାଇଁ ଅଲୋଡ଼ା ହୋଇଯାଉଛି । ବିଶ୍ୱର ଅନ୍ୟ କୌଣସି କୋଣରେ ଯଦି 'ଭଗବତ୍ ଗୀତା' ବିକ୍ରୟ ନିଷେଧ ହୋଇଯାଉଛି ଆମ ମନରେ ବିଦ୍ରୋହର ନିଆଁ ରୂପ ନେବାକୁ ବିଳମ୍ବ ହେଉନାହିଁ, ଅଥଚ ଭଗବତ୍ ଗୀତାର ମୂଲ୍ୟବୋଧକୁ ଆମେ ଆମ ବ୍ୟବହାର ତଥା ଚାଲିଚଳଣରେ କେତେ ପରିମାଣରେ ଗ୍ରହଣ କରି କାର୍ଯ୍ୟରେ ଲଗାଉଛୁ, ସେ ପ୍ରଶ୍ନ ନିଜକୁ ପଚାରିବାର


ଏହି ଇ-ପତ୍ରିକା ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତିପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ





ଆବଶ୍ୟକତା ମଧ ଅନୁଭବ କରୁନାହୁଁ । ବାହ୍ୟ ଆଡ଼ମ୍ବର ଆମ ଧର୍ମ ଓ ସଂସ୍କୃତକୁ ଅନେକ ସମୟରେ ଅପହରଣ କରନେଉଛ । ଅଥଚ ଆମ ଧର୍ମର ମୂଳ ଲକ୍ଷ୍ୟ, ମୂଳ ଅଭପ୍ରାୟ କଣ ସେ ବଷୟରେ ଚନ୍ତା କରବା ପାଇଁ ଆମ ଭତରେ ଆଲୋଡ଼ନ ସୃଷ୍ଟି ହେଉ ନାହିଁ ।

ଯେଉଁ ଉତ୍କଳମାଟିରେ ଗାଁ ଗାଁରେ ଭଗବତ ଟୁଙ୍ଗୀମାନ ଥିଲା, ଘରେ ଘରେ ଭାଗବତ, ପୋଥି, ପୁରାଣ ପାଠ ସହତ, ଶାସ୍ତ୍ର ଆଲୋଚନା ସଦା ସର୍ବଦା ଚାଲୁଥିଲା, ଆଜ ପୁଣି ସେହ ମାଟିରେ ଶାସ୍ତ୍ର ପଠନ ପ୍ରତ ବମୁଖତା । ବଜ୍ଞାନ ପାଖରେ ଶାସ୍ତ୍ର ମଳନ ପଡ଼ିଯାଇଛ । ଆଜ ଶାସ୍ତ୍ରକୁ ନଜର ପରଚୟ ପାଇଁ ବଜ୍ଞାନର ଗବେଷଣାଗାରରେ ପ୍ରମାଣିତ କରାଇବାର ଆବଶ୍ୟକତା ରହଛ । ବୈଜ୍ଞାନକ ପଦ୍ଧତ ଭତରେ ନଜକୁ ଖାପ ଖୁଆଇ ପରୀକ୍ଷା ଦେଇ ପାରୁନାହିଁ ଶାସ୍ତ୍ର । ତେଣୁ ଧୀରେ ଧୀରେ ନଜର ପରଚୟ ଓ ପ୍ରଭାବ ହରାଇ ବସୁଛ । ଅନ୍ୟ ପକ୍ଷରେ ବଜ୍ଞାନ କଣ ମୁକ୍ତ ହୋଇ ପାରଛ ଗବେଷଣାଗାରରୁ ? ବଜ୍ଞାନ କଣ ଦେଖାଇ ପାରଛ ମଣିଷର ଜୀବନକୁ ଶୃଙ୍ଖଳତ କରବାର ଦଶା, ଆତ୍ମନୟନ୍ତ୍ରଣ ପାଇଁ ଜୀବନର ମାର୍ଗ ? ତେବେ ଏଠାରେ ପ୍ରଶ୍ନ ଉଠୁଛ, ମାନବ ଜୀବନରେ ସଠିକ ପଥ ନର୍ଣ୍ଣାୟକର ସ୍ଥାନ ନେବ କଏ ? ଅନେକ ଦ୍ୱନ୍ଦ ସମାହାରର ମଣଷଟିଏ ଅବସ୍ଥାନ୍ତର ସମୟରେ କାହାକୁ ପାଥେୟ କର ନେଇପାରବ ନଜ ଜୀବନମୋଡର ନଷ୍ପତ୍ତି । ମାନବ ଜୀବନକୁ ଏକ ନୟନ୍ତ୍ରତ, ଏକ ଶୃଙ୍ଖଳତ ମାର୍ଗରେ ପରଚାଳତ କରପାରବ କଏ ? ଶାସ୍ତ୍ରକୁ କେବଳ ପଢ଼ିଦେଲେ ବା ଜାଣିଦେଲେ ତ ଆଉ ଚଳବ ନାହିଁ, ଚାଲ ଶିଖିବା ପାଇଁ ମଣିଷ ପିଲାଟିକୁ କେତେ ପଡ଼ି ଉଠି ଅଭ୍ୟାସ କରବାକୁ ହୋଇଥାଏ ।

(ଥରକୁ ଥର ପଡି ତଳେ,ଚାଲଇ ଶିଶୁ ଅଭ୍ୟାସର ବଳେ) । ଶାସ୍ତ୍ରକୁ ପଢ଼ିବା ବୁଝିବା ଯେତକ ଗୁରୁତ୍ୱପୂର୍ଣ୍ଣ, ତାହାକୁ ନରନ୍ତର ଅଭ୍ୟାସ ରଖିବା ସେତକ ଗୁରୁତ୍ୱପୂର୍ଣ୍ଣ ।

ଲୀଳାମୟ ଜଗନ୍ନାଥ, ଯାହାଙ୍କର ସୃଷ୍ଟି, ବଭ୍ରାଟ ମଧରୁ । ବଜ୍ଞାନ ଯାହାଙ୍କୁ ପ୍ରମାଣ କର ପାର ନାହିଁ, ତଥାପି ଏ ମାଟିର ବଶ୍ୱାସ ତାଙ୍କୁ ଛାଡ଼ି ପାର ନାହିଁ । ସମସ୍ତ ଚେଷ୍ଟା ପରେ ମଧ ବଶ୍ୱାବସୁ ତାଙ୍କୁ ଲୁଚାଇ ରଖି ପାରଲା ନାହିଁ, ବଡ଼ଦେଉଳର ମେଘନାଦ ପାଚେରୀ ଯାହାଙ୍କୁ ବାନ୍ଧି ରଖି ପାରଲା ନାହିଁ, ଭ୍ରମଣ କରୁଛନ୍ତ ସେ ବଶ୍ୱବ୍ରହ୍ମାଣ୍ଡ । ବଶ୍ୱର କୋଣ ଅନୁକୋଣରେ ଚାଲଛ ତାଙ୍କର ଯାତ୍ରା । ମୋଗଲ ଗଲେ, ମରହଟ୍ଟା ଗଲେ, ଇଂରେଜ ଗଲେ, କନ୍ତୁ ତାଙ୍କୁ ଛାଡ଼ି ଦ୍ୱନ୍ଦ ଗଲାନାହିଁ, ତଥାପି କୁହାଯାଏ ସେ ସମସ୍ତ ଦ୍ୱନ୍ଦରୁ ଊର୍ଦ୍ଧ୍ୱରେ । ଆଜର ଅଥୟ ଗଣମାଧମ, ଉତ୍ୟକ୍ତ ଜନସାଧାରଣ, ସରକାରୀ ପ୍ରଶାସନ, ବଚାରାଳୟ କଣ ଗ୍ରହଣ କର ପାରଥାନ୍ତେ ଏହ ଅଧାଗଢ଼ା ବଗ୍ରହଙ୍କୁ ? ମିଳମିଶି କଣ ଲାଗିପଡ଼ି ନ ଥାନ୍ତେ ତାଙ୍କୁ ପୂର୍ଣ୍ଣ କରବାପାଇଁ ?

ବାହୁଡ଼ାଯାତ୍ରାର ଶେଷ ସମୟରେ ରଥ ଉପରେ ମହାପ୍ରଭୁଙ୍କୁ ଲାଗି ହୋଇଥାଏ ଅଧରପଣା । ତାହା ପୁଣି ଅଶରୀର, ଅତୃପ୍ତଆତ୍ମା, ମାନଙ୍କପାଇଁ ଉଦ୍ଦିଷ୍ଟ ବୋଲ କୁହାଯାଇଥାଏ । ଅଧୁନା ଦେଖା ଯାଉଛ, ସେହ ହାଣ୍ଡିକୁ ଫଟାଇବା ପୂର୍ବରୁ, ପାତ୍ରରେ କାଢ଼ି ଭକ୍ତମାନଙ୍କ ମଧ୍ୟରେ ବାଣ୍ଟି ଦଆଯାଉଛ । ତେବେ ଅଶରରୀମାନଙ୍କ ପାଇଁ

ଉଦ୍ଦିଷ୍ଟ ପଣା, ଜନସାଧାରଣ ପାନ କରିବା କେତେଦୂର ଯଥାର୍ଥ, ତାହା ହୁଏତ ଶାସ୍ତ୍ରଜ୍ଞମାନେ କହି ପାରିବେ । କିନ୍ତୁ ଶାସ୍ତ୍ର ସମ୍ବନ୍ଧରେ ଅଜ୍ଞାନତା, ଏହା ପ୍ରତି ଉପେକ୍ଷା ଧୀରେ ଧୀରେ ପରମ୍ପରାର ବିଶ୍ୱାସରେ ଫାଟ ସୃଷ୍ଟି କରିଥାଏ । ବିଶ୍ୱାସ ଅନ୍ଧବିଶ୍ୱାସରେ, ସଂସ୍କାର କୁସଂସ୍କାରରେ ପରିଣତ ହେବାରେ ଆଉ ଆଶ୍ଚର୍ଯ୍ୟ ବା କାହିଁକି ଲାଗିପାରେ ।

*"ସାତଶ ପଚିଶ କୋଶ ବାଟ ଦିଶୁ ନାହିଁ,*
*ମୋର ଯିବା ଯାଏଁ ନନ୍ଦିଘୋଷେ ଥିବ ରହି"*

ଅବଶ୍ୟ ଆଜି ସାତଶ ପଚିଶ କୋଶ ଦୂରତ୍ୱର ସମାଧାନ ବିଜ୍ଞାନ କରିଦେଇଛି, ନା ଚାଲିବାର ଆବଶ୍ୟକତା ଅଛି, ନା ସମୟର ପ୍ରୟୋଜନ, କିନ୍ତୁ ଭକ୍ତିର ସେହି ବିଶ୍ୱାସକୁ କେଉଁ ବିଜ୍ଞାନାଗାର ପ୍ରମାଣ କରିପାରିବ ? ବିଶ୍ୱାସ ଯିଏ ନିଜର ସ୍ଥିତି ପାଇଁ ଲୋଡ଼ିଥାଏ ଆଶ୍ରୟ । ଜ୍ଞାନ ହେଉ ଅଥବା ବିଜ୍ଞାନ, ଶାସ୍ତ୍ର ହେଉ ବା ଅନୁଭୂତି କାହାକୁ ନା କାହାକୁ ଆଧାର କରି ବିଶ୍ୱାସ ନିଜର ଶାଖା ପ୍ରଶାଖା ମେଲି ଥାଏ । ଯାହାର ଶକ୍ତି ଯେତିକି ଦୃଢ଼, ସେଠି ବିଶ୍ୱାସ ସେତିକି ସୁଦୃଢ଼ । ଯେତେବେଳେ ବିଶ୍ୱାସର ଆଧାର ଦୁର୍ବଳ ହୋଇଯାଇଥାଏ, ସେତେବେଳେ ବିଶ୍ୱାସ ପରିଣତ ହୋଇଯାଏ ଅନ୍ଧ-ବିଶ୍ୱାସରେ । ରାଣୀ ପଦ୍ମିନୀ ତଥା ଅନ୍ୟାନ୍ୟ ହିନ୍ଦୁ ନାରୀମାନଙ୍କ ସତୀଦାହର ବିଶ୍ୱାସ ଏଭଳି ଦୃଢ଼ ଥିଲା ଯେ ତାହା ଅଚିରେ ପ୍ରଥାରେ ପରିଣତ ହୋଇଯାଇଥିଲା । ଅଥଚ ସେହି ପ୍ରଥାକୁ ସମୟର ଦାଢ଼ରେ ଦିନେ କୁସଂସ୍କାର ନାମକ କଳଙ୍କର ବୋଝ ମଧ୍ଯ ବୋହିବାକୁ ପଡ଼ିଥିଲା ।

ଏ ମାଟିର ନୃତ୍ୟ, ଏ ମାଟିର ସଂଗୀତ, ଏମାଟିର ସଂସ୍କୃତି, ଏ ମାଟିର କଳା ସବୁକିଛି ସମର୍ପିତ ଥିଲା ମହାପ୍ରଭୁ ଜଗନ୍ନାଥଙ୍କୁ, ଖାଲି ଏତିକି ନୁହେଁ, ଏ ମାଟିର ମଣିଷମାନେ ନିଜର ସମସ୍ତ କର୍ମକୁ ସମର୍ପଣ କରି ପାରୁଥିଲେ ତାଙ୍କର ପାଦପଦ୍ମରେ, ଆଜି ସେ ବିଶ୍ୱାସ କାଠଗଡ଼ା ଭିତରେ ନାହିଁ ତ ?



# ସବୁଜ ବୈକୁଣ୍ଠନାଥଙ୍କ ସ୍ୱପ୍ନ ଧୂସର



ବିଦ୍ୟାଧର ପଣ୍ଡା

ପ୍ରତିବର୍ଷ ବଡ଼ମ୍ବାର ମୋହନ ସୁବୁଦ୍ଧି କଲେଜ ପରିସରରେ ବୈକୁଣ୍ଠନାଥଙ୍କର ଜୟନ୍ତୀ ପାଳନ କରାଯାଉଛି । ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସହଯୋଗ କରୁଛି । ବହୁ ବିଶିଷ୍ଟ ଅତିଥି ବଡ଼ମ୍ବା ମାଟିରେ ପାଦ ଥାପି, ଗୁରୁଗମ୍ଭୀର ଅଭିଭାଷଣ ପ୍ରଦାନ ଛଳରେ ବୈକୁଣ୍ଠନାଥଙ୍କ ଗୁଣଗାନ, ପ୍ରତିଭା ପୂଜନ କରୁଛନ୍ତି । ହେଲେ ଶିକ୍ଷାର ବିକାଶ ପାଇଁ ଏକ ମେଧାବୃତ୍ତି ପ୍ରଦାନ ଲାଗି ବଡ଼ମ୍ବା ମାଟିର ମହାକବି ବୈକୁଣ୍ଠନାଥ ଯେଉଁ ନିରୀହ ଆଶା ପୋଷଣ କରିଥିଲେ ତାହା ଏବେ ବି ସେମିତି ଅପୂରଣୀୟ ହୋଇ ରହିଛି ।

ଓଡ଼ିଆ ସାହିତ୍ୟର ନିଆରା ଚିନ୍ତନର କବି ବୈକୁଣ୍ଠନାଥ ପଟ୍ଟନାୟକ । ବଡ଼ମ୍ବା ମାଟିରେ ଜନ୍ମିତ ଏହି କବିଙ୍କ ରଚନା ଉତ୍କଳ ବାଣୀଭଣ୍ଡାରକୁ ସମୃଦ୍ଧ କରିଛି । ସବୁଜ ଯୁଗର କବି ରୂପେ ପରିଚିତ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ହୋଇଥିଲେ ମଧ୍ୟ ରୋମାଣ୍ଟିକ ଚେତନା ତାଙ୍କୁ ବିଶେଷ ଆଚ୍ଛନ୍ନ କରି ନଥିଲା । ଜୀବନବାଦୀ ଓ ରହସ୍ୟବାଦୀ ଚିନ୍ତାଧାରର ବାହକ ଥିଲା ବୈକୁଣ୍ଠନାଥଙ୍କ ଲେଖନୀ ।

କବିତାର ଛନ୍ଦରେ ଛନ୍ଦରେ ରହସ୍ୟବାଦର ନିଖୁଣ ରୂପକାର ବୈକୁଣ୍ଠନାଥଙ୍କ ଜୀବନ ବାସ୍ତବରେ ଯନ୍ତ୍ରଣାମୟ ଥିଲା । ବେଦନା-ବିଧୂର ଜୀବନ ତାଙ୍କ ସାହିତ୍ୟ ସର୍ଜ୍ଜନାକୁ କରିଥିଲା ଶାଣିତ । ଦୁଃଖଯନ୍ତ୍ରଣା ଭୁଲି ବିଭୂ-ଚିନ୍ତନରେ ମଜ୍ଜିବାର ସାଧନା ଭିତରେ ତାଙ୍କ କବିତାରେ ଥିଲା ପ୍ରଚ୍ଛନ୍ନ ପ୍ରତିବାଦ ଓ ଅନ୍ତର୍ନିହିତ ଚେତନାର ପ୍ରତିଫଳନ ।

ସବୁଜ ଯୁଗର କବି ରୂପେ ପରିଚିତ ବୈକୁଣ୍ଠନାଥଙ୍କ ଜୀବନ କିନ୍ତୁ କେବେ ବି ସବୁଜ ନଥିଲା । ଥିଲା ମୋଟାମୋଟି ଦୁର୍ବିସହ । ହେଲେ ତା' ଭିତରେ ଶାନ୍ତିର ଅନ୍ୱେଷଣ ତାଙ୍କ କବିତାକୁ କରିଥିଲା ଦରଦୀ ଓ ମାନବବାଦୀ । ବୈକୁଣ୍ଠନାଥଙ୍କର ଅନେକ କବିତାରେ



ଫୁଟି ଉଠିଥିଲା ବିଦ୍ରୋହର ସ୍ୱର । ମୂକ ଭଗବାନ ଆଦି କବିତା କବିଙ୍କର ରହସ୍ୟବାଦୀ ଚିନ୍ତନ ସହ ବୈପ୍ଲବିକ ଚେତନାର ଜୀବନ୍ତ ଦଲିଲ୍ । କେବଳ ସାହିତ୍ୟ ନୁହେଁ, ଓଡ଼ିଶାରେ ଶିକ୍ଷା ବିକାଶ ପାଇଁ ସେ ଆଜୀବନ ଲାଗିଥିଲେ । ନିଜ ପାଇଁ ପୁରସ୍କାର ଆଶା କରିବା ଆଜିର ପ୍ରତିଷ୍ଠିତ ସାହିତ୍ୟିକ ମାନଙ୍କର ପ୍ରଥମ ଲକ୍ଷ୍ୟ ହୋଇଥିବାବେଳେ ବୈକୁଣ୍ଠନାଥ ଦୁଃସ୍ଥ ସାହିତ୍ୟିକମାନଙ୍କୁ ସହାୟତା କରିବା ପାଇଁ ଆଗକୁ ବାହାରି ସେ ଉତ୍କଳ ସାହିତ୍ୟ ସମାଜକୁ ଅର୍ଥ ପ୍ରଦାନ କରିଥିଲେ ।

କେବଳ ସେତିକି ନୁହେଁ, ଜାତୀୟ ସ୍ତରରେ ପାଇଥିବା ଏକ ପୁରସ୍କାର ରାଶିରୁ ସେ ପ୍ରତିଭାବାନ ଛାତ୍ରଙ୍କ ପାଇଁ ସ୍କଲାରସିପ୍ ବ୍ୟବସ୍ଥା କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଏହି ଉଦ୍ଦେଶ୍ୟରେ ସେ ୧୯୭୬ ଜାନୁୟାରୀ ୫ ରେ ତତ୍କାଳୀନ କଟକ ଜିଲ୍ଲାପାଳଙ୍କୁ ୪,୫୦୦ ଟଙ୍କାର ଏକ କ୍ରସ୍ଡ଼ ଚେକ୍- ୯୧/ଝଈ୯୮୮୭୭୪୭) ପ୍ରଦାନ କରିଥିଲେ । ବଡ଼ମ୍ବା ମୋହନ ସୁବୁଦ୍ଧି କଲେଜ୍ ଓ କଟକର ରାଣୀହାଟ ହାଇସ୍କୁଲ୍ରେ ମେଧାବୀ ଛାତ୍ରବୃତ୍ତି ପ୍ରଦାନ ପାଇଁ ଏହା ଉଦ୍ଦିଷ୍ଟ ଥିଲା । ଏହି ଉଭୟ ଶିକ୍ଷାନୁଷ୍ଠାନ ସହିତ ସେ ବ୍ୟକ୍ତିଗତ ଭାବେ ଜଡ଼ିତ ଥିଲେ । ଗୋଟିଏ ତାଙ୍କ ଜନ୍ମ ମାଟିର ଗର୍ବ ଅନ୍ୟଟି ତାଙ୍କର ଜୀବନ ବିକାଶର ମୂଳପୀଠ ଥିଲା କହିଲେ ଭୁଲ୍ ହେବନାହିଁ । ଟ୍ରଷ୍ଟ ଫଣ୍ଡର ଅଧ୍ୟକ୍ଷ ଥିଲେ କଟକ ଜିଲ୍ଲାପାଳ ଓ ସଂପାଦକ ଥିଲେ ମୋହନ ସୁବୁଦ୍ଧି କଲେଜ ଅଧ୍ୟକ୍ଷ । ଏଥିରେ ଦୁଇ ଜଣ ସଭ୍ୟ ଥିଲେ ମୋହନ ସୁବୁଦ୍ଧି ହାଇସ୍କୁଲ ଓ ରାଣୀହାଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ।

ଟ୍ରଷ୍ଟ ଫଣ୍ଡକୁ ପ୍ରଦାନ କରାଯାଇଥିବା ଟଙ୍କାରୁ ମିଳିବାକୁ ଥିବା ସୁଧ ଅର୍ଥରେ ବଡ଼ମ୍ବା କଲେଜ ପ୍ରଥମ ଓ ଦ୍ୱିତୀୟ ବର୍ଷର, ମୋହନ ସୁବୁଦ୍ଧି ହାଇସ୍କୁଲର ଦଶମ ଓ ଏକାଦଶ ଶ୍ରେଣୀର ଜଣେ ଲେଖାଏଁ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଏବଂ ରାଣୀହାଟ ହାଇସ୍କୁଲର ୩ ଜଣ ମେଧାବୀ ଛାତ୍ରଙ୍କୁ 'ଦୀପ ନାରାୟଣ' 'ସଂଘ ଶୁଭଙ୍କର' ଓ 'ସଂଘ ମିତ୍ର' ଛାତ୍ରବୃତ୍ତି ଦେବାକୁ ଉଦ୍ଦେଶ୍ୟ ଥିଲା ।

ଜିଲ୍ଲାପାଳଙ୍କୁ ଚେକ୍ ପ୍ରଦାନ କରିବାର ପ୍ରାୟ ୩ ବର୍ଷ ପରେ ୧୯୭୯ ଜାନୁୟାରୀ ୨୬ରେ ବୈକୁଣ୍ଠନାଥଙ୍କର ପରଲୋକ ଘଟିଥିଲା । ଜୀବଦ୍ଦଶା ଭିତରେ ତାଙ୍କ କଳ୍ପନା ବାସ୍ତବ ରୂପ ନେଇ ନଥିଲା । କୁହାଯାଏ, ଓଡ଼ିଶାରେ ବଂଚିଥିଲାବେଳେ ଆଦର ମିଳେନି । ହେଲେ ପରଲୋକର ଫୁଲମାଳ ଓ ସ୍ତୁତିଗାନ କରିବାକୁ ନେତାମନ୍ତ୍ରୀ ହାଉଯାଉ ହୁଅନ୍ତି । ହେଲେ ବୈକୁଣ୍ଠନାଥଙ୍କ କ୍ଷେତ୍ରରେ ସେଭଳି କିଛି ଘଟିନାହିଁ । ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ତାଙ୍କ ମନସ୍କାମନା ଆଜିପର୍ଯ୍ୟନ୍ତ ସାକାର ହୋଇ ପାରିନାହିଁ । ସରକାରୀ ସୂଚନା ଅନୁଯାୟୀ, ତତ୍କାଳୀନ କଟକ ଜିଲ୍ଲାପାଳ ତାଙ୍କଠାରୁ ଗ୍ରହଣ କରିଥିବା ଚେକ୍ ଅର୍ଥ ୧୯୭୬ ଅଗଷ୍ଟ ୨୫ରେ ଓଡ଼ିଶା ସରକାରଙ୍କ ଶିକ୍ଷା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ପାଣ୍ଠିକୁ ହସ୍ତାନ୍ତର ହୋଇଥିଲା ।

ଇତିମଧ୍ୟରେ ପ୍ରାୟ ୪୦ ବର୍ଷ ବିତିଯିବା ସହ

ସୁଯମୂଳ ହୋଇ ଅର୍ଥ ପରିମାଣ ଲକ୍ଷାଧିକ ହୋଇ ସାରିଲାଣି । ହେଲେ ସରକାର ଛାତ୍ରବୃତ୍ତି ପ୍ରଦାନ କରି ନାହାନ୍ତି କିମ୍ବା ବୈକୁଣ୍ଠନାଥଙ୍କ ଆତ୍ମା ଶାନ୍ତି ପାଇ ପାରିନାହିଁ । ଜୀବନର ଅନ୍ତିମ ପର୍ଯ୍ୟାୟରେ ବିପ୍ଳବୀ କବି ରବି ସିଂହଙ୍କୁ ଧର୍ମପୁତ୍ର ଭାବେ ଗ୍ରହଣ କରିଥିଲେ କବି ବୈକୁଣ୍ଠନାଥ । କବିଙ୍କର ଇଚ୍ଛା ପୂରଣ ପାଇଁ ରବି ସିଂହ ମଧ୍ୟ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରି ଥକି ପଡ଼ିଛନ୍ତି । ହେଲେ କବିଙ୍କ କବିତାର ମୂକ ଭଗବାନଙ୍କ ପରି ସରକାର ବା ପ୍ରଶାସନ ମଧ୍ୟ ମୂକ, ବଧିର ଓ ଅନ୍ଧ ହୋଇ ଯାଇଛି । ଶିକ୍ଷାମନ୍ତ୍ରୀ ବା ସଚିବଙ୍କର ଏଥିପ୍ରତି କେବେ ଦୃଷ୍ଟି ପଡ଼ିଥିବାର ମଧ୍ୟ ମନେ ହେଉନାହିଁ ।

ପ୍ରତିବର୍ଷ ବଡ଼ମ୍ବାର ମୋହନ ସୁବୁଦ୍ଧି କଲେଜ ପରିସରରେ ବୈକୁଣ୍ଠନାଥଙ୍କର ଜୟନ୍ତୀ ପାଳନ କରାଯାଉଛି । ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସହଯୋଗ କରୁଛି । ବହୁ ବିଶିଷ୍ଟ ଅତିଥି ବଡ଼ମ୍ବା ମାଟିରେ ପାଦ ଥାପି, ଗୁରୁଗମ୍ଭୀର ଅଭିଭାଷଣ ପ୍ରଦାନ ଛଳରେ ବୈକୁଣ୍ଠନାଥଙ୍କ ଗୁଣଗାନ, ପ୍ରତିଭା ପୂଜନ କରୁଛନ୍ତି । ହେଲେ ଶିକ୍ଷାର ବିକାଶ ପାଇଁ ଏକ ମେଧାବୃତ୍ତି ପ୍ରଦାନ ଲାଗି ବଡ଼ମ୍ବା ମାଟିର ମହାକବି ବୈକୁଣ୍ଠନାଥ ଯେଉଁ ନିରୀହ ଆଶା ପୋଷଣ କରିଥିଲେ ତାହା ଏବେ ବି ସେମିତି ଅପୂରଣୀୟ ହୋଇ ରହିଛି । ବୈକୁଣ୍ଠନାଥଙ୍କ ଭଳି ଜଣେ ପ୍ରଥିତଯଶା କବିଙ୍କୁ ପ୍ରଶାସନର ଏଭଳି ଉପହାସକୁ ଏକ ଅକ୍ଷମଣୀୟ ଅପରାଧ ଛଡ଼ା ଆଉ କିଛି କହି ହେବ ନାହିଁ । ଓଡ଼ିଆ ସାହିତ୍ୟ ଜଗତ ପାଇଁ ଏହାଠାରୁ ବଳି ଅଧିକ କ୍ଷୋଭର ବିଷୟ ଆଉ କ'ଣ ଅଛି ?

ଅଢେଇଗୁଣ୍ଡି, କାନପୁର, କଟକ-୭୫୪୦୩୭,
ମୋ-୮୭୭୩୪୯୫୯୨୯, bidyapctc@gmail.com



# ଧ୍ରୁବସ୍ୱାମିନୀରେ ଚରତ୍ରଚତ୍ରଣ

## ଏକ ବଶ୍ଲେଷଣ



ଗବେଷିକା- ରଞ୍ଜିତା ପାତ୍ର

ଧ୍ରୁବସ୍ୱାମିନୀ:-ଗୋଟିଏ ରାଜବଂଶୀୟ ନାରୀଜୀବନର ବୀରତ୍ୱ ଓ ପ୍ରେମର କରୁଣ କାହାଣୀ 'ଧ୍ରୁବସ୍ୱାମିନୀ' ନାଟକ । ଏହ ନାଟକରେ ଧ୍ରୁବସ୍ୱାମିନୀ ହିଁ ନାୟିକା ଚରତ୍ର ଭାବରେ ଚତ୍ରତ । ନାଟ୍ୟକାର ନାୟିକା ଧ୍ରୁବସ୍ୱାମିନୀକୁ ସାହାସୀ ବୀରରମଣୀ, ସୁନ୍ଦରୀ ଓ ପରମ୍ପରାକୁ ପରବର୍ତ୍ତନ କରଲା ପର ନାରୀ ଭାବରେ ଉପସ୍ଥାପିତ କରଛନ୍ତ ।

ଚରତ୍ର ଗୋଟିଏ ନାଟକର ଆତ୍ମା ସଦୃଶ । ଚରତ୍ର ବନା ନାଟକର ଆରମ୍ଭ ସମ୍ଭବ ନୁହେଁ । ଯେଉଁ ନାଟକର ଚରତ୍ର ଯେତେ ସଫଳ ସେ ନାଟକ ସେତେ ସଫଳତା ଲାଭ କରେ । ନାଟ୍ୟକାର ଜୟଶଂକର ପ୍ରସାଦଙ୍କ ଐତହାସିକ ନାଟକରେ ଚରତ୍ର ଚତ୍ରଣର ବଳଷ୍ଠତା ହିଁ ତାଙ୍କ ନାଟକକୁ ସଫଳତା ଆଣିଦେଇଛ । ତାଙ୍କ ଐତହାସିକ ନାଟକ ଗୁଡିକ ହେଲା- 'ରାଜ୍ୟଶ୍ରୀ' (୧୯୧୫), 'ବଶାଖ' (୧୯୨୧), 'ଅଜାତଶତ୍ରୁ'(୧୯୨୨), 'ସ୍କନ୍ଧଗୁପ୍ତ' (୧୯୨୮), 'ଚଂନ୍ଦ୍ରଗୁପ୍ତ' (୧୯୩୧), 'ଧ୍ରୁବସ୍ୱାମିନୀ' (୧୯୩୩) । ମାତ୍ର ପ୍ରଶାଦଙ୍କ ଶେଷ ଐତହାସିକ ନାଟକ 'ଧ୍ରୁବସ୍ୱାମିନୀ' ନାଟକର ଚରତ୍ର ଚତ୍ରଣ କରବା ଏହ ନବନ୍ଧଟିର ଲକ୍ଷ୍ୟ ।

ଶେଷ ନାଟକ 'ଧ୍ରୁବସ୍ୱାମିନୀ'ରେ ଐତହାସିକ ଓ କାଳ୍ପନକ ଚରତ୍ର ଚତ୍ରଣ ସଫଳତାର ସହତ ଚତ୍ରତ ହୋଇଛ । 'ଧ୍ରୁବସ୍ୱାମିନୀ'ନାଟକରେ ସର୍ବମୋଟ ତେଇଶଟି ପୁରୁଷ ଓ ନାରୀ ଚରତ୍ର ରହଛ । ତେଣୁ ନାଟକଟି ଚରତ୍ର ବହୁଳ ହୋଇପଡିଛ । କେତେକ ଚରତ୍ର ଦେଶଜାତ ପାଇଁ ବଳଦାନ ଦେଇଥିବା ବେଳେ କେତେକ ଚରତ୍ର ଦେଶରକ୍ଷା ପାଇଁ ଦୃଢ ଭାବରେ ଦଣ୍ଡାୟମାନ ହୋଇଛନ୍ତ । କେତେବେଳେ କେତେକ ଚରତ୍ର ଦେଶ ବରୁଧରେ କାର୍ଯ୍ୟ





କରଛନ୍ତ । ଅର୍ଥାତ କେତେକ ଚରତ୍ର ଦେଶ ରକ୍ଷା ପାଇଁ ସୃଷ୍ଟି ହୋଇଥିବା ବେଳେ ଆଉ କେତେକ ଚରତ୍ର ଦେଶ ବପକ୍ଷରେ ପରସ୍ଥିତ ସୃଷ୍ଟି କରଛନ୍ତ । ଅତୋଧିକ ଚରତ୍ର ସୃଷ୍ଟି କାରଣରୁ ନାଟକଟି ଯେପର ଭାରକ୍ରାନ୍ତ ହୋଇପଡିଛ । ତେଣୁ କେତେଜଣ ସମାଲୋଚକ ପ୍ରସାଦଙ୍କ ଚରତ୍ର ସୃଷ୍ଟି ସପକ୍ଷରେ ମତଦେଇଥିବା ବେଳେ ଅନ୍ୟ କେତେଜଣ ବପକ୍ଷରେ ମତ ଦେଇଛନ୍ତ । ଗୋଟିଏ ଗୋଟିଏ ଛୋଟ ଅନୁଭବ ଓ ଉଦ୍ଦେଶ୍ୟ ନେଇ ଏଇସବୁ ପାର୍ଶ୍ୱ ଚରତ୍ରଗୁଡିକ ନାଟକରେ ଆର୍ବିଭାବ ହୋଇଛନ୍ତ । ସମୟକ୍ରମେ ନାଟକରୁ ଅନାବଶ୍ୟକ ଚରତ୍ରକୁ ଦୁରେଇ ଦେବାରେ ସଫଳ ହୋଇଛନ୍ତ । ଐତହାସିକ ସତ୍ୟକୁ ବକୃତ କରାଯାଇ କୌଣସିଟି ଚରତ୍ର ଉପସ୍ଥାପନା କରାଯାଇ ନାହିଁ । ମାତ୍ର ଚରତ୍ର ଗୁଡିକର ସଂଯୋଗ ଓ ପରଣତ ପାଇଁ କଳ୍ପନା ଓ କମ୍ବଦନ୍ତର ମିଶ୍ରଣ କରାଯାଇଛ । ନମ୍ନରେ ସେହସବୁ ଚରତ୍ରଗୁଡିକର ଆଲୋଚନା କରାଗଲା ।

ରାମଗୁପ୍ତ :-ନାଟକରେ ରାମଗୁପ୍ତ ଚରତ୍ରକୁ ଖଳନାୟକ ଚରତ୍ର ଭାବରେ ଚତ୍ରତ କରାଯାଇଛ । ଏହ ଚରତ୍ରର ବ୍ୟକ୍ତିତ୍ୱ ଠାରୁ ଆରମ୍ଭ କର ସଂଳାପ ସଂଯୋଜନା ପର୍ଯ୍ୟନ୍ତ ଖଳନାୟକର ଭାବ ଓ ଉଦ୍ଦେଶ୍ୟ ସ୍ପଷ୍ଟ । ରାମଗୁପ୍ତ ଚରତ୍ରଟି ଭୀରୁ, ନପୁଷକ, ମଦ୍ୟପ ଚରତ୍ର ଭାବରେ ବର୍ଣ୍ଣିତ । ଭାରତ ଇତହାସରେ ମଧ ରାମଗୁପ୍ତ ଚରତ୍ରଟି ଏକ ନପୁସକ ଓ ଖଳ ଚରତ୍ର ଭାବରେ ଚତ୍ରତ । ଗୁପ୍ତବଂଶୀୟ ମହାରାଜ ସମୁଦ୍ରଗୁପ୍ତଙ୍କର ଦୁଇପୁତ୍ର- ରାମଗୁପ୍ତ ଓ ଚନ୍ଦ୍ରଗୁପ୍ତ । ମହାରାଜା ରାଜସିଂହାସନ ନମନ୍ତେ କନଷ୍ଠ ପୁତ୍ର ଚନ୍ଦ୍ରଗୁପ୍ତକୁ ଯୋଗ୍ୟ ବବେଚତ କରନ୍ତ । ମାତ୍ର ସମୁଦ୍ରଗୁପ୍ତଙ୍କ ମୃତ୍ୟୁ ପରେ ରାମଗୁପ୍ତ ଖଳଚକ୍ରାନ୍ତ କର ରାଜସିଂହାସନ ଅଧିକାର କରବାରେ ସଫଳ ହୁଏ । ଚନ୍ଦ୍ରଗୁପ୍ତଙ୍କ ପ୍ରେମିକା ଧ୍ରୁବସ୍ୱାମିନୀକୁ ମଧ ଚକ୍ରାନ୍ତ କର ଅସୁର ବବାହ କରବାରେ ସଫଳ ହୋଇଛ । ଏହ ନାଟକର ମୁଖ୍ୟ ଉଦ୍ଦେଶ୍ୟ ନାରୀ ସମ୍ମାନ, ନାରୀ ମର୍ଯ୍ୟାଦା ରକ୍ଷା ଏବଂ ବଧବା ବବାହକୁ ସମର୍ଥନ । ତେଣୁ ନାଟକର ଶେଷ ପର୍ଯ୍ୟାୟରେ ଖଳନାୟକ ରାମଗୁପ୍ତର ହତ୍ୟା କରାଯାଇ ବଧବା ଧ୍ରୁବସ୍ୱାମିନୀର ବବାହ ଚନ୍ଦ୍ରଗୁପ୍ତଙ୍କ ସହତ ସମ୍ପନ୍ନ ହୋଇଛ । ନାଟ୍ୟକାର ପ୍ରସାଦ ଏକ ସଫଳ ଖଳନାୟକ ଚରତ୍ର ଭାବରେ ରାମଗୁପ୍ତ ଚରତ୍ରକୁ ଚତ୍ରଣ କରବାରେ ସଫଳ ହୋଇଛନ୍ତ ।

ଧ୍ରୁବସ୍ୱାମିନୀ:-ଗୋଟିଏ ରାଜବଂଶୀୟ ନାରୀଜୀବନର ବୀରତ୍ୱ ଓ ପ୍ରେମର କରୁଣ କାହାଣୀ 'ଧ୍ରୁବସ୍ୱାମିନୀ' ନାଟକ । ଏହ ନାଟକରେ ଧ୍ରୁବସ୍ୱାମିନୀ ହିଁ ନାୟିକା ଚରତ୍ର ଭାବରେ ଚତ୍ରତ । ନାଟ୍ୟକାର ନାୟିକା ଧ୍ରୁବସ୍ୱାମିନୀକୁ ସାହାସୀ ବୀରରମଣୀ, ସୁନ୍ଦରୀ ଓ ପରମ୍ପରାକୁ ପରବର୍ତ୍ତନ କରଲା ପର ନାରୀ ଭାବରେ ଉପସ୍ଥାପିତ କରଛନ୍ତ । ପ୍ରତକୂଳ ପରସ୍ଥିତରେ ମଧ ସାହାସର ସହତ ପ୍ରତରୋଧ କରପାରଛ ସମସ୍ୟାକୁ । ରାଜକୁମାରୀ ହୋଇ ମଧ ନର୍ଯ୍ୟାତନା ଅସମ୍ମାନର ସମ୍ମୁଖୀନ ହେବାକୁ ପଡିଛ । ଇଚ୍ଛା ବରୋଧରେ ବବାହ ଏବଂ ବୈବାହକ ଜୀବନରେ ସ୍ତ୍ରୀର ମର୍ଯ୍ୟାଦା

ପାଇବାରୁ ବଞ୍ଚିତ ହୋଇଛି । ଧ୍ରୁବସ୍ୱାମିନୀକୁ ପତ୍ନୀର ପ୍ରେମ ଓ ନାରୀର ସମ୍ମାନ ପାଇବା ତ ଦେବା ଦୂରର କଥା ବରଂ ବନ୍ଦୀ ଜୀବନଜାପନ କରିବାର ସମସ୍ତ ବ୍ୟବସ୍ଥା କରିଛନ୍ତି ରାମଗୁପ୍ତ । ଶେଷରେ ରାମଗୁପ୍ତ ସନ୍ଧି ଅନୁଯାଇ ଉପଭୋଗର ବସ୍ତୁ ଭାବରେ ଧ୍ରୁବସ୍ୱାମିନୀକୁ ଦେଇଛନ୍ତି ଶକରାଜାଙ୍କୁ । "ତୁମ୍ ଉପହାର କି ବସ୍ତୁ ହୋ । ଆଜ ମେଁ ତୁମ୍ହେଁ କିସି ଦୁସରେ କୋ ଦେନା ଚାହାତା ହୁଁ । ଇସ୍ମେ ତୁମ୍ହେ କ୍ୟା ଆପତ୍ତି ହେ ?" । ରାମଗୁପ୍ତଙ୍କ ଏହି ଏହି ବକ୍ତବ୍ୟରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଧ୍ରୁବସ୍ୱାମିନୀ ଅନ୍ୟାୟ ଅତ୍ୟାଚାରିତ ହେବା ସଂଗେ ସଂଗେ ଅପମାନ ସହ୍ୟ କରିବାକୁ ବାଧ୍ୟ ହୋଇଛନ୍ତି । ଏହିପରି ଏକ କଳଙ୍କିତ ଅଧ୍ୟାୟରୁ ସାନକୁମାର ତଥା ପ୍ରେମିକ ଚନ୍ଦ୍ରଗୁପ୍ତ ରକ୍ଷା କରିଛନ୍ତି । ଶେଷରେ ଧ୍ରୁବସ୍ୱାମିନୀ ଅନ୍ୟାୟ ଅତ୍ୟାଚାରର ପ୍ରତିଶୋଧ ସ୍ୱରୂପ ଅତ୍ୟାଚାରୀ ସ୍ୱାମୀ ରାମଗୁପ୍ତକୁ ହତ୍ୟାକରିଛନ୍ତି । ଏବଂ ସମସ୍ତ ଯୁକ୍ତି ଓ ବ୍ରାହ୍ମଣର ଉପସ୍ଥିତିରେ ବିଧବା ଧ୍ରୁବସ୍ୱାମିନୀ ଚନ୍ଦ୍ରଗୁପ୍ତଙ୍କୁ ବିବାହ କରିଛନ୍ତି । ଏଠାରେ ନାୟିକା ଧ୍ରୁବସ୍ୱାମିନୀ ଚରିତ୍ର ମାଧ୍ୟମରେ ବିଧବା ବିବାହକୁ ସମର୍ଥନ କରିବାରେ ସଫଳ ହୋଇଛନ୍ତି । ନାରୀ ସମ୍ମାନ ଓ ନାରୀ ମର୍ଯ୍ୟାଦା ପ୍ରତି ସଚେତନ କରାଇଛନ୍ତି ନାଟ୍ୟକାର ।

ଚନ୍ଦ୍ରଗୁପ୍ତ:-ନାଟକର ନାୟକ ଚରିତ୍ର ଭାବରେ ଚନ୍ଦ୍ରଗୁପ୍ତ ଚରିତ୍ରକୁ ଉପସ୍ଥାପିତ କରାଯାଇଛି । ତ୍ୟାଗ, ବଳିଦାନ, ରାମଗୁପ୍ତଙ୍କର ସମସ୍ତ କୁଚକ୍ରାନ୍ତକୁ ସହ୍ୟ କରିଛନ୍ତି । ମାତ୍ର ଯେତେବେଳେ ସନ୍ଧି ଅନୁଯାଇ ଧ୍ରୁବସ୍ୱାମିନୀକୁ ଉପଭୋଗର ବସ୍ତୁଭାବରେ ଶକରାଜାକୁ ଦାନକରାଯାଇ ସେତେବେଳେ ଚନ୍ଦ୍ରଗୁପ୍ତ ଆଉ ନୀରବରେ ବସିପାରିନାହିଁ । ଗୁପ୍ତବଂଶର ମର୍ଯ୍ୟାଦା ଓ ପ୍ରେମିକା ଧ୍ରୁବସ୍ୱାମିନୀକୁ ରକ୍ଷା କରିବା ପାଇଁ ସ୍ତ୍ରୀବେଶ ଧାରଣକରି ଶକରାଜାକୁ ହତ୍ୟା କରିବାରେ ସଫଳ ହୋଇଛନ୍ତି । ପରିଶେଷରେ ବିଧବା ଧ୍ରୁବସ୍ୱାମିନୀକୁ ବିବାହ କରି ପୁରୁଷତ୍ୱର କାୟା ପ୍ରକାଶିତ ହୋଇଛନ୍ତି । ନାଟ୍ୟନାୟକ ଚନ୍ଦ୍ରଗୁପ୍ତ ଚରିତ୍ରକୁ ଏକ ବଳିଷ୍ଠ ଚରିତ୍ର ଭାବରେ ଚିତ୍ରଣ କରିବା ସଂଗେସଂଗେ ସମାଜରେ ପ୍ରଚଳିତ ଅସାମାଜିକ ବ୍ୟବସ୍ଥାକୁ ଭାଙ୍ଗିବାର ପ୍ରୟାସ କରିଛନ୍ତି ନାଟ୍ୟକାର ।

ଐତିହାସିକ ଚରିତ୍ର ଭାବରେ ଧ୍ରୁବସ୍ୱାମିନୀ, ରାମଗୁପ୍ତ, ଚନ୍ଦ୍ରଗୁପ୍ତ, ଶକରାଜା, ମିହିରଦେବ ଏବଂ ଶିଖରସ୍ୱାମୀ ଚରିତ୍ର ଉପସ୍ଥିତ । କାଳ୍ପନିକ ଚରିତ୍ର ଭାବରେ ମନ୍ଦାକିନୀ, ହିଜଡା, ବୌନା, କୁବଡା ଆଦି ଚରିତ୍ର ଚରିତ୍ର ଉପସ୍ଥାପନା କରାଯାଇଛି । ଏହି ସମସ୍ତ ଚରିତ୍ରଗୁଡିକର ଚିତ୍ରଣ ଅପେକ୍ଷା ରଖେ । ତେବେ ସାମଗ୍ରିକ ଭାବରେ କହିଲେ ଚରିତ୍ର ଚିତ୍ରଣର ସଫଳତା ନାଟକଟିକୁ ବେଶି ସୁଖପାଠ୍ୟ ଓ ସଫଳତା ଆଣିଦେଇଛି ।

ଗବେଷିକା, ଶାନ୍ତିନିକେତନ


ଏହି ଇ-ପତ୍ରିକା ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତିପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ





# ବାଡ଼ିପଟେ କେଳକଦମ୍ବ ଓ ମୁଁ



ଭାଗିରଥୀ ବେହେରା

ବାଡ଼ିପଟେ କେଳକଦମ୍ବ ଗଛଟିରେ ଏବେ ଅନେକ ପରବର୍ତ୍ତନ । ଏବେ ଦେଖିଲେ ଆଉ ସବୁଜ ସବୁଜ ଲାଗୁନ । ଲାଗୁଛ ଯେମିତ କାହାର ଛାଇ ଏବେବ ସେଇଠି ସେମିତ ଅପେକ୍ଷା କରଛ ଯେମିତ କ ସେ ଅପେକ୍ଷା, ସେ ପ୍ରତୀକ୍ଷା ଯୁଗ ଯୁଗର...

ଏବର ନୁହେଁ ସେ କେବର, କେତେ କାଳର । ବସନ୍ତ ଆସୁ ଆସୁ ତା ଦେହରେ ଛୋଟ ଧଳା ଧଳା ଫୁଲ ସବୁ ବସା ବାନ୍ଧନ୍ତ, କେଉଁ ନାୟିକାର ଦେହରେ ଯୌବନର ଆଗମନ ସଙ୍ଗେ ସଙ୍ଗେ ଅଜଣା ପୁରୁଷଟିଏ ବସା ବାନ୍ଧିଲା ପର । ତା'ସହ ମୋର ଅତ ନବଡ଼ ସମ୍ପର୍କ, ଏଥିପାଇଁ ଯେ ତା' ଦେହରେ ଫୁଲ ଫୁଟିଲେ ମୁଁ ଜାଣେ ଯେ ଏବେ ବସନ୍ତ ଆସିଗଲା । ଆଉ ଏପର ଏକ ବସନ୍ତର ମଧ୍ୟାହ୍ନରେ ଚରମର ଅତ ସତର୍କତା ଅବଲମ୍ବନ କର ପ୍ରଥମଥର ପାଇଁ ଇତର ଚଠି ଖୋଲଥିଲ । ଇତ ଚଠି ଦେବାବେଳେ କହଥିଲା କାହାକୁ ଦେଖାଇବୁନ । ନହେଲେ ବାପା ବୋଉ ଗାଳ ଦେବେ । ଚଠି ଖୋଲ ପଢ଼ିବା ବେଳକୁ ମୋତେ ଲାଗିଲା ମୋ ଦେହରେ ବସନ୍ତ ଆସିଛ... ଇତର ପ୍ରୀତ ମୋତେ ଛୁଇଁଛ... ବସନ୍ତର କଦମ୍ବରେ ଫୁଲ ଫୁଟିଲେ ଇତର ପରଶ ମୁଁ ପାଉଛ । ଇତ ଲେଖିଥିଲା, ତୁ ବେଶୀ ମନେ ପଡୁଛୁ... ଏକୁଟିଆ ତୋ ସହ କଥା ହେବାକୁ ଭାର ମନ ହେଉଛ । ହେଲେ କ'ଣ କରବ ଯେ, ଘର କାମ ପାଇଁ ବୋଉ ଜମା ବାହାରକୁ ଛାଡୁନ !!

ଆଉ ଏପର ଏକ ବସନ୍ତର ମଧ୍ୟାହ୍ନରେ
ଚରମର ଅତ ସତର୍କତା ଅବଲମ୍ବନ
କର ପ୍ରଥମଥର ପାଇଁ ଇତର ଚଠି
ଖୋଲଥିଲ । ଇତ ଚଠି ଦେବାବେଳେ
କହଥିଲା କାହାକୁ ଦେଖାଇବୁନ ।
ନହେଲେ ବାପା ବୋଉ ଗାଳ ଦେବେ ।
ଚଠି ଖୋଲ ପଢ଼ିବା ବେଳକୁ ମୋତେ
ଲାଗିଲା ମୋ ଦେହରେ ବସନ୍ତ ଆସିଛ...
ଇତର ପ୍ରୀତ ମୋତେ ଛୁଇଁଛ...
ବସନ୍ତର କଦମ୍ବରେ ଫୁଲ ଫୁଟିଲେ
ଇତର ପରଶ ମୁଁ ପାଉଛ ।

ଏବେ କିନ୍ତୁ ଇତି ଆଉ ନାହିଁ । ବାପା ତା'ର ନୂଆ ମାଁ ଆଣିଲେ ବୋଲି ତାକୁ କଲିକତା ଯିବାକୁ ପଡ଼ିଲା । ସେଇଠୁ ଚିଠିଚିଠି କିଛି ଆସିନି । କେଳିକଦମ୍ବର ଫୁଲ ସବୁ ଫିକା ଫିକା ଲାଗୁଛି । ଭଲ ପତ୍ର ବି ଆସୁନି । ଫୁଲ କଥା ପରେ... । ମୋ ଜୀବନର କୋଡ଼ିଏଟା ବସନ୍ତ ପରେ, 'ଇତି' କାହିଁକି ବେଶୀ ମନେ ପଡୁଛି । ମୋତେ ଲାଗୁଛି ମୋ ଭଲ ପାଇବାର ସମୁଦ୍ର କ୍ରମଶଃ ଦୂରେଇ ଦୂରେଇ ଯାଉଛି ଅଗାଧ ମହାସମୁଦ୍ର ଭିତରକୁ... । ମୋତେ ତତଲା ବାଲି ଉପରେ ଏକୁଟିଆ ଛାଡ଼ିଦେଲା ଛଟପଟ ହେବାକୁ । ଆଖିରୁ ଲୁହଟୋପାଏ ଥପକିନା ଖସିଗଲା । ଏବେ ଡାଳରେ ଗୋଟିଏ ମାତ୍ର ଫୁଲ । ମୋର ଏବେ ଯେମିତି ବଞ୍ଚିବାର ଗୋଟିଏ ମାତ୍ର ରାସ୍ତା ।

ଡାକପିଅନ ଡାକ ଛାଡ଼ିଲା ଚିଠି ପାଇଁ । ଧାଇଁଯାଇ ଆଣିଲି । ଅଜୁ ଦେଇଛି । ଆଜି କାହିଁକି ସେଇ କଦମ୍ବ ମୂଳେ ଫିଟେଇବାକୁ ଇଚ୍ଛା ହେଲା । ଅନୁଭବିତ, ମନରୁ ମରିଯାଉନି । ତା'ର ବାହାଘରର ନିମନ୍ତ୍ରଣଟା ।

'ଅଜୟ ସହ ଇତି' ମଦୀୟ ବାସଭବନ, ସାମନ୍ତରାୟ ନିବାସ, କଲିକତା । ପାଦତଳ ମାଟି ଦବିଗଲା ଭଳି ଲାଗିଲା । ଅଜୟ ମୋ ପିଲାଦିନର ସାଙ୍ଗ ଆଉ ତା ବିନା ମୁଁ କାହାକୁ କେବେ ଇତିର ଚିଠି ଦେଖେଇ ନଥିଲି ।

... କେଳି କଦମ୍ବକୁ ଗୁହିଁଲି... ସେତେବେଳକୁ ଶେଷ ଫୁଲଟି ବି ଝଡ଼ି ଯାଇଥିଲା ଡାଳରୁ !!!

ମାଳିସାହି, ଆଙ୍କୁଲି, ବ୍ରହ୍ମପୁର, ୭୬୦୦୦୪





www.aahwaan.com
ଆହ୍ୱାନ - ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

# ସ୍ପୃଶ୍ୟାସ୍ପୃଶ୍ୟ



ପ୍ରଶାନ୍ତ କୁମାର ଭୂୟାଁ

ଶୂନ୍ୟରୁ ମୁଁ ସାଉଁଟେ ତୋ ବିଦେହ
ମୋ ମହାବାହୁ ଊର୍ଦ୍ଧ୍ୱକୁ ଟେକି ଦେଇ
ପୁଳାପୁଳା ଶୂନ୍ୟ  ମୋ ହାତରେ ଗଉଆ ପ୍ରାୟେ ଜଡ଼ି ଯାନ୍ତି
ନା ପାଣିରେ ଯାଏ ନା ବଢ଼ିରେ ଧୁଏ
ବସ୍ତିର ଯାଏ ହାତରୁ ହାତକୁ ଏଣେ ତେଣେ ସର୍ବବ୍ୟାପୀ
ତୋ ଭଳି ଗୃହଆଢ଼େ ଏବେ ସ୍ପର୍ଶ ତୋ ଶୂନ୍ୟର ॥୧॥

ଅମାବାସ୍ୟାରେ ମୁଁ ଅଣ୍ଡାଳେ ତୋ ରୂପ
ମୋ ଚକାଆଖିକୁ ଢେଲ୍‌ଢେଲ୍ କରି
ମେଞ୍ଚାମେଞ୍ଚା ଅନ୍ଧାର ସବୁ ମୋ ଗ୍ଲୁଟ୍ୟାପଟରେ ନେସି
ହୋଇଯାନ୍ତି
ନା ଆଖି ମୁଦିଲେ ଯାଏ ନା ଖୋଲିଲେ ଯାଏ
ମୋତେ ପୋତି ଦଅନ୍ତି ତୋ କଳା କାଳିଆ ଅନ୍ଧାରରେ
ତୋ କଳା ସବୁଆଢ଼େ ଏବେ ଅନ୍ଧ ସବୁ ତୋ ରୂପର ॥୨॥

ମୁଁ ପାକୁଳାଏ ମୁଠାଏ ନୈବେଦ୍ୟ  ଆନନ୍ଦ
ମୋ ଷାଠିଏ ପଉଟିର ଷଡ଼ବିଧି ଊର୍ମି ନେଇ
ଅମୃତାୟନରେ ମୋ ତନୁ ମନ ଆତ୍ମା  ଭରିଯାନ୍ତି
ନା ଆଉ କ୍ଷୁଧା ରହେ ନା ତୃଷା ରହେ
ମୋର ସର୍ବାଙ୍ଗ ତୃପ୍ତି ହୁଅନ୍ତି ଜନ୍ମଜନ୍ମାନ୍ତଯାଏଁ

ତୋ ତୃପ୍ତିରେ ତନ୍ମୟ ଏବେ ଏ ସାଗ୍ ସଂସାର ॥୩॥

କାଣିଗୃଏ ସନ୍ତୋଷ ଆକାଂକ୍ଷାରେ ମୁଁ ଛୁଏଁ ତୋତେ
ମୋ ବ୍ରହ୍ମାଣ୍ଡର ପ୍ରଭୂପଣିଆ ନେଇ
ପାତକ ସବୁ ଅପସର ଯାଆନ୍ତି ଧୂଳ ଝଡ଼ିଗଲ୍ ପର
ନା ଏ ଜନ୍ମରେ ରହେ ନା ପରଜନ୍ମରେ
ମୁଁ ବବର୍ତ୍ତେ ମୁକ୍ତିମଣ୍ଡପର ମଉଡ଼ମଣିରେ
ଏବେ ଅମ୍ବସୁଷ୍ଟି ଚରାଚର ବ୍ରହ୍ମାଣ୍ଡ; ତୋ ମୋକ୍ଷସ୍ୱର୍ଗର ॥
୪॥

ଜ୍ଞାତାର୍ଥ :

ଗଉଆ - ଗୋରସ ଯଥା- ଘିଅ, ଲହୁଣୀ,
ଅନ୍ୟୋନ୍ୟ - ଜଣେ ଆଉ ଜଣର ସମ୍ପର୍କ ,
ସ୍ପୃଶ୍ୟାସ୍ପୃଶ୍ୟ -ଛୁଆଁ ଅଛୁଆଁର ପ୍ରଭେଦ
ଉର୍ମି - ଦେହର ଷଡ଼ବଧି ପ୍ରକ୍ରିୟା ଯାଥା ଭୋକ, ଶୋଷ,
ଶୋକ, ମୋହ, ଜରା ଓ ମୃତ୍ୟୁ
ଅମ୍ବସୁଷ୍ଟି - ସାଂଖ୍ୟ ଦର୍ଶନରେ ବର୍ଣ୍ଣିତ ପ୍ରକୃତ ଆଧାତ୍ମକ
ତୁଷ୍ଟି



# ଆହା ! ବଚର୍...



ଅରବନ୍ଦ ଆଚାର୍ଯ୍ୟ

ଆମ ଗାଁ ଚେମାକୁ ନ ଚହ୍ନେ କଏ ? ଜହ୍ନମଞ୍ଜି ପର ଚକ୍କଣ କଳା ଦେହ ସାଙ୍ଗକୁ ଖଇରଆ ଚୁଟି କେଗ୍କ କୁଞ୍ଚ କୁଞ୍ଚ ହୋଇ ବାଁ ପଟକୁ ଝୁଲଥାଏ । ସବୁ କଥାରେ ଭଗ ନେବାକୁ ତା'ର ଭର ଇଚ୍ଛା । ଯେଉଁଠି ପୁଞ୍ଜାଏ ଲୋକ ଜମା ହୋଇଗଲେ, ଲୋକଙ୍କୁ ଦୁଇ ହାତରେ ଆଡ଼େଇ ଭତରକୁ ଠେଲପେଲ ପଶିଯାଏ । ଲୋକେ ତା'ର ଏହ ଗୁଣକୁ ପସନ୍ଦ କରନ୍ତ ନାହିଁ । କନ୍ତୁ କେହ କଡ଼ା କର ପଦୁଟିଏ କହପାରନ୍ତ ନାହିଁ । କାରଣ ସଭଏଁ ଜାଣନ୍ତ ଯେ ସମୟ ଅସମୟରେ ଚେମା ହିଁ ସମସ୍ତଙ୍କ ପାଖରେ ଠିଆ ହୁଏ ।

ସେଦନ ଯେତେବେଳେ ରମା ପଧାନର ଛୁଆଟା ପୋଖରୀରେ ବୁଡ଼ି ଯାଉଥିଲ୍, ଲୋକେ ଖାଲ ଡାକ ଛାଡୁଥିଲେ, ହେଲେ ଏଇ ଚେମା ଅଣ୍ଟାରେ ଗାମୁଛା ଭଡ଼ିଦେଇ ପାଣିକୁ ଡେଇଁ ପଡ଼ିଥିଲ୍ । ଗଲ୍ ବରଷ ଯେତେବେଳେ ଶୁଣ୍ଢିଘର ଦ ପୁଅ ଯେତେବେଳେ ଠେଙ୍ଗାଧର ଠିଆ ହୋଇଥିଲେ ସେତେବେଳେ ସମାଧାନ କରବାକୁ ଯାଇ ନଜ ମୁଣ୍ଡରେ ଠେଙ୍ଗା ପାହାର ନେଇଥିଲ୍ ଏଇ ଚେମା, ଏଇ କଥା ଗାଁ ଲୋକେ ପାଶୋର ପାରବେ କ ?

ବଚର୍ ବାପା ମରଗଲ୍ ଦନୁଁ ବୁଢ଼ୀ ମା'ସହ ଗାଁ ମୁଣ୍ଡରେ ପଡ଼ିରହଛ । ଗାଁ ଯାକର ଗାଇଗୋରୁଙ୍କୁ ନେଇ ଚରାଏ । ଆଉ ଗାଁ ଲୋକେ ସେଇଥିପାଇଁ ତାକୁ ପାଉଣା

ସ୍କୁଲରେ ପିଲାମାନେ ଡାକୁଥିବା ପଣକଆ ତା' କାନରେ ପଡ଼େ...
'ଦୁଇ କେ ଦୁଇ...
ଦୁଇ ଦୁ ଗୁଣେ ଚ୍ୱର...'

ତା ମୁଣ୍ଡରେ କଛ ପଶେନ । ସେ ବ ବେଶୀ ମୁଣ୍ଡ ଖେଳାଏନ । ତାକୁ ସବୁ ଗୀତ ଭଲ ଲଗେ । ଶୋଇ ଶୋଇ ତା ବାପ କଥା ଭବେ ।





ଦିଅନ୍ତି । ସକାଳୁ ସକାଳୁ ଗାଁ ଦାଣ୍ଡରେ ଡାକପଡ଼େ - 'ହେ ପଧାନଘର ! ଗାଈଗୋରୁ ଫିଟେଇ ଦିଅ ହୋ...'

ପଧାନଘର ବୁଢ଼ୀ ଗୋରୁଙ୍କୁ ଫିଟେଇ ଗୋବର ଏକାଠି କରୁ କରୁ କହେ, 'ହଇରେ ଚେମା, ଏଇ ଆମ କସରା ହଡ଼ାଟାକୁ ଟିକେ ଧ୍ୟାନ ରଖିଥିବୁ...'

ହଳଦୀ ଗୁରୁଗୁରୁ ଦାନ୍ତ ଦିଟା ଦେଖେଇ ଚେମା କୁହେ - 'ଆଲୋ ମାଉସୀ, ଏଗୁରା କଣ ମୋ ସାଙ୍ଗ ଛାଡ଼ି ଯିବେ କି ? ଏମିତି ରହିଥିବେ ।' ପଧାନ ଘର ବୁଢ଼ୀ ହସିଦିଏ । ତା ସାଙ୍ଗକୁ ଚେମା ଗୋରୁଙ୍କୁ ହାକୁ ହାକୁ କହିଉଠେ, 'ହିଃ ହିଃ... ଚାଲ୍ ଚାଲ୍... ଶଳା ଚଙ୍କୁନାହାନ୍ତି ! ! !'

ଗୋରୁ ଗୁଡ଼ାକ ବି ତା କଥାକୁ ଠିକ୍ ମାନିଲା ଭଳି ଏକ ମୁହାଁ ଚାଲନ୍ତି ଗାଁ ସ୍କୁଲ ପଛପାଖ ପଡ଼ିଆକୁ । ସେଠି ଦି ଚାରିଟା ଆମ୍ବଗଛ, ଗୋଟେ ଛୋଟ ଗଡ଼ିଆକୁ ଛାଡ଼ି ଆଉ ସବୁ ଜାଗାରେ ଘାସ ଉଠେ । ସେଥିପାଇଁ ସବୁବେଳେ ଚେମା ଗୋରୁଙ୍କୁ ସେଇଠିକୁ ନେଇ ଯାଏ । ଗଡ଼ିଆ ପାଖ ଆମ୍ବଗଛ ମୂଳରେ ଗାମୁଛା ବିଛେଇ ଘଡ଼ିଏ ଶୋଇପଡ଼େ । ସ୍କୁଲରେ ପିଲାମାନେ ଡାକୁଥିବା ପଣିକିଆ ତା' କାନରେ ପଡ଼େ...

'ଦୁଇ କେ ଦୁଇ... ଦୁଇ ଦୁ ଗୁଣେ ଚାରି...'

ତା ମୁଣ୍ଡରେ କିଛି ପଶେନି । ସେ ବି ବେଶୀ ମୁଣ୍ଡ ଖେଳାଏନି । ତାକୁ ସବୁ ଗୀତ ଭଳି ଲାଗେ । ଶୋଇ ଶୋଇ ତା ବାପ କଥା ଭାବେ ।

ସେ ଛୋଟ ଟିଏ ହୋଇଥିଲା ତା ବାପା ମରିଗଲା । ତା ବାପ ଭାରି ଭଲପାଏ ଛୋଟ ମାଛକୁ । ସେଥିପାଇଁ ସେ ଗଡ଼ିଆରୁ ସେଦିନ ପୁଳାଏ ମାଛ ମାରି ଗାମୁଛାରେ ବାନ୍ଧି ନେଇଥିଲା । ଧାଇଁ ଧାଇଁ ଯେତେବେଳେ ଘର ଭିତରକୁ ପଶିଗଲା ଦେଖିଲା ଲୋକ ଜମା ହୋଇଛନ୍ତି ଘର ଭିତରସାରା । କିଛି ବୁଝିନପାରି ଲୋକଙ୍କୁ ଆଡ଼େଇ ଦେଖିଲା, ତା ବାପ ଶୋଇଛି ପେଟମାଡ଼ି, ଆଖି ଖୋସି ଦେଇଛି । ପାଟିରୁ ଗୁଡ଼ିଏ ଫେଣ ବାହାରିଛି । ଆଉ ଗୋଟିଏ ହାତରେ ପୁଳାଏ ଚୁଟି ମୁଣ୍ଡରୁ ଟାଣି ଧରିଛି । ମା'ତାର ପାଖରେ ବସି ଭେ ଭେ ରଡ଼ି ଛାଡ଼ି କାନ୍ଦୁଛି । ତା' ହାତରୁ ମାଛ ବୁଜୁଳାଟା ଖସି ପଡ଼ିଥିଲା । ଲୋକଙ୍କ ମୁହଁକୁ ଅନେଇଲା, ସଭିଏଁ ତା ବାପକୁ ଚାହିଁଛନ୍ତି । କେତେଟା ମାଇପିଲୋକ ତା ମା'କୁ ଘୋଷାରି ନେଇଗଲେ ବାଡ଼ି ଆଡ଼କୁ । ଛାଟିପିଟି ହୋଇ କାନ୍ଦୁଥିଲା ସେ ।

ପଛରେ ଯେତେବେଳେ ତା ବାପକୁ ମଶାଣୀକୁ ନେଲେ ପୋଡ଼ିବା ପାଇଁ, ସେତେବେଳେ ଯାଇ ସେ ଜାଣିଲା ଯେ ତା ବାପ ମରିଯାଇଛି ଆଉ ଫେରିବନି । ଆଉଦିନେ ଯେତେବେଳେ ମା'କୁ ପଚାରିଲା ଯେ, ତା ବାପା କେମିତି ମଲା ବୋଲି, ମା ତା'ର ସୁକୁସୁକୁ ହେଉ ହେଉ କହିଲା -

'ତୋ ବାପାକୁ ବାତ ମାରିଥିଲା ରେ ଚେମା ।' ଚେମା ହାଁ କରି ଅନେଇଥାଏ ତା ମା ମୁହଁକୁ । ପୁଣି ତା ମା କହିଲା, 'ବୁଢ଼ା, ତୁ ଖରାରେ ବେଶୀ ବୁଲିବୁନି, ତୋର ବି ସେ ନଆଁଲଗା ଦୋଷ ଅଛି । ପିଲାବେଳେ ଥରେ ମାରିଥିଲା ।' ଚେମାର ସେ କଥା ମୋଟେ ମନେ ପଡ଼େନାହିଁ । ଏଭିତରେ

ଅନେକ ବର୍ଷ ବିତିଗଲାଣି । ଚେମା ବି ମା କଥା ମାନେ । ବେଶୀ ଖରାରେ ବୁଲାବୁଲି କରେନାହିଁ ।

ଠଂ ଠଂ....ଠଂ... । ସ୍କୁଲ ପିଲାମାନଙ୍କ ଖେଳ ଛୁଟି ହେଲା । ଚେମାର ନିଦ ଭାଙ୍ଗିଲା । ଗାଇଗୋରୁ ପଲଙ୍କୁ ଚାହିଁଲା । ସବୁ ପ୍ରାୟ ପେଟେ ପେଟେ ଖାଇଦେଇ ଗଛମୂଳେ ଶୋଇ ପାକୁଳି କରୁଛନ୍ତି । ଉଦ୍ଧବ ଦାସର କାଳିଗାଇଟା ଗଡ଼ିଆରୁ ପାଣି ପିଉଛି । ପଧାନଘର କସରା ହଡ଼ାଟା ପୋଖରି ଆଡ଼ିରେ ପଡ଼ି ସଁ ସଁ ହେଉଛି । ପିଲା ଗୁଡ଼ାକ ସ୍କୁଲରୁ ବାହାରି ଧାଇଁ ଆସୁଛନ୍ତି ଏଇ ଆଡ଼କୁ ଆମ୍ବ ତୋଳିବାକୁ । କେତେଟା ପିଲା ଗଛ ପାଖରେ ଠିଆ ହୋଇ ପରଶ୍ରା କରୁଛନ୍ତି । ପିଲାଏ ଗଛକୁ ଢ଼େଲା ପଥର ଫୋପାଡ଼ିଲେଣି । ସାନ ପିଲାଟେ ଚେମା ପାଖକୁ ଆସି ଠିଆ ହୋଇ କହୁଛି, 'ମୋ ପାଇଁ ଆମ୍ବଟେ ତୋଳିଦେଉନୁ ?'

'ଆମ୍ବ ଖାଇବୁ ? ରହ...' କହି ଚେମା ଗଛ ଉପରେ ଚଢ଼ିଲା । ସୂର୍ଯ୍ୟ ମୁଣ୍ଡଉପରେ, ବଡ଼ ବଡ଼ ଆମ୍ବ ରହିଛି ଏଇ ଗଛରେ । ପିଲାଏ ସ୍କୁଲକୁ ଗଲେଣି । ଉପରକୁ ଦେଖୁଥିଲା ଆଉ ଆମ୍ବ ତୋଳିବାପାଇଁ । ମୁଣ୍ଡଟା ଘୁରେଇ ଦେଲା । ତଳକୁ ଚାହିଁଲା, ଗଡ଼ିଆ ପାଣିରେ ତାରା ଦିଶୁଛନ୍ତି । ତା ବାପର ମୁହଁଟା ଜଳ ଜଳ ଦିଶୁଛି ।

ସଞ୍ଜ ହେଲା, ଗୋରୁ ପଲ ଯେଝା ଘରକୁ ଫେରିଗଲେ । ଚେମା କାହିଁ ? ବୁଢ଼ୀ ମା'ଟି ରାତିରେ ଲଣ୍ଠନ ଧରି ଗାଁ ଦାଣ୍ଡରେ ପଚାରି ବୁଲୁଛି । 'ମୋ ଚେମା ଆସିଥିଲା କି ?' କାହା ପାଖରେ କୌଣସି ଉତ୍ତର ନ ପାଇ ଘରକୁ ଫେରିଆସିଛି । ସାରାରାତି ତାକୁ ନିଦ ନାହିଁ । ଚେମା କେବେ କୁଆଡ଼େ ଯାଏନି । ଆଜି କେମିତି ଘରକୁ ଫେରିନି ? ଏମିତି ଭାଳି ଭାଳି କେତେବେଳେ ସକାଳ ହେଲା ଜଣା ପଡ଼ିନି ।

ସକାଳୁ ସକାଳୁ କିଏ ଜଣେ ହୁରିକଲା, 'ଗାଁ ସ୍କୁଲ୍ ପଛ ଗଡ଼ିଆରେ ଚେମା ପଡ଼ିଛି ।' ସବୁ ସେଇ ଆଡ଼େ ଧାଇଁଛନ୍ତି । ବହୁତ ଲୋକ ଗଡ଼ିଆ ପାଖରେ ଜମା ହେଇଛନ୍ତି । ଚେମା ମୁହଁମାଡ଼ି ପଡ଼ିଛି । ଠିକ୍ ତା ବାପ ପରି, ମୁହଁରୁ ଫେଣ ବାହାରିଛି । ଗୋଡ଼ହାତ ରାତିସାରା ପାଣିରେ ରହି ଫୁଲି ଯାଇଛି । ଚେମାର ମା'କୁ ଆଗକୁ ବାଟ ଦେଇଦେଲେ ଲୋକମାନେ । ଚେମାକୁ ଦେଖୁ ଦେଖୁ ହାଁ କରି ସେଇଠି ବସିପଡ଼ିଛି ବୁଢ଼ୀ । ଲୋକ କୁହାକୁହି ହେଉଛନ୍ତି -

'ଆହା ! ବିଚରା । ବାପ ତ ସେଇ ବାତରେ ଯାଇଥିଲା, ପୁଅ ବି ସେଇଥିରେ ଗଲା । ଆମ୍ବ ତୋଳିବାକୁ ଗଛକୁ ଚଢ଼ିଥିଲା, ପାଣିରେ ପଡ଼ିଗଲା ?'

# ଅହେତୁକ ଭୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଅନେକ ବର୍ଷପରେ ନିଜ ଗାଁକୁ ଫେରୁଥିଲା ରମେଶ । ଭୁବନେଶ୍ୱରରେ ରହି ଇଞ୍ଜିନିୟରିଂ ପଢୁଥିବା ସମୟରୁ ହିଁ ନିଜ ଗାଁ ସହ ସମ୍ପର୍କ ନଥିଲା ତା'ର । ବାପାବୋଉ ରହୁଥିଲେ କଟକରେ ତେଣୁ ସେ କେବେ ଗାଁକୁ ଆସିବା କଥା ଚିନ୍ତା କରିନଥିଲା । ଭୁବନେଶ୍ୱରରୁ ବାଙ୍ଗାଲୋର ଆଉ ପରେ ପରେ ଆମେରିକା ଚାଲିଯାଇଥିଲା ସେ । ଆମେରିକାରେ ରହିବାର ଦୁଇବର୍ଷପରେ ଦଶହରା ଛୁଟିରେ ଗାଁକୁ ଆସୁଥିଲା ସେ । ବାପାବୋଉ କହିଲେ ତୁ ସିଧା ଗାଁକୁ ଚାଲିଆସିବୁ । ଆମେ ସବୁ ଗାଁକୁ ଯାଉଛୁ । ବାପାଙ୍କ କଥା ଶୁଣି ରମେଶକୁ ଆଶ୍ଚର୍ଯ୍ୟ ଲାଗୁଥିଲା, କାରଣ ବାପା ତାକୁ ଛାଡ଼ି ରହିପାରିବେନି । ସେ ଯେତେଥର ଭୁବନେଶ୍ୱରରୁ ବାଙ୍ଗାଲୋର ଯାଇଛି ସବୁଥର ବାପା ଆସି ଷ୍ଟେସନରେ ତାକୁ ଗାଡ଼ିରେ ବସେଇ ଦେଇ ଯାଇଛନ୍ତି, ଆଉ ଅନେକଥର ବିମାନବନ୍ଦରକୁ ବି ଆସିଛନ୍ତି । ସେ ଆସିବା ଖବର ଶୁଣିଲେ ବାପା ଅନେକ ସମୟ ଆଗରୁ ଆସି ଷ୍ଟେସନରେ ବସିଥିବାର ସେ ଜାଣିଛି । ଅଥଚ ଏଥର ବାପା ସିଧା ଗାଁକୁ ଆସିବୁ ବୋଲି କହିଦେଇ ଚାଲିଗଲେ କେମିତି ? ବୋଉ ବି ସିଧା ସିଧା କିଛି କଥା ହେଉନଥିଲା । ଅବଶ୍ୟ ଚାକିରୀ କରିବାର ଅନେକ ବର୍ଷ

> ବାପାଙ୍କ କଥା ଶୁଣି ରମେଶକୁ ଆଶ୍ଚର୍ଯ୍ୟ ଲାଗୁଥିଲା, କାରଣ ବାପା ତାକୁ ଛାଡ଼ି ରହିପାରିବେନି । ସେ ଯେତେଥର ଭୁବନେଶ୍ୱରରୁ ବାଙ୍ଗାଲୋର ଯାଇଛି ସବୁଥର ବାପା ଆସି ଷ୍ଟେସନରେ ତାକୁ ଗାଡ଼ିରେ ବସେଇ ଦେଇ ଯାଇଛନ୍ତି, ଆଉ ଅନେକଥର ବିମାନବନ୍ଦରକୁ ବି ଆସିଛନ୍ତି । ସେ ଆସିବା ଖବର ଶୁଣିଲେ ବାପା ଅନେକ ସମୟ ଆଗରୁ ଆସି ଷ୍ଟେସନରେ ବସିଥିବାର ସେ ଜାଣିଛି । ଅଥଚ ଏଥର ବାପା ସିଧା ଗାଁକୁ ଆସିବୁ ବୋଲି କହିଦେଇ ଚାଲିଗଲେ କେମିତି ? ବୋଉ ବି ସିଧା ସିଧା କିଛି କଥା ହେଉନଥିଲା ।

ହୋଇଗଲାଣି, ବାହାଘର କଥା ନେଇ ବୋଉ ସହ ଅନେକ କଥା କଟାକଟି ହୋଇଛି । ହେଲେ ସମୟ କାହିଁ ? ବାହା ହେବାପାଇଁ ଛୁଟି ମିଳିବ କି ? ସେ କଣ ଭାରତ ହୋଇଛି ଯେ ବାହାଘର ପାଇଁ ମାସେ ଛୁଟି ମାଗିଲେ ବି ମିଳିଯିବ ? ଆମେରିକାରେ ବାହାଘର ସବୁ କୋଇ ଘଣ୍ଟାରେ ସରିଯାଏ, ଆଉ ଛୁଟି ଦିନେ କି ଦୁଇଦିନ ମିଳେ । ସେ ଯା'ହେଉ ସେ ବାଙ୍ଗାଲୋରରେ ପହଞ୍ଚିବା ପରେ ଘରକୁ ଫୋନ କରିଥିଲା । ବାପା ଫୋନ ଧରି କହିଲେ, ଆମେ ସବୁ ଗାଁକୁ ବାହାରି ଯାଉଛୁ, ତୁ ସିଧା ଗାଁକୁ ଚାଲିଆସ ।

ବାଙ୍ଗାଲୋରରୁ ଫ୍ଲାଇଟରେ ସେ ଭୁବନେଶ୍ୱର ଆସିବାପରେ ଘରକୁ ଯାଇଥିଲା । ପଡ଼ୋଶୀ ମିଶ୍ରବାବୁଙ୍କ ଘରେ ଚାବି ଦେଇ ଯାଇଥିଲେ ବାପା । ସେଇଠି ବ୍ୟାଗ୍ ସବୁ ରଖିଦେଇ କାର ନେଇ ଚାଲିଥିଲା ଗାଁକୁ । ସେ ଯିବାକୁ ଅସୁବିଧା ହେବବୋଲି ବାପା କାର୍ ଛାଡ଼ିଦେଇ ଯାଇଥିଲେ । ଭୁବନେଶ୍ୱରରୁ ଦେଢ଼ଶ କିଲୋମିଟର ରାସ୍ତା । ବସରେ ଗଲେ, ସାଢ଼େ ତିନିଘଣ୍ଟାର ରାସ୍ତା, ଅବଶ୍ୟ ସେଇଠୁ ପୁଣି ଅଟୋ କିମ୍ବା ଟାକ୍ସି କରିବାକୁ ପଡ଼ିପାରେ । ମେନ୍ ରୋଡ଼ରୁ ପାଖାପାଖି ବାଇଶି କିଲୋମିଟର ଗଲେ ଛୋଟିଆ ଗାଁ, ନେମାଳପୁର । ସେ ଗାଁକୁ ଶେଷଥର ହୁଏତ ଆଠ ନଅ ବର୍ଷତଳେ ଯାଇଥିଲା । ରାସ୍ତା ମନେ ଅଛି ଅବଶ୍ୟ । ସେ କାର ଛାଡ଼ିଦେଲା ନେସନାଲ୍ ହାଇୱେ ରେ । ଗୀତ ବାଜୁଥିଲା । ସନ୍ଧ୍ୟା ହୋଇଥିଲା, ହେଲେ ଭାବୁଥିଲା ଅଢ଼େଇ ଘଣ୍ଟାରେ ଘରେ ପହଞ୍ଚିଯିବ । ଫ୍ଲାଇଟରୁ ଓହ୍ଲେଇବା ବେଳକୁ ସାଢ଼େ ତିନିଟା ହୋଇଥିଲା । ଛଅଟାରେ ଭୁବନେଶ୍ୱର ଛାଡ଼ିଲା, ନଅଟା ବେଳକୁ ଗାଁରେ ହାଜର ହୋଇଯିବ ବୋଲି ଭାବିଥିଲା ।

ଗାଁରେ ଦାଦା ଖୁଡ଼ୀ ରହନ୍ତି, ସେମାନଙ୍କର ପରିବାର । ଦାଦାଙ୍କ ପୁଅ ଦିଲ୍ଲୀରେ ଚାକିରୀ କରେ, ଝିଅ ଦୁଇଟା ବାହାରେ ରହୁଛନ୍ତି । ଜେଜେବାପାଙ୍କୁ କିଛି ଶୁଣାଯାଉନି କି ଦେଖାଯାଉନି । ସେ ବି ଗାଁରେ ରହନ୍ତି ଦାଦାଙ୍କ ଘରେ । ସାହି ପଡ଼ିଶା, ଗାଁ ଛାଡ଼ି ସେମାନେ ଭୁବନେଶ୍ୱର ଆସିବାପାଇଁ କେବେ ରାଜି ହେଲେନି । ବାପାବୋଉ ମଧ୍ୟ ଗାଁରେ ହିଁ ରହିବେ ବୋଲି ନିଷ୍ପତ୍ତି ନେଇଥିଲେ, ହେଲେ ଭୁବନେଶ୍ୱରରେ ଫ୍ଲାଟ୍ କିଣିଦେବାପରେ ସେଇ ନିଷ୍ପତ୍ତି ବଦଳିଗଲା । ବୋଉ କହିଲା, ଗାଁରେ ରହିଲେ କୁନା କେମିତି ଯିବା ଆସିବା କରିବ ? ସେ ଯେଉଁଠି ବି ରହୁ ଫ୍ଲାଇଟରେ ଆସୁ କି ଟ୍ରେନରେ ଆସୁ, ଭୁବନେଶ୍ୱରରେ ରହିଲେ ସବୁ ସୁବିଧା । ବାପା ମଧ୍ୟ ସରକାରୀ ଚାକିରୀରେ ରହି ରହି ରାଜଧାନୀର ବାସିନ୍ଦା ହୋଇଗଲେ । ବେଳେ ବେଳେ ଗାଁକୁ ଯାଇଥାନ୍ତି । ବିଶେଷତଃ ଏହି ଦଶହରା ସମୟରେ ସେମାନେ ନିଶ୍ଚୟ ଗାଁକୁ ଯାଆନ୍ତି । ସେ ଗାଡ଼ି ଛାଡ଼ିଦେଇ ପାଖାପାଖି ଘଣ୍ଟାଏ ହେଲାଣି, ବାପା ଫୋନ୍ କରିଥିଲେ । ସେ ଗାଡ଼ିନେଇ ଆସୁଛି ଶୁଣି ବିରକ୍ତ ହେଲେ, କହିଲେ ତୁ ଘରେ ରେଷ୍ଟ କରି ସକାଳୁ ଆସିଥାନ୍ତୁ । ଏଇ ରାତିରେ କାହିଁକି ଗାଡ଼ିଟେ ଧରି ଆସୁଛୁ ? ରମେଶ ହସିଦେଇ କହିଲା, ବାପା ମୁଁ

ଆମେରିକାରେ ରହିଆସିଛି, ଯେଉଁଠି କାହାକୁ ବି ମୁଁ ଜାଣେନି । ଏଇଟା ତ ଆମ ଦେଶ, ଆମ ରାଜ୍ୟ ଆଉ ଆମ ଗାଁ କଥା । ବାପା କହିଲେ, ହଉ ଦେଖିଚାହିଁ ଆସ । ବୋଉ ଶୁଣିବାପରେ ବାପାଙ୍କ ଉପରେ ରାଗୁଥିବାର କିଛି କୋଳାହଳ ରମେଶ ଶୁଣିବାକୁ ପାଉଥିଲା, ହେଲେ ଫୋନ୍ କଟିଗଲା ।

ନେସନାଲ୍ ହାଇୱେ ରେ ସେ ପ୍ରାୟ ଅଶି ନବେ କିଲୋମିଟର ଚାଲି ଆସିଲାଣି । ରାସ୍ତାରେ ଅନେକ ବଡ଼ ବଡ଼ ଟ୍ରକ୍ ଚାଲିଛି । ସେ ଗାଡ଼ିରେ ଗୀତ ଲଗାଇଦେଇ ଯାଉଛି । ରାସ୍ତା ପାର୍ଶ୍ୱରେ ଅନେକ ଛୋଟ ଛୋଟ ଗାଁ ପଛକୁ ପଛକୁ ଚାଲିଯାଉଛନ୍ତି । ସେ ମନେ ପକାଉଥିଲା ଆମେରିକାରେ ଏମିତି ହାଇୱେ ସାଇଡ଼ରେ ଥିବା ଛୋଟ୍ ଛୋଟ୍ ଗାଁ ବିଷୟରେ । ସେମିତି କିଛି ବିଶେଷ ଫରକ୍ ନାହିଁ । ହଁ ଅବଶ୍ୟ ସେଠି ସୁନ୍ଦର ଆଲୋକମାଳାରେ ସୁସଜ୍ଜିତ ଦେଖାଯାଉଥିବା ବେଳେ ଏଠି କିନ୍ତୁ ସେ ସୁବିଧା ନାହିଁ । ଆଉ ସଫାସୁତରା ବି ନାହିଁ । ଗାଁ ପାଖ ଛକ ଆସିବା ପୂର୍ବରୁ ସେ ବି କିଛି ସମୟ ପାଇଁ ଚିନ୍ତାରେ ପଡ଼ିଯାଇଥିଲା । ନିଜ ଗାଁ ଯିବାକୁ ରାସ୍ତା ଦେଖିବାକୁ ପାଉନଥିଲା । ରାସ୍ତା ପାର୍ଶ୍ୱରେ ଗାଡ଼ି ଅଟକାଇ ଗୋଟିଏ ଚା ଦୋକାନରେ ପହଞ୍ଚି କଡ଼ା ଚା ଗୋଟିଏ ହାତରେ ଧରି ସିଗାରେଟ୍ ଟିଏ ଲଗାଇଦେଲା । ଚା ପିଉ ପିଉ ଗାଁକୁ ଯିବା ରାସ୍ତା ବିଷୟରେ ପଚାରିଲା । ଦୋକାନୀ ସଠିକ୍ ଭାବରେ ବତେଇଦେଲା ରାସ୍ତା । ହେଲେ ପଚାରିଲା, ଏବେ ସେଇ ରାସ୍ତାରେ ଯିବ ? ରମେଶ କହିଲା, ହଁ, ଏଇ କୋଡ଼ିଏ ବାଇଶି କିଲୋମିଟର ରାସ୍ତା, ଅଧଘଣ୍ଟାରେ ପହଞ୍ଚିଯିବ । ଦୋକାନୀ କିଛି କହିଲାନାହିଁ । କିନ୍ତୁ ଦୋକାନୀର ମୁହଁର ଭାବ ଦେଖି ସେ ଚିନ୍ତାରେ ପଡ଼ିଗଲା । କଥା କଣ ବୋଲି ପଚାରିବା ପରେ ସେ କହିଲା, ଯେ ଏହି ରାସ୍ତାରେ ସାଧାରଣତଃ ଅନ୍ଧାରପରେ କେହି ଯାଆନ୍ତି ନାହିଁ । ଭାଲୁ ବୁଲୁଥାଏ ରାସ୍ତାରେ । ଆଉ... ସେ କିଛି ସମୟ ନିରବ ରହିବାପରେ ରମେଶ ପଚାରିଲା ଆଉ କଣ ? ଦୋକାନୀ କଥା ବୁଲେଇ ପଚାରିଲା ଆପଣ ଆଜ୍ଞା କୋଉଠୁ ଆସୁଛନ୍ତି ? ରମେଶ କହିଲା ମୁଁ ଭୁବନେଶ୍ୱରରୁ ଆସୁଛି । ବାହାରେ ଚାକିରୀ କରେ, ଆଜି ଫେରିଲି, ବାପାବୋଉ ଗାଁରେ ରହନ୍ତି, ତେଣୁ ଏଇ ରାସ୍ତାରେ ଯିବାକୁ ପଡ଼ିବ । ଦୋକାନୀ ପୁଣି ପଚାରିଲା, ବାପାବୋଉ ଅନ୍ଧାରରେ ଆସିବାପାଇଁ ମନା କରିନାହାନ୍ତି ? ରମେଶ ହସିଦେଇ କହିଲା, ହଁ କହିଛନ୍ତି ଯେ । ଗାଡ଼ିରେ ମାଡ଼ି ପଳେଇବି, ଅଧଘଣ୍ଟାରେ ପହଞ୍ଚିଯିବିନି ? ଦୋକାନୀ ହସିଦେଇ କହିଲା, ବଡ଼ ସହରରେ ରହୁଛ, ବଡ଼ ଚାକିରୀ କରୁଥିବ ତେଣୁ ଏତେ ସାହାସ । ନହେଲେ ଆମ ଏଠିଆ ଲୋକ୍ ଏଇ ରାସ୍ତାରେ ଅନ୍ଧାରରେ ଯାଆନ୍ତି ନାହିଁ । ଟ୍ରକ୍ ବସ ବି ଯାଉନାହାନ୍ତି । ଅବଶ୍ୟ ରାସ୍ତା ଏକଦମ୍ ଫାଇନ୍ ଅଛି ।

ରମେଶ ଚା ଦୋକାନୀକୁ ପଇସାଦେଇ ଗାଡ଼ିରେ ବସିବାପରେ ପଛରୁ ଦୋକାନୀ ଉଚ୍ଚ ସ୍ୱରରେ କହୁଥିବା ଶୁଣିଲା, ଆଜ୍ଞା ଲାଇଟ୍ ଭଲକି ଜାଳକି ଯିବେ । ରାସ୍ତାରେ ଏକ୍ସିଡ଼େଣ୍ଟ ହୋଇପାରେ । ଜଙ୍ଗଲ ରାସ୍ତା କାଳେ କଣ

ହେବ ! ! !

ରମେଶ କିଛି ବୁଝିପାରୁନଥିଲା । ଫୋନରେ ମଧ୍ୟ ବାପା ସେଇ ଏକା କଥା କହୁଥିଲେ, ପଛରେ ବୋଉ ବି ବିରକ୍ତ ହେଉଥିଲା । ଏମାନେ କେଉଁ ଯୁଗରେ ବଞ୍ଚୁଛନ୍ତି ? ଅନ୍ଧାରକୁ ଭୟ ? ଆମେରିକାରେ ଶହ ଶହ ମାଇଲ ଏକୁଟିଆ ଝିଅମାନେ ଗାଡ଼ି ନେଇ ଚାଲିଯାଉଛନ୍ତି । ଅଥଚ ଏଠି ଯୁବକ ପୁଅକୁ ଭୟ ଶିଖାଉଛନ୍ତି । ସେ ଗାଡ଼ି କିଛି ବାଟ ଆଗେଇ ନିଜ ଗାଁ ରାସ୍ତା ଆଡ଼କୁ ବୁଲେଇବା ବେଳକୁ ଛକରେ ଥିବା ପୋଲିସ୍ କନ୍‌ଷ୍ଟେବଲ ଜଣେ ଆଗକୁ ଆସି ଗାଡ଼ିକୁ ଅଟକାଇଲା । କୁଆଡ଼େ ଯାଉଛନ୍ତି ? କେତେ ବାଟ ଯିବେ ? ଇତ୍ୟାଦି ଅନେକ ପ୍ରଶ୍ନ । ରମେଶ କହିଲା, ନେମାଳପୁର ଯିବି । କନଷ୍ଟେବଲ୍ ଭଲ କି ଚାହିଁଲା ଆଉ କହିଲା, ପ୍ରଥମଥର ଏହି ରାସ୍ତାରେ ଯାଉଛନ୍ତି ? ରମେଶ ହସିଦେଇ କହିଲା, ନେମାଳପୁର ଆମ ଗାଁ । ଅବଶ୍ୟ ଅନେକ ବର୍ଷପରେ ଆସୁଛି । ହେଲେ ଯେ ଅନ୍ଧାରରେ କାହିଁକି ଆସିଲେ ? କନ୍‌ଷ୍ଟେବଲର କଥା ଶୁଣି, ରମେଶ କହିଲା, ଆଚ୍ଛା କହିଲ, ଏଠି ଏମିତି କଣ ଅଛି ଯେ ସମସ୍ତେ ଏତେ ଡରୁଛନ୍ତି ? କନଷ୍ଟେବଲ୍ ଆଉ ରମେଶର କଥା ଶୁଣି ଅନେକ ଲୋକ ସେଇ ପାଖରେ ଆସି ସେଇଠି ଜମା ହୋଇଗଲେଣି । ପଛରୁ କିଏ ଜଣେ କହିଲା, ଭୂତ ଅଛି । ରମେଶ ଫେଁ କିନା ହସିଦେଇ କହିଲା । ଭୂତ ? କନ୍‌ଷ୍ଟେବଲ ବି ମୁଣ୍ଡ ହଲେଇ ହଁ ବୋଲି କହିଲା ।

ରମେଶ ଜାଣିଛି, ପିଲାଦିନେ ବୋଉ ଅନେକ ଭୂତଗପ କହିଥିଲା । ବାପା ବି କହିଛନ୍ତି । ଜେଜେ ସବୁଠୁ ଅଧିକ କୁହନ୍ତି । ହେଲେ ସେ ସବୁ ପିଲାଦିନ ଗପ । ଆମେରିକାରେ ଏ ସବୁକୁ କେହି ବିଶ୍ୱାସ କରନ୍ତି ନାହିଁ, ଆଉ ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କୁ ପାଗଳମାନଙ୍କ ଶ୍ରେଣୀରେ ଗଣାଯାଏ । ସେ କନ୍‌ଷ୍ଟେବଲକୁ ଚାହିଁ କହିଲା, ବୁଝିଲ ବାବୁ, ତୁମେ ଏତେ ପାଠ ପଢ଼ି ଚାକିରୀ କରିବାପରେ ମଧ୍ୟ ଭୂତରେ ବିଶ୍ୱାସ କରୁଛ ? ତୁମେ ସମାଜରେ କି ପରିବର୍ତ୍ତନ ଆଣିବ । ନିଜେ ତ ଅନ୍ଧ ବିଶ୍ୱାସରେ ବୁଡ଼ି ରହିଛ । କନ୍‌ଷ୍ଟେବଲ ହସିଦେଇ କହିଲା, ଆଜ୍ଞା ଆମେ ମୂର୍ଖ ଲୋକ । ଆପଣ ବଡ଼ ଚାକିରୀ କରିଛନ୍ତି, ତେଣୁ ବିଶ୍ୱାସ କରୁନାହାନ୍ତି । ଆମେ କହିଲେ ଆମ ଉପରେ ହସିବେ । ତେଣୁ ଆପଣଙ୍କ ଇଚ୍ଛା । ଯଦି ଯିବାକୁ ଚାହୁଁଛନ୍ତି ଯାଆନ୍ତୁ । ହେଲେ ବାଟରେ ଗାଡ଼ି ଅଟକାଇବେନି । କାଚ ବନ୍ଦ କରିଦେଇ ସିଧା ମାଡ଼ିଯିବେ । କିଏ କେଉଁଠି ଡାକିଲେ ବି ଶୁଣିବେନି । ରମେଶ ଯଦିଓ ସେମାନଙ୍କ ଉପରେ ମନେ ମନେ ହସିଲା, ତଥାପି କନ୍‌ଷ୍ଟେବଲର କଥା ତା ମନକୁ ପାଇଲା । ସତ କଥା । କାହିଁକି ଗାଡ଼ିର କାଚ ଖୋଲା ରଖିବ ବା ବାଟରେ କାହିଁକି ଅଟକାଇବ । ସେ ଗାଡ଼ିକୁ ଆଗକୁ ବଢ଼ାଇଲା । କିଛି ଲୋକ ତଥାପି କହୁଥିଲେ ଆଗ ଛକରେ ଲଜ୍ ଅଛି ରହିଯାଆନ୍ତୁ, ସକାଳୁ ଯିବେ । କାହିଁକି ଯାଉଛନ୍ତି ଏତେ ରାତିରେ ।

ଏତିକି ବେଳେ ବାପାଙ୍କ ଫୋନ ଆସିଲା । ବାପା ପଚାରୁଥିଲେ କେତେବାଟ ହେଲୁ ? ରମେଶ କହିଲା ସେ

ମେନ୍ ରୋଡ଼ ଛକରେ ଅଛି । ଆଉ ଅଧଘଣ୍ଟାରେ ଘରେ ପହଞ୍ଚିବ । ବାପା କହୁଥିଲେ ରାସ୍ତା ଖରାପ ଅଛି, ତୁ ରାତିରେ ସେଇ ଛକରେ କୋଉ ଗୋଟେ ଲଜରେ ରହିଯା, ସକାଳୁ ଆସିବୁ । ରମେଶ କିନ୍ତୁ ଜିଦ୍‌ଧରି ନେଇ ସାରିଥିଲା । ହସିଦେଇ କହିଲା, ବାପା ତମେ ବି ସେ ଭୂତ ଗପ ଉପରେ ବିଶ୍ୱାସ କରୁଛ ? ଫୋନ କଟିଯାଇଥିଲା । ଆଉ ସେ ଫୋନ କରିବାକୁ ଉଚିତ ମନେ କଲାନି, ଗାଡ଼ି ଆଗକୁ ବଢ଼ିଚାଲିଲା ।

ବଜାରଠାରୁ ମାତ୍ର କେଇ ମିଟର ଦୂରକୁ ଯାଇଥିବା ବେଳେ ରାସ୍ତା ପାର୍ଶ୍ୱରେ ଠିଆହୋଇଥିବା ବୁଢ଼ାବାପା ଆଉ ବୋଧହୁଏ ତା ଝିଅକୁ ଦେଖିଲା ରମେଶ । ବୁଢ଼ାଟି ହାତ ଠାରି ଗାଡ଼ି ଅଟକାଇବାକୁ ଇଙ୍ଗିତ କରୁଥିଲା, ରମେଶ ନିରିଖେଇ ଚାହୁଁଥିଲା ସେ ଆଡ଼କୁ ଆପେ ଆପେ ଗାଡ଼ିକୁ ଧୀର କରିଦେଇ କିଛି ବାଟ ଆଗରେ ଅଟକାଇଦେଲା । ପଛରୁ ଶୀଘ୍ର ଶୀଘ୍ର ପାଦ ପକାଇ ବୁଢ଼ା ଆଉ ତା ପାଖରେ ଥିବା ଝିଅଟି ଆଗକୁ ଆସିଲେ । ସାମନାପଟ କବାଟର କାଚକୁ ତଳକୁ ଓହ୍ଲେଇ ଦେଇ ରମେଶ ଚାହିଁଲା । ଷାଠିଏ କି ସତୁରୀ ବର୍ଷର ପାଚିଲା ବୁଢ଼ାଟିଏ । ଧଳା ଧୋତି ଆଉ କୁର୍ତ୍ତା ପିନ୍ଧିଛି । ମୁଣ୍ଡରେ ଗାମୁଛାଟାଏ ଭିଡ଼ିଛି । କାନ୍ଧରେ ମଇଳା ବ୍ୟାଗଟିଏ ଧରିଛି । ଆତୁର ନୟନରେ ସେ ରମେଶକୁ ଚାହିଁ କହିଲା, ଆଜ୍ଞା ବଅନ୍ତପଲି ଆଡ଼େ ଯିବକି ? ବନ୍ଧପଲ୍ଲୀ ନେମାଳପୁର ରାସ୍ତାରେ ଆସେ । ରମେଶ ସେ ଗାଁ ବିଷୟରେ ଜାଣିଛି, କାରଣ ସ୍କୁଲରେ ପଢୁଥିବା ବେଳେ ସେଇ ଗାଁର କିଛି ପିଲା ନେମାଳପୁର ସ୍କୁଲକୁ ଆସୁଥିଲେ । ସେ ମୁଣ୍ଡ ହଲେଇ ହଁ ବୋଲି କହିଲା । ବୁଢ଼ା କହିଲା, ଆଜ୍ଞା ବଜାରକୁ ଆସିଥିଲି, ବୋହୁଟାକୁ ଜର ହଉଥିଲା ଚାରିଦିନ ହେଲାଣି । ଇଞ୍ଜିସନ ଦେଲି, ଓଷଦବଷ ଯାହା ଦେଲେ ଧରି ବାହାରିଲା ବେଳକୁ ଅନ୍ଧାର ହେଇଗଲା । ଏବେ ଆଜ୍ଞା ଗାଡ଼ି ମିଳିବନି । ସେଇଥିପାଇଁ ଆଜ୍ଞା ଯଦି ଆପଣେ...

ରମେଶ ପଛକୁ ଚାହିଁଲା । ଓଢ଼ଣା ଦେଇ ଠିଆ ହୋଇଥିଲା ଝିଅଟା । ମନେ ମନେ ଭାବୁଥିଲା କାହାକୁ ଲିଫ୍ଟ ଦେବ ନା ନାହିଁ । ତା ପରେ ଭାବୁଥିଲା, ଅନ୍ଧାରରେ ଏକା ଯିବାକୁ ସବୁ ମନା କରୁଛନ୍ତି, ଏମାନେ ସାଥିରେ ଗଲେ ହୁଏତ ଏକା ଲାଗିବ ନାହିଁ । ଆଉ ବନ୍ଧପଲ୍ଲୀ ପରେ ପରେ ଗାଁ ଆସିଯିବ । ତେଣୁ ସେ କବାଟଟା ଖୋଲିଦେଲା । ବୁଢ଼ା ଆଉ ଝିଅ ପଛ ସିଟରେ ବସିଲା ପରେ କାଚ ବନ୍ଦ କରିଦେଇ ସେ ଗାଡ଼ି ଆଗକୁ ବଢ଼ାଇଲା । ବୁଢ଼ା ଧିରେ ଧିରେ କହିଲା, ଆଜ୍ଞା କାଞ୍ଚଟା ତଳକୁ କରିଦେଏନ୍ତୁ ପବନ ଆସିବ । ରମେଶ କହିଲା ନାଇଁ ଗାଡ଼ିରେ ଏସି ଲାଗିଛି, ଥଣ୍ଡା ଲାଗିବ । ବୁଢ଼ା କହିଲା । ବଡ଼ ନୋକ ଆଜ୍ଞା ଆପଣ କେତେ କଣ ଜାଣିଛନ୍ତି । ଗାଡ଼ି ଆଗକୁ ଯାଉଥିଲା । ବୁଢ଼ା ପଚାରୁଥିଲା, କୋଉ ଗାଁ ଯାଉଛ ଆଜ୍ଞା ? ରମେଶ କହିଲା ନେମାଳପୁର । ବୁଢ଼ା କହିଲା, ହେଇ ବଅନ୍ତପଲି ଡେଇଁଲେ ତ ନେମାଳପୁର । ବେଶୀ ବାଟ ନାଇଁ । ହେଲେ କା'ଘରକୁ ଆସିଛ ନା କଣ ? ରମେଶ ହସିଦେଇ କହିଲା, ଆମ ଗାଁ ନେମାଳପୁର । ବୁଢ଼ା କହିଲା, ନାଇଁ କେବେ ଦେଖିଲା ପରି





ନାଗୁନି ତ ସେଇଥିପାଇଁ ପଚାରିଦେଲି । ରମେଶ ଗାଡ଼ି ଚଲାଉଥିଲା । ଆଗରେ କାଳେ ଭାଲୁ କିମ୍ବା କୌଣସି ପଶୁ ଆଗକୁ ଆସିଯିବ ବୋଲି ଅଧିକ ବେଗରେ ବି ଗାଡ଼ି ଚଳାଉନଥିଲା । ସେ କହିଲା, ନାଁ ମୁଁ ଗାଁରେ ରହେନି । ଆମେ ଭୁବନେଶ୍ୱରରେ ରହୁଛୁ । ଦଶହରାପାଇଁ ଗାଁକୁ ଯାଉଛି ।

ଗାଡ଼ି ଚାଲିଥିଲା । ରମେଶ ଗାଡ଼ିରେ ଲାଗିଥିଲା ଗୀତକୁ ଟିକେ ଅଧିକ ବଢ଼େଇ ଦେଇ କହିଲା, ତମେ ବସ ମଉସା, ଗାଁ ଆସିଲେ ଗାଡ଼ି ଅଟକାଇ ଦେବି । ଗାଡ଼ି ଚାଲିଲା । ବଜାର ବହୁତ ପଛରେ ରହିଲାଣି । ରମେଶ ଗାଡ଼ିରେ ଆଉ ଦୁଇଜଣ ସହଯାତ୍ରୀ, ଡରିବାର କୌଣସି କାରଣ ନାହିଁ । ସେ ନିଶ୍ଚିନ୍ତ ହୋଇ ଗାଡ଼ି ଚଲାଉଥିଲା । ମଝିରେ ମଝିରେ ଦର୍ପଣ ଦେଇ ପଛକୁ ଦେଖୁଥିଲା । କିଛି ସମୟପରେ ବୁଢ଼ା ଶୋଇଗଲା । ପାଖରେ ବସିଥିବା ଝିଅଟି ସେମିତି ଓଢ଼ଣା ଦେଇ ବସିଥିଲା । ରମେଶ ଗୀତକୁ ଧିରି କରିଦେଇ ପଚାରିଲା, ତମ ନାଁ କଣ ? ଝିଅଟା କିଛି କହିଲାନି । ରମେଶ ହସିଦେଇ କହିଲା, ଯୁଗ ଯାଇ କୋଉଠି ପହଞ୍ଚିଲାଣି, ଏଠି ଲୋକ ନାଁ କହିବାକୁ ବି ଲାଜ କରୁଛନ୍ତି । ଏହି ସମୟରେ ଝିଅଟା ନିରବରେ କହିଲା, ସଂଯୁକ୍ତା । ଓହୋ । ରମେଶ କହିଲା, କଣ ଜର ହେଇଥିଲା ବୋଲି ଡାକ୍ତର କହିଲେ ? ଝିଅଟା ଧିରେ କହିଲା, ଜାଣିନି । ବାପା କଥା ହେଇଛନ୍ତି । ମୋତେ ଦୁଇଟା ଇଞ୍ଜିସନ୍ ଦେଇଚି ଆଉ ବଟିକା । ପାଣି ଓଷଦ । ରମେଶ ଦର୍ପଣରେ ଦେଖିବାକୁ ଚାହୁଁଥିଲା, ସେ ଝିଅଟା ସେମିତି ଓଢ଼ଣା ପକେଇ ବସିଥିଲା ।

ଝିଅଟାର ଘରଦ୍ୱାର, ନିଜ ଗାଁ ଇତ୍ୟାଦି ଅନେକ କଥାବାର୍ତ୍ତା ହେଉ ହେଉ ଗାଡ଼ି ଆଗକୁ ଆଗକୁ ବଢୁଥିଲା । ରମେଶ କିଛି ସମୟ ନିରବ ରହି ପଚାରିଲା, ଏଇ ରାସ୍ତାରେ ସବୁ ଅନ୍ଧାରରେ ଯିବାକୁ କାହିଁକି ମନା କରୁଛନ୍ତି ? ଝିଅଟା ଚୁପ୍ ଥିଲା । କହିଲା ମୁଁ ଜାଣିନି । କିଏ ବି ଯାଆନ୍ତି ନାହିଁ । ସବୁ କହନ୍ତି ଏଠି କାଳେ ଭୁତ ଦିଶେ । ରମେଶ ହସିଦେଇ କହିଲା, ଲୋକଯାଇ ଜହ୍ନଉପରେ ପହଞ୍ଚିଗଲେଣି ଏଠି ଲୋକ ଆହୁରି ଭୁତପ୍ରେତ ଉପରେ ବିଶ୍ୱାସ କରୁଛନ୍ତି । ଝିଅଟି କହିଲା, ଆଜ୍ଞା ତମେ ବିଶ୍ୱାସ କରୁନଥିଲେ ନାଇଁ, ହେଲେ ଆମ ଗାଁରେ ତ ଲୋକମାନେ ବିଶ୍ୱାସ କରନ୍ତି । ଭୁତଦେଖିଲେ ଝାଡ଼ାବାନ୍ତି ହେଇଯାଏ । ଗଲାବର୍ଷ ନେମାଳପୁରର ଯୁଆନ୍ ପିଲାଟା ଭୁତ ଦେଖିଦେଇ ମରିଗଲା । ରମେଶକୁ କଥା ଗୁଡ଼ାକ ଅବାସ୍ତବ ଲାଗୁଥିଲେ ସୁଦ୍ଧା ସେ ଅଶିକ୍ଷିତ ଝିଅଟା ସହ ଯୁକ୍ତି କରିବାକୁ ସେ ଚାହୁଁନଥିଲା । ତେଣୁ କଥା ବୁଲେଇବାକୁ ପଚାରିଲା, ସବୁବେଳେ ଏମିତି ହାତେ ଓଢ଼ଣା ଦେଉଛ, ନା ଆଜି ଗାଁରୁ ବାହାରକୁ ଆସିଛ ବୋଲି ଦେଇଛ ? ଝିଅଟା କହିଲା, ଓଢ଼ଣା ନ ଦେଲେ ଲୋକ କଣ କହିବେ ? ରମେଶ କହିଲା, ବାହାରେ ବୁଲିଲେ ସିନା ଓଢ଼ଣା ଦେବ, ଏବେ ତ ଗାଡ଼ିରେ ବସିଛ, ଓଢ଼ଣା ବାହାର କରିପାରିବ । ଏତେ ଅନ୍ଧାରରେ କିଏ ଦେଖିବ ?





ଝିଅଟା କଣ କରିବ କିଛି ବୁଝିପାରୁନଥିଲା, ରମେଶ ସାମନାରେ ରାସ୍ତା ଉପରେ ଧ୍ୟାନ ଦେଇ ଗାଡ଼ି ଚଲାଉଥିଲା । ଗୀତ ବନ୍ଦ ହେବା ଦେଖି ପୁଣି ସିଡ଼ି ପକାଇବା ପରେ ସେ ଦେଖୁଥିଲା ଘଣ୍ଟାରେ ସମୟ ସାଢ଼େ ନଅଟା ହେଲାଣି । ଆଉ ସାତ ଆଠ କିଲୋମିଟର ଥିବ ପରା । ରାସ୍ତା ପାର୍ଶ୍ୱରେ ମାଇଲଖୁଣ୍ଟ ଟେ ବି ଦେଖା ଯାଉନି । ଦର୍ପଣରେ ପଛକୁ ଚାହିଁଲା । ଝିଅଟା ଓଢ଼ଣା ବାହାର କରିଦେଇଥିଲା । ସୁନ୍ଦରୀ ଝିଅଟା । ମନେ ମନେ ରମେଶ ଭାବୁଥିଲା ଏତେ ସୁନ୍ଦରୀ ଝିଅଟେ ହେଇ ହାତେ ଓଢ଼ଣା ଦେଇ ବସିଛି ? ସହରରେ ଥିଲେ କେତେ ଲୋକ ଏହି ଝିଅକୁ ଦେଖିଥାନ୍ତେ, ଏମିତି ଭାବୁଭାବୁ ଆନମନା ହୋଇଗଲା ଆଉ ତା ଅଲକ୍ଷରେ ଗାଡ଼ି ରାସ୍ତା ସାଇଡ଼କୁ ଭିଡ଼ିହୋଇଗଲା ପରି ଲାଗିଲା, ସେ ଷ୍ଟିୟରିଂ ସମ୍ଭାଳୁ ସମ୍ଭାଳୁ ଗାଡ଼ିଟା ରାସ୍ତା ସାଇଡ଼ରେ ଥିବା ଗୋଟିଏ ମାଇଲଖୁଣ୍ଟରେ ବାଜି ଯାଇଥିଲା । ଗାଡ଼ିର ବେଗ ହଠାତ ବଢ଼ିଯାଇଥିଲା କି କଣ, ସେଇ ଦୁର୍ଘଟଣାରେ ରମେଶର ମୁଣ୍ଡ ଷ୍ଟିୟରିଂରେ ଜୋରରେ ବାଜିଯାଇଥିଲା ।

ଗାଡ଼ିଟା ରାସ୍ତା ପାର୍ଶ୍ୱରେ ଥିବା ମାଇଲଖୁଣ୍ଟରେ ବାଜିବାପରେ ରମେଶର ମୁଣ୍ଡକୁ ମାଡ଼ ହୋଇଯାଇଥିଲା । ସେ ମୁଣ୍ଡ ଉଠାଇ ସଜାଡ଼ି ହେଉ ହେଉ ଦେଖିଲା ପଛର ଦୁଇ କବାଟ ଖୋଲା ଅଛି ଆଉ ଗାଡ଼ିରେ ବୁଢ଼ା ନାହିଁ କି ସେ ଝିଅ ନାହିଁ । ବୋଧହୁଏ ସେମାନେ ଓହ୍ଲେଇ ଚାଲିଯାଇଥିବେ । ସେ ଗାଡ଼ିରୁ ବାହାରକୁ ଆସିଲା । ରାସ୍ତାର ଏପାଖ ସେପାଖ ଅନେକ ଦୂର ଯାଏଁ ଆଲୋକଟିଏ ବି ଦେଖାଯାଉନଥିଲା । ମାଇଲଖୁଣ୍ଟ ଦେଖିଲା ବେଳକୁ ବଛିପଲ୍ଲୀ ଲେଖା ହୋଇଥିଲା । ସେ ନିଶ୍ଚିନ୍ତ ହୋଇଯାଇଥିଲା ଯେ ବୁଢ଼ା ଆଉ ତା ବୋହୁ ଗାଁ ପାଖ ହୋଇଥିବା ଦେଖି ବୋଧହୁଏ ଚାଲିଯାଇଥିବେ ।

ସେ ଗାଡ଼ିରେ ବସି ପୁଣିଥରେ ଗାଡ଼ି ଷ୍ଟାର୍ଟ କଲା, ଆଉ ସୌଭାଗ୍ୟବଶତଃ ଗାଡ଼ି ଷ୍ଟାର୍ଟ ବି ହୋଇଗଲା । ଏହାପରେ ସେ ଗାଡ଼ିକୁ ପଛକୁ ଫେରାଇ ପୁଣି ରାସ୍ତାରେ ଆଣିଲା । ଆଉ ଅଳ୍ପବାଟ । ଗାଡ଼ିରେ ଗୀତ ବନ୍ଦ ହୋଇଯାଇଥିଲା, ଗୀତକୁ ଲଗାଇବା ବେଳକୁ ଦେଖିଲା ଘଣ୍ଟାରେ ସମୟ ଦଶଟା ହୋଇଗଲାଣି । ଓଃ ବୋଧହୁଏ ଦଶମିନିଟରୁ କିଛି ଅଧିକ ସମୟ ସେ ଚେତା ହରେଇ ପଡ଼ିଥିଲା । ହେଲେ ବୁଢ଼ାଟା ଅନ୍ତତଃ ଉଠେଇ ପାରିଥାନ୍ତା । ଛାଡ଼ ଗାଁର ଗାଉଁଲି ଲୋକ, ସେ ଏତେ ଜ୍ଞାନ କୋଉଠୁ ପାଇବ ? ସେ ଗାଡ଼ିଧରି ଗାଁ ଆଡ଼କୁ ଚାଲିଲା । ନିଜ ଗାଁରେ ପହଞ୍ଚିବା ବେଳକୁ ଦଶଟା ଉପରେ ହେଲାଣି । ଘର ବାହାରେ ପଇଁତରା ଦେଉଥିଲେ ବାପା ଗାଡ଼ିକୁ ଦେଖି ପାଖକୁ ଆସିଲେ । ମୁଣ୍ଡରେ କଳାଜାମ ପଡ଼ିଯାଇଥିଲା, କଥା କଣ ପଚାରିଲେ । ରାସ୍ତାରେ ହମ୍ପ ଉପରେ ଗାଡ଼ି ଚଢ଼ିଗଲା ଆଉ ଷ୍ଟିୟରିଂରେ ମୁଣ୍ଡ ବାଜିଗଲା ବୋଲି ସେ କହିଲା । ସେ ଯା ହେଉ ଗାଁରେ ସବୁ ଅପେକ୍ଷାରେ ଥିଲେ । ଖିଆପିଆ ସାରିଦେଇ ଶୋଇବା ବେଳକୁ ରାତି ଅଧ ହେଲାଣି । ପରଦିନ ସକାଳୁ ସକାଳୁ ନିଦ ଭାଙ୍ଗିଲା ବେଳକୁ ରମେଶକୁ ତିନିଚାରିଥର ତରଳ ଝାଡ଼ା ହୋଇଗଲା ଆଉ ବାନ୍ତିମଧ୍ୟ ।





ବାପା କହୁଥିଲେ ବିଦେଶରେ ରହି ଗାଁ ପାଣି ଆଉ ପିଲା ଦେହରେ ଯାଉନି । ଦାଦା କହୁଥିଲେ, ଭଲ ହେଲା ଗାଡ଼ିନେଇ ଆସିଗଲା । ଅନ୍ଧାରରେ ଏହି ରାସ୍ତାରେ ଆସିବା ଜମା ଭଲ ନୁହେଁ । ରମେଶ ପଚାରୁଥିଲା, କାହିଁକି ? ଦାଦା କହୁଥିଲେ ଏଇ ବନ୍ଧପଲ୍ଲୀର ଗୋଟେ ନୂଆ ବାହାହେଇଥିବା ଝିଅଟେ ଜ୍ୱରରେ ପଡ଼ିଥିଲା । ତା ଚିକିତ୍ସାପାଇଁ ଶଶୁର ତା'କୁ ନେଇ ବଜାର ଯାଇଥିଲା, ଫେରିଲା ବେଳକୁ ବନ୍ଧପଲ୍ଲୀ ଗାଁ ମୁଣ୍ଡରେ ହିଁ ଅନ୍ଧାରରେ ସାଇକେଲରୁ ପଡ଼ିଗଲେ । ଜ୍ୱରରେ ଦୁର୍ବଳ ହୋଇଥିଲା ଝିଅଟା, ଆଉ ପାଚିଲା ବାଳର ବୁଢ଼ାଟା ସେଇଠି ପ୍ରାଣ ହାରିଦେଲେ । ସେଇ ଦିନଠୁ ଏହି ରାସ୍ତାରେ ଲୋକମାନେ ଅନ୍ଧାରରେ ଗଲେ ଆସିଲେ ବୁଢ଼ା ଆଉ ତା ବୋହୁକୁ ଦେଖୁଛନ୍ତି ବୋଲି କହୁଛନ୍ତି । ଦାଦାଙ୍କ କଥା ଶୁଣିବାପରେ ରମେଶର ମୁଣ୍ଡରେ ଗୋଲମାଲ ଆରମ୍ଭ ହୋଇଗଲା । ସେ କହିଲା ଦାଦା କାଲି ରାତିରେ ଗୋଟିଏ ବୁଢ଼ା ଆଉ ତା ବୋହୁକୁ ମୁଁ ଗାଡ଼ିରେ ବସେଇ ବଜାରଠୁ ବନ୍ଧପଲ୍ଲୀ ଯାଏଁ ଆଣିଥିଲି । ସେଇଠି ହଠାତ୍ ଗାଡ଼ିଟା ରାସ୍ତା ସାଇଡ଼କୁ ଚାଲିଗଲା । ଏହାପରେ ସେମାନଙ୍କୁ ଆଉ ଦେଖିପାରିଲି ନାହିଁ । ଦାଦା ତାକୁ ଟିକେ ଭଲଭାବରେ ଚାହିଁଦେଇ କହୁଥିଲେ, ଆରେ ଶୁଣୁଛ ମୁଠାଟେ ଲୁଣ ଆଉ ଚାରିଟା ଲଙ୍କା ନେଇ ଆସିଲ ।

ବୀମା ନଗର, ବ୍ରହ୍ମପୁର-୧୦
ଫୋନ୍ - ୯୦୪୦୯୮୫୪୬୩

# କପୋତୀ



ଅନୁପମ ବେହେରା

କପୋତୀଟି ତରତର ହୋଇ ଖୋଜୁଥାଏ ଖାଦ୍ୟ । ବେଳ ବୁଡିବା ପୂର୍ବରୁ ତାକୁ ଯେମିତହେଲେ ପହଞ୍ଚିବାକୁ ପଡିବ ବସାରେ । ତା କୁନ କୁନ ଛୁଆ ଗୁହିଁ ବସିଥିବେ ତା ଫେରବା ବାଟକୁ । ଅନେକ ସମୟ ଜଙ୍ଗଲ ଭିତରେ ଖୋଜାଖୋଜ କରବା ପରେ ତା ନଜର ପଡେ ଅଳ୍ପ ଦୂରରେ ଫଳଥିବା ଟିକଟିକ ଲାଲ୍ କୋଳ ଉପରେ । ଚଟ୍‌କନା ସେ ଉଡିଯାଏ ସେଇ ଗଛଟା ପାଖକୁ । ଦ ଗୁରଟା କୋଳ ଥଣ୍ଟରେ ଛଣ୍ଡେଇ ଉଡିବାକୁ ଉଦ୍ୟତ ହେଲା ବେଳକୁ ତା ଡେଣା ଛନ୍ଦି ହେଇଯାଏ ସେଇ କୋଳ ଗଛର କଣ୍ଟକତ ଡାଳ ମଧ୍ୟରେ । ସେ ମୁକୁଳବାକୁ ଶତ ଚେଷ୍ଟା କର ମଧ ହୁଏ ବଫଳ ।

କପୋତୀଟି ସାହାଯ୍ୟ ପାଇଁ ଗୁଡେ ଆତୁର ଚହ୍ଲାର । ତା ଚହ୍ଲାର ପଡେ ପାଖରେ ବୁଲୁଥିବା ଦୁଇଟି ଶୃଗାଳଙ୍କ କାନରେ । ସେମାନେ ଝପଟିଆସନ୍ତ ତା ପାଖକୁ । କପୋତୀଟି ବକଳରେ ଅନୁରୋଧ କରେ ଶୃଗାଳ ଦୁହିଁଙ୍କୁ ସାହାଯ୍ୟ କରବା ପାଇଁ । ଶୃଗାଳ ଦ୍ୱୟ ତାକୁ ଉଦ୍ଧାର କରନ୍ତ । ସେ ଧନ୍ୟବାଦ ଦେବାକୁ ଶୃଗାଳ ଦୁହିଁଙ୍କ ମୁହଁକୁ ଅନେଇଲାବେଳେ ସ୍ୱଷ୍ଟ ବାରପାରେ ତାଙ୍କ ଆଖିରେ ଥିବା ଭୋକକୁ । ତେଣୁ ସେ ସେଇ ସ୍ଥାନକୁ ଶୀଘ୍ର ପରତ୍ୟାଗ କର ଗୁଲଯିବାକୁ ଉଚତ୍ ମଣେ । କନ୍ତ ପାରେନା । ଶୃଗାଳଦ୍ୱୟ ଝାମ୍ପିପଡନ୍ତ ତା ଉପରକୁ । ତାଙ୍କ ମୁନଆଁ ମୁନଆଁ ନଖ କବଳରେ ବନ୍ଦୀ ହୋଇଯାଏ ନୀରହ କପୋତୀଟି । ସେ ଦୁହିଁଙ୍କୁ ଅନୁରୋଧ କରେ ତାକୁ ଗ୍ଡଡିଦେବାକୁ । କନ୍ତ ତା ପ୍ରାର୍ଥନା ମିଳେଇଯାଏ ଶୃଗାଳ ଅଟ୍ଟହାସ୍ୟରେ । ସେମାନେ ଲୁଟିଗୁଲନ୍ତ ତା କଅଁଳଆ ଦେହଟାକୁ । ଶୃଗାଳର ମୁନଆଁ ଦାନ୍ତ ପଶିଯାଏ କପୋତୀଟିର ବେକରେ । ପିଚ୍‌କନା ଝରେ ରକ୍ତ । ଭିଜଯାଏ ମାଟି ମା । ସୂର୍ଯ୍ୟ ଲୁଚଯାଏ ଦୂର ପାହାଡ ପଛରେ । ଜହ୍ନ ବ ଏସବୁ ଦେଖି ସହପାରେନା । ଲୁଚଯାଏ କଳାହାଣ୍ଡିଆ ବାଦଲ ପଛରେ । ଜଙ୍ଗଲଟା ହେଇଯାଏ ଶୁନ୍‌ଶାନ୍ । ଖାଲ ଶୁଭୁଥାଏ କପୋତୀର ଧିମା କ୍ରନ୍ଦନ । ତା ଥଣ୍ଟରୁ ଖସିପଡେ କୋଳଦୁଇଟା । ଶୃଗାଳଦ୍ୱୟ ନଜ ଭୋକ ମେଣ୍ଟାଇ ଗୁଲଯାଆନ୍ତ ସେ ସ୍ଥାନ ପରତ୍ୟାଗ କର । ଧିରେ ଧିରେ ଶୂନ୍ ପଡିଯାଏ କପୋତୀଟିର ଶରୀର । ବସାରେ ଶୁଭୁଥାଏ କପୋତୀର ଛୁଆଙ୍କର କ୍ରନ୍ଦନ ।

# ଏଇ ଶରତରେ



ଜଗନ୍ନାଥ ସାହୁ

ଧବଳ ଓଢଣୀ ପକାଇ ଧରଣୀ
ହସୁଅଛି ଦେଖ କେଡେ ରଙ୍ଗେ,
ଶସ୍ୟ କ୍ଷେତ୍ରରେ ସ୍ୱର୍ଣ୍ଣ ଦୋହଲେ
ନୀଳ ସାଗରର ଉର୍ମି ଭଙ୍ଗେ ।

ଚିର ସୁନ୍ଦରୀ ନୀଳ ଦୁର୍ବାଦଳ
ଖିଲ ଖିଲ ହସେ ମୁଗ୍ଧ ହୋଇ,
କାକର ବିନ୍ଦୁରେ ଝଲସି ଉଠୁଛି
ନୀଳ ଶାଢୀ ପିନ୍ଧି ସୁନ୍ଦରୀ ମହୀ ।

ନାନା ଜାତି ଫୁଲ ମହକି ଉଠୁଛି
ମଧୁର ବାସନା ମନକୁ ମୋହେ,
ଖଣ୍ଡ ଖଣ୍ଡ ଧଳା ବାଦଲ ସାଙ୍ଗରେ
ନୀଳ ଆକାଶରେ ସୁରୁଜ ଉଏଁ ।

ବରଷାର କୋପ ଯାଇଅଛି ଥମି
ଦୂରେ ଥାଇ ଶୀତ ଦେଖାଏ ମୁଖ,
ପୁଷ୍କରଣୀ ଜଳେ କୁମୁଦ, କମଳ
ଆନନ୍ଦେ ଦୋହଲି ବାଣ୍ଟନ୍ତି ସୁଖ ।

ଜଳାଶୟ ଗର୍ଭେ ମରାଳ ଖେଳନ୍ତି
ନଳିନୀ କେଶର ଗ୍ରାସିବା ପାଇଁ,
ନିରମଳ ଜଳ ସର୍ବ ମନ ମୋହେ
ଗଜହଂସୀ ଆସେ ତା' ପାଶେ ଧାଇଁ ।

ଚତୁର୍ଦ୍ଦିଗେ ଶୁଭେ ଶଙ୍ଖ ହୁଳହୁଳି
ଘଣ୍ଟ ଘଣ୍ଟାର ଘର୍ଘର ନାଦ,
ପାଦ ପକାଇଛି ପାର୍ବଣର ଋତୁ
କେଉଁଠାରେ ନାହିଁ ଭାବ ଓ ଭେଦ ।

ଦୁର୍ଗତିନାଶିନୀ ମରତେ ଆସିବେ
ମହିଷା ଅସୁର ନାଶିବା ପାଇଁ,
ଅଧର୍ମ କାଳିମା ନିର୍ବାସିତ ହେବ
ଧର୍ମର ପ୍ରକାଶ ଆସିବ ଧାଇଁ..

ଆହ୍ୱାନର ଆଗାମୀ ସଂସ୍କରଣ ନଭେମ୍ବର ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com


ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଫୋନ : ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା



ପଠାଇବାକୁ ଚ୍ଚାହାନ୍ତ ତେବେ ନଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନକୋଡ଼ ଫଣ୍ଟରେ ଟାଇପ୍ କରବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍ସ୍ଲଟେରେସନ୍) କର Microsoft Word Document ରେ ଆମ ନକଟକୁ ପଠାନ୍ତୁ, କମ୍ବା ଲେଖାକୁ ସ୍କାନ୍ କର ଜେପିଇଜ ଫର୍ମାଟରେ ଇମେଲ୍ Attachment କର ପଠାନ୍ତୁ | ଆମ ଇ-ମେଲ୍ ଠିକଣା ହେଲ୍ - aahwaan@gmail.com

ଏହ ପତ୍ରକା ଉନ୍ନତ ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ |

ଧନ୍ୟବାଦ

**ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ**

ପ୍ରତଷ୍ଠାତା-ସମ୍ପାଦକ, 'ଆହ୍ୱାନ'

ଚଳତ ସଂସ୍କରଣର ପ୍ରଚ୍ଛଦରେ ପ୍ରକାଶିତ ଛବ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟାଙ୍ଗନା ଦେବମିତ୍ରା ସେନଗୁପ୍ତାଙ୍କର ଅଟେ । ସେ ଏହ ଛବ ପ୍ରକାଶନ ପାଇଁ ଅନୁମତ ଦେଇଥିବାରୁ ଆହ୍ୱାନ ଓଡ଼ିଆ ପରବାର ତରଫରୁ ତାଙ୍କୁ ଧନ୍ୟବାଦ ।

**https://www.facebook.com/odiaparibar**

# ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦ ଏହ ସଂସ୍କରଣରେ କୌଣସି ତ୍ରୁଟିଥାଏ ତାହେଲେ ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।